NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
28 OCTOBER 2025
ମଙ୍ଗଳବାର
୨୮ ଅକ୍ଟୋବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 162 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୧୬୨ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର





## ମାଡ଼ି ଆସୁଛି 'ମୋନ୍ଥା'

## ଦେଖାଇଲାଣି ତୋଡ଼..ଗର୍ଜିଲାଣି ସମୁଦ୍ର.. ଘୋଟିଲାଣି କଳାମେଘ

# ଲ୍ୟାଣ୍ଡ୍‌ଫଲ୍ କାଉଣ୍ଟ୍‌ଡାଉନ୍ ଆରମ୍ଭ

ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍‌:



- ଘଣ୍ଟାପ୍ରତି ୧୮ କିମି ବେଗରେ ଗତି କରୁଛି 'ମୋନ୍ଥା'
- ମଙ୍ଗଳବାର ସନ୍ଧ୍ୟା କିମ୍ବା ରାତିରେ କରିବ ଲ୍ୟାଣ୍ଡ୍‌ଫଲ୍
- ମଚ୍ଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଝି କାକିନାଡ଼ାରେ ସ୍ଥଳଭାଗ ଛୁଇଁବ
- ଲ୍ୟାଣ୍ଡ୍‌ଫଲ୍‌ବେଳେ ପବନର ସର୍ବାଧିକ ବେଗ ରହିବ ୧୧୦ କିମି
- ଦକ୍ଷିଣ ଓଡ଼ିଶା ଦେଇ ଛତିଶଗଡ଼ ମୁହାଁଇବ 'ମୋନ୍ଥା'
- ଓଡ଼ିଶାରେ ପହଞ୍ଚିଲାବେଳକୁ ହୋଇସାରିଥିବ ଦୁର୍ବଳ: ଆଇଏମ୍‌ଡି ଡିଜି
- ଦକ୍ଷିଣ ଓଡ଼ିଶାର ୮ଜିଲ୍ଲାରେ ୩୦ ଯାଏଁ ସ୍କୁଲ୍ ଛୁଟି ଘୋଷଣା

ଗଭୀର ସମୁଦ୍ରରେ ବଳ ଗୋଟାଉଛି ବାତ୍ୟା 'ମୋନ୍ଥା'। ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ସନ୍ଧ୍ୟାରୁ ଲ୍ୟାଣ୍ଡ୍‌ଫଲ୍ ନେଇ ଆଜିଠୁ ଆରମ୍ଭ ହୋଇଯାଇଛି କାଉଣ୍ଟ୍‌ଡାଉନ୍। ସ୍ଥଳଭାଗରେ ୧୧୦ କିମି ବେଗରେ ମାଡ଼ ହେବ ସାମୁଦ୍ରିକ ଝଡ଼। ଆଇଏମ୍‌ଡିର ଅନୁମାନ ବାତ୍ୟା ଦକ୍ଷିଣ ଓଡ଼ିଶା ଦେଇ ଛତିଶଗଡ଼ ମୁହାଁ ହେବ। ଅଶାନ୍ତ ସମୁଦ୍ରରୁ ମାଡ଼ି ଆସୁଛି ବାତ୍ୟା। ମଝିରେ ଆଉ ମାତ୍ର ୨୪ ଘଣ୍ଟା ବାକି। ଆରମ୍ଭ ହେଲାଣି 'ମୋନ୍ଥା'ର ଲ୍ୟାଣ୍ଡ୍‌ଫଲ୍ କାଉଣ୍ଟ୍‌ଡାଉନ୍। ବଙ୍ଗୋପସାଗରରେ ଭୀଷଣ ରୂପ ଧରି ସ୍ଥଳଭାଗ ମୁହାଁ ସାଇକ୍ଲୋନ୍‌ର ଏବେ ଘଣ୍ଟା ପ୍ରତି ବେଗ ୧୮ କିମି। କାକାଡ଼ିନାଡ଼ା ଠାରୁ ୫୦୦ ଓ ଗୋପାଳପୁର ଠାରୁ ୭୦୦ କିମି ଦୂର ଗଭୀର ସମୁଦ୍ରରେ ଆହୁରି ବଳ ଗୋଟାଉଛି, ଘଣ୍ଟା ପ୍ରତି ୮୦ କିମି ବେଗରେ ପବନ ବହୁଛି। ଭୀଷଣ ବାତ୍ୟାର ରୂପ ନେଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ମୁହାଁ ହୋଇ ସ୍ଥଳଭାଗ ଛୁଇଁବ। ଭାରତୀୟ ପାଣିପାଗ ବିଭାଗର ପୂର୍ବ ଆକଳନ ମୁତାବକ ମଙ୍ଗଳବାର ସନ୍ଧ୍ୟାରୁ ମଧ୍ୟରାତ୍ରୀ ଭିତରେ ଆନ୍ଧ୍ରପ୍ରଦେଶର ମଚ୍ଛଲିପଟ୍ଟନମ୍ ଓ କଳିଙ୍ଗପଟ୍ଟନମ୍ ମଝି କାକିନାଡ଼ା ବାଟେ ଅତିକ୍ରମ କରିବ।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ କାକିନାଡ଼ାରେ ବାତ୍ୟା ଲ୍ୟାଣ୍ଡ୍‌ଫଲ୍‌ବେଳେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି, ଏପରିକି ଅତିବେଶୀରେ ୧୧୦ କିମି ଛୁଇଁପାରେ। କାକିନାଡ଼ା ଜିଲ୍ଲା ପ୍ରଶାସନ ଡେରା ପକାଇ ସ୍ଥିତି ଉପରେ କଡ଼ା ନଜର ରଖିଛି। ମତ୍ସ୍ୟଜୀବୀଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ ପରାମର୍ଶ ଦେବା ସହ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକୀୟ ସାମଗ୍ରୀ ମହଜୁଦ କରୁଛି। ତେବେ ଲ୍ୟାଣ୍ଡ୍‌ଫଲ ବେଳେ କେଉଁ ଦିଗକୁ ମୋଡ଼ି ହେବ 'ମୋନ୍ଥା'? କେତେ ପର୍ଯ୍ୟନ୍ତ ରହିବ କୋପ ?ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଅଧିକ ସୂଚନା ଦେଇ କହିଛନ୍ତି ଯେ ▶▶ ୫

### ସରକାରଙ୍କ ଲକ୍ଷ୍ୟ

## ଜିରୋ କାଜୁଆଲିଟି

ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍‌:



କେହି ଭୟଭୀତ ହୁଅନ୍ତୁ ନାହିଁ, ଜିରୋ କାଜୁଆଲିଟି ଆମର ଲକ୍ଷ୍ୟ। ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ପରେ ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।ଆଜି ଶ୍ରୀ ପୂଜାରୀ, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍‌କମିଶନର ଦେଓରଞ୍ଜନ କୁମାର ସିଂ, ଅଗ୍ନିଶମ ଡି.ଜି. ସୁଧାଂଶୁ ଷଡଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଛନ୍ତି। ଏହି ବିଭାଗଗୁଡ଼ିକ ସେମାନଙ୍କର ଜିଲ୍ଲାୱାରୀ ସମୀକ୍ଷା ବୈଠକ ଓ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ରାଜସ୍ୱ ମନ୍ତ୍ରୀଙ୍କୁ ▶▶ ୫

## ନିର୍ବାଚନ ଆୟୋଗଙ୍କ ବଡ଼ ଘୋଷଣା

# ୧୨ ପ୍ରଦେଶରେ ଲାଗୁ ହେବ ଏସ୍‌ଆଇଆର୍

ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:



ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ପୁଙ୍ଖାନୁପୁଙ୍ଖ ପୁନଃନିରୀକ୍ଷଣ ବା ଏସ୍‌ଆଇଆର୍-୨.୦ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏସ୍‌ଆଇଆର୍‌ର ଏହା ଦ୍ୱିତୀୟ ପର୍ଯ୍ୟାୟ ହୋଇଥିବାରୁ ଏହାକୁ ଏସ୍‌ଆଇଆର୍-୨.୦ ଭାବେ ନାମିତ କରାଯାଉଛି। ଏହି ପର୍ଯ୍ୟାୟ ପାଇଁ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ମନୋନୀତ କରାଯାଇଛି। ତେବେ ଏହି ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନର ସମ୍ମୁଖୀନ ହେବାକୁ ଥିବା ୫ ରାଜ୍ୟ ମଧ୍ୟରୁ ୪ ରାଜ୍ୟ ସାମିଲ ରହିଛନ୍ତି। କେବଳ ଆସାମ୍‌କୁ ଏବେ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି।

ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ଜ୍ଞାନେଶ କୁମାର କହିଛନ୍ତି, ଯେଉଁ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ କାର୍ଯ୍ୟକାରୀ କରାଯିବ ସେଥିମଧ୍ୟରେ ଆଣ୍ଡାମାନ ନିକୋବର, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଆଦି ସାମିଲ ଅଛନ୍ତି। ପ୍ରକାଶ, ପୂର୍ବରୁ ଆସାମକୁ ମଧ୍ୟ ଏହି ପର୍ଯ୍ୟାୟ ପାଇଁ ସାମିଲ କରାଯାଇପାରେ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ନିର୍ବାଚନ କମିଶନ ଆସାମ୍‌କୁ ବର୍ତ୍ତମାନ ସମୟ ପାଇଁ ବାଦ୍ ଦେଇଛନ୍ତି। ଏସମ୍ପର୍କରେ ପଚରାଯିବାରୁ, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କହିଛନ୍ତି ଯେ ▶▶ ୫

### ସମ୍ପତ୍ତି ବିବରଣୀ ଦାଖଲ ନକଲେ

## ହେବନି ପଦୋନ୍ନତି

ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍‌:

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ ନକଲେ କର୍ମଚାରୀମାନେ ପଦୋନ୍ନତି ପାଇଁ ଯୋଗ୍ୟ ହେବେ ନାହିଁ ବୋଲି ଓଡ଼ିଶା ସରକାର ସ୍ପଷ୍ଟ କରିଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ,

### ସରକାରୀ ବାବୁଙ୍କୁ ଛାଟ

ଆରଡିସି ଏବଂ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଅନେକ ସରକାରୀ କର୍ମଚାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୨୦୨୪ବର୍ଷର ସେମାନଙ୍କର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିନାହାନ୍ତି। ସମ୍ପତ୍ତି ବିବରଣୀ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି କରାଯିବ ନାହିଁ। ବହୁ ସଂଖ୍ୟକ କର୍ମଚାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍ ମାଧ୍ୟମରେ ସେମାନଙ୍କର ବାର୍ଷିକ ସମ୍ପତ୍ତି ▶▶ ୫




## ମୁମ୍ବାଇରେ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫

# ୫୦ ହଜାର କୋଟି ଟଙ୍କାର ଏମ୍‌ଓୟୁ



ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍‌:

ଦୃଢ଼ ବନ୍ଦର-ଭିତ୍ତିକ ଅର୍ଥନୀତି ନିମନ୍ତେ ଓଡ଼ିଶା ସରକାର ପ୍ରତିବଦ୍ଧ। ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗାଇ ନେବା ଉଦ୍ଦେଶ୍ୟରେ ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଓ ନିଯୁକ୍ତିର ଇଞ୍ଜିନରେ ଭାବେ ପରିଣତ କରିବାକୁ ପଡ଼ିବ। ୨୦୪୭ ସୁଦ୍ଧା ଓଡ଼ିଶାର ବନ୍ଦର କ୍ଷମତା ୫୦୦ ନିୟୁତ ଟନ୍ ହେବା ନେଇ ଲକ୍ଷ୍ୟ ରହିଛି। ସେଥିପାଇଁ ବିଭିନ୍ନ କମ୍ପାନୀ ସହିତ ୫୦ ହଜାର କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷର (ଏମ୍‌ଓୟୁ) ହୋଇଛି। ସେଥିମଧ୍ୟରେ ହଜାରେ କୋଟିର କ୍ରୁଜ୍ ଟର୍ମିନାଲ ବିକାଶ ଓ କ୍ରୁଜ୍ ଟର୍ମିନାଲ ପାଇଁ ହୋଇଥିବା ଏମଓୟୁ ଅନ୍ୟତମ।ମୁମ୍ବାଇରେ ଅନୁଷ୍ଠିତ ଭାରତ ସାମୁଦ୍ରିକ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ ଉଦ୍‌ଘାଟନୀ

### ୨୦୪୭ ସୁଦ୍ଧା ଓଡ଼ିଶାର ବନ୍ଦର କ୍ଷମତା ୫୦୦ ନିୟୁତ ଟନ୍ : ମୁଖ୍ୟମନ୍ତ୍ରୀ

ଅଧିବେଶନରେ ଯୋଗ ଦେଇ ସୋମବାର ଏହା କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ମହାରାଷ୍ଟ୍ରର ମୁମ୍ବାଇଠାରେ 'ଇଣ୍ଡିଆ ମାରିଟାଇମ୍ ୱିକ୍ - ୨୦୨୫' (ଭାରତ ସାମୁଦ୍ରିକ ସପ୍ତାହ) ଉଦଘାଟନ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ଗୋଆର ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ▶▶ ୫

# ‘ନିଧି ଆପ୍‌କେ ନିକଟ୍’ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ




**ରଙ୍ଗେଇଲୁଣ୍ଡା,୨୭।୧୦/ଏନ୍‌ଏନ୍‌ଏସ୍:** ନିଷ୍ଟ ବିଶ୍ୱବିଦ୍ୟାଳୟ ରେ ‘ନିଧି ଆପ୍‌କେ ନିକଟ୍’ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟ ବୀମା ନିଗମ ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଅଧୀନରେ ଲାଭ ଏବଂ ଉଦ୍ଦେଶ୍ୟଗୁଡ଼ିକୁ ସମସ୍ତ କର୍ମଚାରୀଙ୍କ ନିକଟତର କରିବା ପାଇଁ ଆକାଉଣ୍ଟ ବିଭାଗ ତରଫରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ପ୍ରୋଭିଡେଣ୍ଟ ପାଣ୍ଠିର ଆଞ୍ଚଳିକ ନିର୍ଦ୍ଦେଶକ ମୌସୁମୀ ଲତା ପାଢ଼ୀ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ନୋଡାଲ ଅଧିକାରୀ ପ୍ରଭାତ କୁମାର ମହାରଣା କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ସୁବିଧା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଇଏସ୍‌ଆଇର ଶାଖା ପରିଚାଳିକା ସ୍ନେହ ସିଦ୍ଧି ଏବଂ ଇଏସ୍‌ଆଇର ଇନ୍ସପେକ୍ଟର ସନ୍ଦୀପ ସ୍ୱାଇଁ ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସୁବିଧା ସୁନିଶ୍ଚିତ କରିବାରେ କର୍ମଚାରୀ ରାଜ୍ୟ ବୀମା କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଚିଫ୍ ଫାଇନାନ୍ସ ଅଫିସର୍ ସିଏ ସୈନିକ ବିଭୁତିରାୟ, ଅଶୋକ ସାମନ୍ତରାୟ, ରବୀନ୍ଦ୍ର ବେହେରା, ସୌମ୍ୟା ମୁଦୁଲି, ରଶ୍ମିତା ମିଶ୍ର, ବୃନ୍ଦାବନ ବଳିୟାରସିଂ, ପିତାମ୍ବର ସାହୁ, ଦୁର୍ଗାମାଧବ ପାଢ଼ୀ, ସନ୍ତୋଷ ନାୟକଙ୍କ ନେତୃତ୍ୱରେ ସୁଚାରୁ ଭାବେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ ଧନ୍ୟବାଦ୍ ଦେଇଥିଲେ।

## ସମ୍ଭାବ୍ୟ ବାତ୍ୟା ପାଇଁ ମହାନଗର ନିଗମର ପ୍ରସ୍ତୁତି

# ନାଳ, ନର୍ଦ୍ଦମା ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ, କମିଶନର୍

**ବ୍ରହ୍ମପୁର,୨୭।୧୦/ଏନ୍‌ଏନ୍‌ଏସ୍:** ସମ୍ଭାବ୍ୟ ବାତ୍ୟା ‘ମୋନ୍ଥା’ର ସଫଳ ମୁକାବିଲା ପାଇଁ ବ୍ରହ୍ମପୁର ମହାନଗର ନିଗମ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗର ଅଧିକାରୀମାନେ ସଜାଗ ହୋଇ ରହିଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭାସନ ଆଜି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଥିବା ଦୁଇଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ବିଜୁ କଲ୍ୟାଣ ମଣ୍ଡପ ଏବଂ କମାପଲ୍ଲୀ ଶିବ ମନ୍ଦିର କଲ୍ୟାଣ ମଣ୍ଡପ ପରିଦର୍ଶନ କରିଥିଲେ। ସେଠାରୁ ଗଜପତି ନଗର ଜଳବନ୍ଦୀ ପ୍ରବଣ ଅଞ୍ଚଳ ଗସ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସହ ଆଲୋଚନା କରିଥିଲେ।



ସେହିପରି ଜିଲ୍ଲାପାଳ ଶ୍ରୀ ଭାସନ୍ ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳ ବୁଲିବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ପରିଦର୍ଶନ କରିଛନ୍ତି। ବର୍ଷା ଲାଗି ରହିଲେ ସୃଷ୍ଟି ହେବାକୁ ଥିବା ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ମେଡିକାଲ ପରିସରରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଯଦି କୌଣସି ପ୍ରକାର ସମସ୍ୟା ସୃଷ୍ଟି ହୁଏ ତେବେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସମାଧାନ କରିବାକୁ ଜିଲ୍ଲାପାଳ ଶ୍ରୀ ଭାସନ୍ କହିଛନ୍ତି। ଏଥିସହ ମେଡିକାଲ ପରିସରରେ ବର୍ଷା ଜଳ ଜମି ରହିଲେ, ଜଳ ନିଷ୍କାସନ ପାଇଁ ବିଏମ୍‌ସି ଦ୍ୱାରା ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ନିୟୋଜିତ ରଖାଯାଇଛି। ସେହିପରି ସହରରେ ଜଳବନ୍ଦୀ ସମସ୍ୟା ଯେଭଳି ସୃଷ୍ଟି ନ ହୁଏ, ସେଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଭାସି ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଗମ ଦ୍ୱାରା ୨୨ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହୋଇଥିବା ବେଳେ ସୋମବାର ପ୍ରଥମ ପର୍ଯ୍ୟାୟରେ ୯୦୫ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ପ୍ରତି ଆଶ୍ରୟସ୍ଥଳୀରେ ତିନୋଟି ସିଫ୍ଟରେ କର୍ମଚାରୀ କାମ କରିବେ। ଆଶ୍ରୟସ୍ଥଳୀରେ ଆଲୋକ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଫାଷ୍ଟଏଡ୍ କିଟ୍, ସାନିଟାରୀ ପ୍ୟାଡ୍, ମଶା ଧୂପ ଓ ପାଇଖାନାର ବ୍ୟବସ୍ଥା କରାଯାଇଛି। ନଗର ନିଗମରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାମ କରୁଛି। ଯାହାର ନମ୍ବର ୭୬୦୮୮୮୦୪୮୦ରେ ଯୋଗାଯୋଗ କରି ଜନସାଧାରଣ ସମସ୍ୟା ଜଣାଇପାରିବେ। ଜଳବନ୍ଦୀ ଏବଂ ରାସ୍ତା ଅବରୋଧର ସମାଧାନ ପାଇଁ ଅତିରିକ୍ତ ଯାନବାହାନ, ଯନ୍ତ୍ରପାତି, ସଫେଇ କର୍ମଚାରୀଙ୍କ ବନ୍ଦୋବସ୍ତ ହୋଇଛି। ୱାଟ୍‌କୋ ଏବଂ ଅଗ୍ନିଶମ ବିଭାଗ ସହ ଲଗାତାର ସମନ୍ୱୟ ଜାରି ରହିଛି। କମିଶନରଙ୍କ ଦ୍ୱାରା ଆହୁତ ଆଭାସି ବୈଠକରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର୍, ଡେପୁଟି କମିଶନର୍, ସିଟି ଇଞ୍ଜିନିୟର୍ ଏବଂ ଅନ୍ୟ ସହକର୍ମୀ ସାମିଲ ହୋଇଥିଲେ। ଦୁର୍ଘଟଣା ପ୍ରବଣ ଖୋଲା ଡ୍ରେନ୍‌ଗୁଡ଼ିକର ବ୍ୟାରିକେଡିଙ୍ଗ୍ ଏବଂ ବୁଲା ଗାଈଗୋରୁଙ୍କ ସୁରକ୍ଷିତ ସ୍ଥାନାନ୍ତର ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

# ବୋଲେରୋ ଧକ୍କାରେ ଜଣେ ଗୁରୁତର

**ବୁଗୁଡ଼ା,୨୭।୧୦/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବ୍ଲକର କଞ୍ଚୁରୁ ଗ୍ରାମ ନିକଟ ରାସ୍ତାରେ ବୋଲେରୋ ଧକ୍କାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ ମାଣିକ୍ୟପୁର ଗ୍ରାମର ବାବୁଲି ନାୟକ(୪୩)। ପ୍ରକାଶ ଯେ ସୋମବାର ସକାଳେ ବାବୁଲି ବୁଗୁଡାରୁ ଏକ୍ସିଲ୍ ଯୋଗେ ଗାଁକୁ ଫେରୁଥିବା ବେଳେ କଞ୍ଚୁରୁ ଗ୍ରାମର କୁକୁଡା ଫାର୍ମ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ବୋଲେରୋ ଗାଡ଼ି ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ଚାଲିଯାଇଥିଲା। ସେ ତାଙ୍କର ଏକ୍ସିଲ୍ ଗାଡ଼ି ସହ ରାସ୍ତାକଡ଼କୁ ଫୋପାଡ଼ି ହୋଇ ପଡ଼ିଥିଲେ। ତାଙ୍କୁ ଆହତ ଅବସ୍ଥାରେ ସେଠାରୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ ତାଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଥିବା ବେଳେ ବାମ ପାଦ ଓ ମୁହଁରେ ମଧ୍ୟ ଆଘାତ ଲାଗିଛି। ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି।

# ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ,୨୭।୧୦/ଏନ୍‌ଏନ୍‌ଏସ୍:** ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୫ ବର୍ଷିଆ ନାବାଳିକାର ଦୁଷ୍କର୍ମ ମାମଲାର ବିଚାର ୧୭ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଆଧାରରେ ବିଚାର କରି ରିତିକ୍ ଦିଗାଲ୍ (୧୯)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତର ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସାଇନପଡ଼ା ଅଞ୍ଚଳରେ। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

ସୂଚନା ଅନୁସାରେ ପୀଡ଼ିତା ସ୍ଥାନୀୟ ଏକ ସରକାରୀ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲା। ୨୦୨୪ ନଭେମ୍ବର ୨୧ ତାରିଖରେ ରିତିକ୍ ପୀଡ଼ିତାକୁ ବାଇକ୍‌ରେ ବସେଇ ନିଜ ମାମୁଘରକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲା। ପୀଡ଼ିତାର ପିତା ଝିଅ ଘରକୁ ନ ଫେରିବାରୁ ସବୁଆଡ଼େ ଖୋଜାଖୋଜି କରି ନିରାଶ ହୋଇ ଫୁଲବାଣୀ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରଇଥିଲେ। ଏତଲା ପ୍ରକାରେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା। ଥାନାଧିକାରୀ କେସ୍ ନମ୍ବର ୨୫୯/୨୪ରେ ଏକ ମାମଲା ରୁଜୁ କରି ଏସ୍‌ଆଇ ମନୋରଞ୍ଜନ ଭୋଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ବିଚାରକରି ଉପରୋକ୍ତ ଦଣ୍ଡାଦେଶ ଦିଆଯାଇଛି। ପୀଡ଼ିତାକୁ କ୍ଷତି ପୂରଣ ବାବଦକୁ ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ କୋର୍ଟ ଜିଲ୍ଲା ଲିଗାଲ୍ ଏଡ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

# ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ଭିଡ଼



**ବୁଗୁଡ଼ା,୨୭।୧୦/ଏନ୍‌ଏନ୍‌ଏସ୍:** ପୁଣ୍ୟ ଓ ଧର୍ମ ମାସ କାର୍ତ୍ତିକର ତୃତୀୟ ସୋମବାରରେ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଛି। ପ୍ରାତଃକାଳରୁ ହିଁ ବୁଦ୍ଧଖୋଲ ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା। ଭକ୍ତମାନେ ପାହାଚ ଚଢ଼ି ଓ ଘାଟି ରାସ୍ତାରେ ଯାଇ ବୁଦ୍ଧଖୋଲ ପାହାଡ଼ ଉପରେ ଥିବା ପଞ୍ଚଶମ୍ଭୁଙ୍କ ଦର୍ଶନ ଲାଭ କରିଥିଲେ। ଅନ୍ୟପକ୍ଷରେ ବୁଦ୍ଧଖୋଲ ପାଦଦେଶର ବିଭିନ୍ନ ସ୍ଥାନରେ ଲୋକେ ରୋଷେଇ କରି ଭୋଜିଭାତର ଆସର ଜମେଇ ମେଘୁଆ ପାଗର ମଜା ନେଉଥିବା ବେଳେ ହଠାତ୍ ଅପରାହ୍ଣରେ ଅସରାଏ ବର୍ଷା ହେବାରୁ ସମସ୍ତଙ୍କୁ କିଛିଟା ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବର୍ଷା ଥମିଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲେ ବି ବୁଦ୍ଧଖୋଲ ଅଭିମୁଖେ ଶ୍ରଦ୍ଧାଳୁଙ୍କ ଯାତ୍ରାରେ ହ୍ରାସ ଘଟିଥିଲା। ତେବେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଯାନବାହନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ନିୟୋଜିତ ରହିଥିଲେ।

# ବୁଗୁଡ଼ା-ଆସିକା ମୁଖ୍ୟ ସଡ଼କରେ ଖାଲ



**ବୁଗୁଡ଼ା,୨୭।୧୦/ଏନ୍‌ଏନ୍‌ଏସ୍:** ବୁଗୁଡ଼ା-ଆସିକା ମୁଖ୍ୟ ସଡ଼କର ବାଲିପଦର ଉପକଣ୍ଠସ୍ଥ ପେଟ୍ରୋଲ ପମ୍ପ ନିକଟ ସମ୍ମୁଖ ରାସ୍ତା ମଝିରେ ଥିବା ଦୁଇଟି ବଡ଼ ଖାଲ ଅନେକ ଦୁର୍ଘଟଣାର କାରଣ ପାଲଟିଛି। ବାଲିପଦରଠାରୁ ଆସିକା ମଧ୍ୟରେ ଯାତାୟାତବେଳେ ଏହି ଖାଲ ରାସ୍ତା ନିକଟରେ ସାମ୍ନା ପଟୁ ଆସୁଥିବା ଯାନବାହନଠାରୁ ସୁରକ୍ଷିତ ମଣିବା କଷ୍ଟକର ହୋଇପଡୁଛି। ବିଶେଷକରି ବର୍ଷା କାଳରେ ପାଣି ଭର୍ତ୍ତି ଖାଲର ଗଭୀରତା ଜଣାପଡୁନଥିବାରୁ ଯାତାୟାତ କରୁଥିବା ଯାନବାହନର ଚାଳକମାନେ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେବେ ସ୍ଥାନୀୟ ପୂର୍ତ୍ତ ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଜ୍ଜନକ ଖାଲ ଯୋଗୁ ସୃଷ୍ଟ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ଦାବି ହେଉଛି।

## ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

# ଅଣ-ସାକ୍ଷରଙ୍କ ମୁହଁରେ ହସ ଭରୁଛି ‘ଉଲ୍ଲାସ’

**ଆସିକା,୨୭।୧୦/ଏନ୍‌ଏନ୍‌ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ କ୍ଲଷ୍ଟର ଅଧିନସ୍ଥ ପ୍ରାୟ ୧୧୫ଟି କେନ୍ଦ୍ରରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନଳବଣ୍ଟା, କାଳକଣ୍ଠପୁର, ଆସିକା, ଖାରିଆ, କେ.ନୂଆପଲ୍ଲୀ, ଗଙ୍ଗାପୁର, ବାବନପୁର, ଭେଟନଈ, ବଡ଼ଖୋଲି, କେନ୍ଦୁପଦର, ନିମିନା, ହରିଡ଼ାପଦର, ବାଲିସିରା କ୍ଲଷ୍ଟର୍ ଅଧୀନସ୍ଥ ପ୍ରାୟ ୧୧୫ଟି କେନ୍ଦ୍ରରେ ସରକାରୀ ବିଦ୍ୟାଳୟର ନିରକ୍ଷର ଓ ସ୍ୱଳ୍ପ ସାକ୍ଷର ଅଭିଭାବକମାନଙ୍କୁ ନେଇ ଫାଉଣ୍ଡେସନ୍ ଲିଟରେସି ନ୍ୟୁମରେସି ଆସେସ୍‌ମେଣ୍ଟ ୨୦୨୫ ଉଲ୍ଲାସ ନାମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ପ୍ରାୟ ୧୧୫ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୩୫୧୯ ଜଣ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ପରୀକ୍ଷା ଦେବା ପାଇଁ ନାମ ପଞ୍ଜିକୃତ କରିଥିଲେ। ସେଥି ମଧ୍ୟରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଅଣ-ସାକ୍ଷର ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସାହିତ୍ୟ ଭିତ୍ତିକ ଓ ଗଣିତ ସମ୍ବଳିତ ୫୦ ମାର୍କର ପରୀକ୍ଷା ପାଇଁ ଅଭିଭାବକମାନଙ୍କୁ ୨ ଘଣ୍ଟା ସମୟ ଦିଆଯାଇଥିଲା। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ତଥା



ଏବିଇଓ ବିଭୁନନ୍ଦନ ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭଞ୍ଜ ବେହେରା ଓ ଶିବରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପରିଚାଳନାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧାମୋହନ ଡାକୁଆ, ଶିଶିରକାନ୍ତ ବେହେରା, ରଞ୍ଜିତା ପାତ୍ର, ଚନ୍ଦ୍ରଶେଖର ସ୍ୱାଇଁ, ଅର୍ଚ୍ଚନା ବେହେରା, ସୌଦାମିନୀ ହୋତା, ଟୁଲୁ ସେଠୀ, ସରୋଜ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ସତ୍ୟନାରାୟଣ ସେଠୀ, ବାଳକୃଷ୍ଣ ହୋତା, ସାରଙ୍ଗଧର ଦାଶ, ସନ୍ତୋଷ କୁମାରୀ ଶତପଥୀ, ସନ୍ତୋଷ କୁମାର ବେହେରା, ଗଣପତି ସେଠୀ, ସୁମନ ବାଡ଼ତ୍ୟା, ପଦ୍ମଚରଣ ସେଠୀ, ମନୋଜ କୁମାର ବେହେରା, ସୁଦାମ ବାଡ଼ତ୍ୟା, ଅଞ୍ଜୁକ୍ତାରାଣୀ ପଟ୍ଟନାୟକ, ସୂର୍ଯ୍ୟମଣି ନାହାକ, ରବୀନ୍ଦ୍ରନାଥ କର, ସନ୍ତୋଷ କୁମାର ବିଶ୍ୱାଳ, ଦିନେଶ୍ ଚନ୍ଦ୍ର ପାତ୍ର, ଭବାନୀ ପ୍ରସାଦ ଦାଶ, କାଳୀଚରଣ ପଟ୍ଟନାୟକ, ଦୁତୀକୃଷ୍ଣ ବେହେରା, କାଳୁଚରଣ ସେଠୀ, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ପରୀକ୍ଷା ଦେବାକୁ ପଞ୍ଜିକୃତ କରିଥିବା ଅଭିଭାବକମାନଙ୍କୁ ପୂର୍ବରୁ ଉଲ୍ଲାସ ପୁସ୍ତିକ ପ୍ରଦାନ କରାଯାଇଥଲା। ମୋବାଇଲ୍ ଆପ୍ ମାଧ୍ୟମରେ ଅଭିଭାବକମାନେ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିଲେ। ଘରୋଇ ବିଦ୍ୟାଳୟ ଭଳି ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ନିଜ ଘରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୧୫ ବର୍ଷରୁ ଅଧିକ ବୟସ୍କ ନିରକ୍ଷରମାନଙ୍କୁ ସାକ୍ଷର କରିବା। ଅଣ-ସାକ୍ଷରମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହତ୍ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# କାଳୀ ଓ ଗୋଲିଆରେ ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ

**ବୁଗୁଡ଼ା,୨୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମଦନ ମୋହନ ଛକ ପୂଜା ମଣ୍ଡପରେ ଗତ ଦୀପାବଳିଠାରୁ ପୂଜା ପାଇ ଆସୁଥିବା ମା’ କାଳୀଙ୍କ ବିସର୍ଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଦ୍ୟ ବାଜଣା ଓ ବାଣ ରୋଶଣିରେ ମା’ଙ୍କୁ ବିଦାୟ ଦିଆଯାଇଥିଲା। ସେହିପରି ଗୋଲିଆ ଗ୍ରାମରେ ମା’ ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ ପୁରୋହିତମାନଙ୍କ ଦ୍ୱାରା ମା’ଙ୍କ ପୂଜାର୍ଚ୍ଚନା ଯଥା ରୀତିନୀତି ପ୍ରକାରେ ସମ୍ପନ୍ନ ପରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।



## କାର୍ତ୍ତିକ ତୃତୀୟ ସୋମବାର

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ



**ଆସିକା,୨୭।୧୦/ଏନ୍‌ଏନ୍‌ଏସ୍:** ଧର୍ମର ମାସ କାର୍ତ୍ତିକର ତୃତୀୟ ସୋମବାର ଅବସରରେ ଆସିକା ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଆସିକା ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠରୂପେ ପରିଚିତ ପୁଡୁଗେଶ୍ୱର, ସୁବର୍ଣ୍ଣେଶ୍ୱର, ବାଲୁଙ୍କେଶ୍ୱର, ତ୍ରିବିଦ୍ଧେଶ୍ୱର, ନର୍ମଦେଶ୍ୱର, କପିଳେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନେ ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ଲାଗି ଭିଡ଼ ଜମାଇଥିଲେ। ଭୋର ସମୟରେ ଶ୍ରଦ୍ଧାଳୁ ମହିଳାମାନେ ପବିତ୍ର ଋଷିକୂଲ୍ୟା ନଦୀରେ କାର୍ତ୍ତିକ ସ୍ନାନ ସହ ବାଲୁକା ପୂଜାସାରି କୋଟି ଜନ୍ମର ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ଶିବ ମନ୍ଦିରଗୁଡ଼ିକରେ ଭିଡ଼ ଜମାଇଥିଲେ। ଏହି ଅବସରରେ ମନ୍ଦିରଗୁଡ଼ିକରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ତ୍ତିକ ମାସ ହେଉଛି ଭାଗବତ ଆରାଧନାରେ ସମୟ ବିତାଇବାର ମାସ। ସେଥିପାଇଁ ବିଶେଷ କରି ହିନ୍ଦୁ ସମ୍ପ୍ରଦାୟର ମହିଳାମାନେ ଏବେ ଚଳଚଞ୍ଚଳ। କାର୍ତ୍ତିକ ମାସର ତୃତୀୟ ସୋମବାର ଅବସରରେ ମହିଳାମାନେ ପ୍ରତ୍ୟୁଷରୁ ଉଠି ସ୍ନାନ ସାରି ମନ୍ଦିର ଖୋଲିବା ମାତ୍ରେ ଦେବ ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ମହିଳାମାନେ ସକାଳୁ ସକାଳୁ ଫଳ, ଫୁଲ, ଦୀପ, ଧୂପ ଧରି ପବିତ୍ର ଋଷିକୁଲ୍ୟା ନଦୀରେ ବାଲୁକାପୂଜା ସାରି ମନ୍ଦିରରେ ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଓଁ ନମଃ ଶିବାୟ ମନ୍ତ୍ର ଧ୍ୱନିରେ କମ୍ପି ଉଠିଥିଲା ଶୈବପୀଠ ପରିସର। ମନରେ ପ୍ରବଳ ଉତ୍ସାହ ଓ ଭକ୍ତିସହ ପୂଜାର୍ଚ୍ଚନାରେ ନିମଗ୍ନ ରହିଥିଲେ ଶ୍ରଦ୍ଧାଳୁ।

## ନଳବଣ୍ଟା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

# ପ୍ରତିଭା ପ୍ରଦର୍ଶନ କଲେ ଶତାଧିକ ଛାତ୍ରଛାତ୍ରୀ

**ଆସିକା,୨୭।୧୦/ଏନ୍‌ଏନ୍‌ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ନଳବଣ୍ଟା କ୍ଲଷ୍ଟର ପକ୍ଷରୁ ଏ. ଖଣ୍ଡଦେଉଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନଳବଣ୍ଟା କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସରୋଜ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବେହେରା ଯୋଗଦେଇ ଶିଶୁ ମହୋତ୍ସବ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଓ ବିକାଶ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କହିଥିଲେ। ସୁରଭି କାର୍ଯ୍ୟକ୍ରମର କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରଛାତ୍ରୀ ବକ୍ତୃତା, ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ଶ୍ରୁତଲିଖନ, ଗୀତ, ସାଧାରଣ ଜ୍ଞାନ, ନୃତ୍ୟ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଗୋଷ୍ଠୀଗତ ନୃତ୍ୟ ପ୍ରତିଯୋଗିତାରେ ଆକର୍ଷଣୀୟ ହୋଇଥିଲା। ଗୋଷ୍ଠୀଗତ ନୃତ୍ୟରେ ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠର ବିଦ୍ୟାର୍ଥୀମାନେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନଶିକ୍ଷକ ସତ୍ୟନାରାୟଣ ପାଢ଼ୀ, ମନୋରମା ପାତ୍ର, କବିତା କୁମାରୀ ତ୍ରିପାଠୀ, ସୁଜାତା କୁମାରୀ ପଣ୍ଡା, ସୁଦର୍ଶନ ନାହାକ, ରଞ୍ଜୁଲତା ପାତ୍ର, ଉଦୟନାଥ ସ୍ୱାଇଁ, କାଳଣଚରଣ ବେହେରା, କାଳୀଚରଣ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର୍ ଅଧୀନସ୍ଥ ୧୨ଟି ବିଭିନ୍ନ ବିଦ୍ୟାଳୟର ଶତାଧୀକ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



# ବାତ୍ୟାର ପ୍ରାକ୍ ପ୍ରସ୍ତୁତି

ବଳ ଗୋଟାଇ ମାଡ଼ି ଆସୁଛି 'ମୋନ୍ଥା'। ତେବେ ଏହାର ପ୍ରାକ୍ ପ୍ରଭାବ ସ୍ୱରୂପ ସାରା ରାଜ୍ୟରେ ଆରମ୍ଭ ହେଲାଣି ବର୍ଷା, ବଢ଼ିଲାଣି ପବନ। ଏବେଠୁ କାକିନାଡ଼ାରେ ପଡ଼ିଲାଣି ବାତ୍ୟା ପ୍ରଭାବ। ସମୁଦ୍ର ଅଶାନ୍ତ ହେବା ସହିତ ବର୍ଷା ବି ଆରମ୍ଭ ହୋଇଗଲାଣି। ଆସନ୍ତାକାଲି ସକାଳୁ ପବନର ବେଗ ବଢ଼ିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପଟେ ଓଡ଼ିଶାରେ ବି 'ମୋନ୍ଥା'ର ପ୍ରଭାବ ଦେଖିବାକୁ ମିଳିଲାଣି । ଓଡ଼ିଶାର କେତେକ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ବାଲେଶ୍ୱରରୁ ଖୋର୍ଦ୍ଧା ସବୁଠି ମେଘାଚ୍ଛନ୍ନ ରହିଛି ଆକାଶ। ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ନେଇ ସବୁ ପଦକ୍ଷେପ ନିଆଯାଉଛି।

## ଗ୍ରାଉଣ୍ଡରେ ଟିମ୍ ତୟାର୍

## ଭୂସ୍ଖଳନ ଡର: ହାଇଆଲର୍ଟରେ ୧୩୦ ଅଗ୍ନିଶମ ଟିମ୍



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା ପ୍ରଭାବରେ ରାଜ୍ୟରେ ଭୂସ୍ଖଳନ ଆଶଙ୍କା ରହିଛି। ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ଅଗ୍ନିଶମ ବାହିନୀ। ଅଧିକ ବର୍ଷା ଥିବାରୁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଗଜପତି ଜିଲ୍ଲାରେ ୩/୪ଟି ବ୍ଲକ୍ ରେ ଭୂସ୍ଖଳନ ଆଶଙ୍କା ରହିଛି। ରାୟଗଡ଼ା, ମାଲକାନଗିରିରେ ମଧ ଭୂସ୍ଖଳନ ହୋଇପାରେ। ପାହାଡ଼ ପାଦ ଦେଶରେ ଥିବା ଲୋକେ ଆଶ୍ରୟସ୍ଥଳକୁ ଯାଆନ୍ତୁ। ମାଟି ଓଦା ଥିବାରୁ ଅଧିକ ବର୍ଷା ହେଲେ ମାଟି ଧସିପାରେ। ଆମ ପାଇଁ ଏଥର ପବନ ଅପେକ୍ଷା ବର୍ଷା ଅଧିକ ଚ୍ୟାଲେଞ୍ଜ। ୧୩୦ଟି ଟିମ୍ ପ୍ରସ୍ତୁତ ହୋଇ ରହିଛି, ପରିସ୍ଥିତିକୁ ମୁକାବିଲା କରିବୁ ବୋଲି ଅଗ୍ନିଶମ ଡିଜି କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଆମ ପାଇଁ ଏଥର ପବନ ଅପେକ୍ଷା ବର୍ଷା ଅଧିକ ଚ୍ୟାଲେଞ୍ଜ୍।


ଅଗ୍ନିଶମ ବିଭାଗ ବାତ୍ୟାକୁ ନେଇ ଯଥେଷ୍ଟ ତତ୍ପରତା ଦେଖାଇଛି। ଚଳିତ ବାତ୍ୟାର ବଡ଼ ଆହ୍ୱାନ ହେଉଛି ପାହାଡ଼ରୁ ମାଟି ଅତଡ଼ା ଖସିବା। ଯାହାକୁ ନେଇ ସତର୍କ ରହିବାକୁ ପଡ଼ିବ। ବିଶେଷ କରି ଗଜପତି ଜିଲ୍ଲା ଉଦୟଗିରିର ଗୁମା, ମୋହନ ରାୟଗଡା ବ୍ଲକରେ ମାଟି ଅତଡ଼ା ଖସିବାର ସମ୍ଭାବନା ରହିଛି। ମାଲକାନଗିରି ଖଇରୀପୁଟ ବଣ୍ଡା ଘାଟିରେ ସମେତ ଚିତ୍ରକୁଣ୍ଡା, କଳାହାଣ୍ଡିର କଳିଙ୍ଗଘଟି, ଦାରିଙ୍ଗବାଡ଼ି ଅଂଚଳରେ ପାହାଡରୁ ଅତଡ଼ା ଖସିବାରେ ସମ୍ଭାବନା ରହିଛି। ତେଣୁ ସେଠାରେ ସତର୍କ ରହିବା ଆବଶ୍ୟକ। ସାଧାରଣ ଜନତା ଯେଉଁମାନେ ପାହାଡ ନିକଟରେ ଘର କରି ରହିଛନ୍ତି ସେମାନେ ଆଶ୍ରୟସ୍ଥଳକୁ ଯିବା ପାଇଁ ଅଗ୍ନିଶମ ବିଭାଗ ପରାମର୍ଶ ଦେଇଛି । ବିଭାଗ କହିଛି, ଯଦି କୌଣସି ଅସୁବିଧା ହୁଏ ତେବେ ତୁରନ୍ତ ପ୍ରଶାସନର ସହଯୋଗ ନିଅନ୍ତୁ । ଅଧିକ ବର୍ଷା ପାଇଁ ଡଙ୍ଗା ରହିଛି। ପମ୍ପ ମଧ ଯୋଗାଇ ଦିଆଯାଉଛି। ଅନେକ ଅଗ୍ନିଶମ କର୍ମଚାରୀଙ୍କୁ ଦକ୍ଷିଣ ଓଡିଶାକୁ ପଠାଇ ଦିଆଯାଇଛି । ଗଜପତି, ବ୍ରହ୍ମପୁର, ମାଲକାନଗିରି, କୋରାପୁଟ ଅଂଚଳକୁ ୧୩୦ ଟିମ ଯାଇଛନ୍ତି। ସମସ୍ତ ପ୍ରସ୍ତୁତି ସରିଛି ବୋଲି ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।




## ୧୦୭୩ ମହିଳାଙ୍କୁ ମାତୃଗୃହ, ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା 'ମୋନ୍ଥା'ର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଜିଲ୍ଲା ଚିକିତ୍ସାଳୟ, ମେଡିକାଲ କଲେଜ୍ ଓ ହସପିଟାଲ ଏବଂ ବିଭିନ୍ନସ୍ତରରେ ଥିବା ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କର ପ୍ରସ୍ତୁତି ବିଷୟରେ ଆଜି ସନ୍ଧ୍ୟାରେ ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ. ଭିଡିଓ କନଫରେନସିଂ ମାଧ୍ୟମରେ ସମୀକ୍ଷା କରିଥିଲେ।ଆସନ୍ନପ୍ରସବା ମହିଳାମାନଙ୍କୁ ମାତୃ ଗୃହ, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲମାନଙ୍କୁ ସ୍ଥାନାନ୍ତର, ହସ୍ପିଟାଲରେ ଡି.ଜି ସେଟ୍, ଇନଭର୍ଟର ସ୍ଥାପନ, ଯଥେଷ୍ଟ ପରିମାଣର ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ, ସାଲାଇନ୍ ଓ ଓଆର୍ଏସ୍, ହାଲୋଜେନ୍ ବଟିକା, ବ୍ଲିଚିଂ ପାଉଡର୍ ଏବଂ ଅନେକ ଜୀବନ ରକ୍ଷାକାରୀ ଔଷଧ ମହଜୁଦ, ଆମ୍ବୁଲାନ୍ସ ପାଇଁ ଆବଶ୍ୟକୀୟ ଡିଜେଲ ତେଲ, ରୋଗୀମାନଙ୍କ ନିମନ୍ତେ ଆବଶ୍ୟକୀୟ ପଥି ଓ ଶୁଖିଲା ଖାଦ୍ୟ ଆଦିର ଆଗୁଆ ମହଜୁଦ, ଆବଶ୍ୟକୀୟ ମାନବ ସମ୍ବଳ ମୁତୟନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ବିଷୟରେ ବାସ୍ତବ ସ୍ଥିତି ଜଣାଇଥିଲେ। ସମସ୍ତ ଡାକ୍ତର ଫାର୍ମାସିଷ୍ଟ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ସଜାଗ ଓ ସକ୍ରିୟ ଅଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ତୁରନ୍ତ ସହାୟତା ନିମନ୍ତେ ରାପିଡ ଆକ୍ସନ ଟିମ୍ ଗଠନ କରାଯାଇଛି ଏବଂ ସେମାନଙ୍କୁ ଗାଡ଼ି, ସରଞ୍ଜାମ ଓ ସହାୟକ ଆଦି ଯୋଗାଇ ଦିଆଯାଇଛି। ଆଜି ଅପରାହ୍ଣ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୪୫୧୧ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ସହ ସ୍ୱାସ୍ଥ୍ୟକର୍ମୀମାନେ ସିଧାସଳଖ ଯୋଗାଯୋଗରେ ଅଛନ୍ତି। ଏମାନଙ୍କ ମଧ୍ୟରେ ରେଡ ୱାର୍ଣ୍ଣିଂଥିବା ୮ଟି ଜିଲ୍ଲାର ୩୮୨୩ ମହିଳା ଅନ୍ତର୍ଭୁକ୍ତ। ତଳୁଆ, ସମ୍ବେଦନଶୀଳ ଏବଂ ଅତ୍ୟଧିକ ବର୍ଷା ହେତୁ ରାସ୍ତା ସଂଯୋଗ ବିଚ୍ଛିନ୍ନ ସମ୍ଭାବନା ଥିବା ସ୍ଥାନଗୁଡିକରୁ ଆଜି ସନ୍ଧ୍ୟା ସୁଦ୍ଧା ୧୦୭୩ ଜଣ ମହିଳାଙ୍କୁ ମାତୃଗୃହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରୁ ଚିହ୍ନିତ ମହିଳାମାନଙ୍କର ଶତ ପ୍ରତିଶତ ସ୍ଥାନାନ୍ତର ନିଶ୍ଚିତ କରିବାକୁ ଶାସନ ସଚିବ ଅଶ୍ୱତୀ ଏସ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନାନ୍ତର ହୋଇଥିବା ମହିଳାମାନଙ୍କ ମଧ୍ୟରୁ ୨୦୨ ଜଣ ନିରାପଦ ମାତୃତ୍ୱ ଲାଭ କରିଛନ୍ତି। ଜିଲ୍ଲା ଜରୁରୀକାଳୀନ ୟୁନିଟ ସହ ବରାବର ଯୋଗାଯୋଗ କରି ଆବଶ୍ୟକୀୟ ସ୍ଥାନମାନଙ୍କରେ ଆଗୁଆ ଆମ୍ବୁଲାନ୍ସ ସବୁ ପ୍ରସ୍ତୁତ ରଖିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ମେଡିକାଲ କଲେଜ୍ ଓ ହସପିଟାଲ ଗୁଡିକର ସୁପରିଟେଣ୍ଡମାନଙ୍କୁ ପୂର୍ଣ୍ଣ ପ୍ରସ୍ତୁତ ରହିବା ଏବଂ ସେମାନଙ୍କ ପାଖାପାଖି ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱତନ୍ତ୍ର ଶାସନ ସଚିବ ଡ଼ାକ୍ତର ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ନିରାପଦ ମାତୃତ୍ୱ ଲାଭ କରିଛନ୍ତି ୨୦୨**




## ପର୍ଯ୍ୟଟକଙ୍କୁ ଗୋପାଳପୁର ବେଳାଭୂମି ମନା



**ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ**

**ବ୍ରହ୍ମପୁର,୨୭।୧୦/ଏନ୍ଏନ୍ଏସ୍:** ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ପ୍ରଭାବ ଗଞ୍ଜାମ ଜିଲ୍ଲାରେ ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଆଜି ଗୋପାଳପୁର ବେଳାଭୂମି ପରିଦର୍ଶନ କରିଥିଲେ। ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କୁ ବାରଣ କରାଯିବା ସହ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ତ ଲଜ୍‌ଗୁଡିକରେ ପର୍ଯ୍ୟଟକଙ୍କ ପାଇଁ ବୁକ୍ ନ ରଖିବାକୁ କୁହାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରକାରେ ଆସନ୍ତା ଦୁଇଦିନ ଧରି ସମ୍ଭାବ୍ୟା ବାତ୍ୟା 'ମୋନ୍ଥା'ର ପ୍ରଭାବ ଗଞ୍ଜାମ ଜିଲ୍ଲାରେ ଅନୁଭୂତ ହେବ। ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପବନ ବୋହିବା ସହ ପ୍ରବଳରୁ ଅତି ପ୍ରବଳ ମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଛି। ଆଜି ସକାଳେ ସାମାନ୍ୟ ବର୍ଷା ହେବା ସହ ପାଗ ମେଘୁଆ ରହିଥିଲା। ସେପଟେ ଗୋପାଳପୁର ସମୁଦ୍ର ମଧ ଅଶାନ୍ତ ରହିଥିଲା। ପର୍ଯ୍ୟଟକଙ୍କୁ ବେଳାଭୂମିକୁ ମନା କରାଯାଇଛି। ଆଜି ବେଳାଭୂମିକୁ ବୁଲିବାକୁ ଆସିଥିବା କିଛି ପର୍ଯ୍ୟଟକଙ୍କୁ ସେଠାରେ ନିୟୋଜିତ ଲାଇଫ୍ ଗାର୍ଡ ଓ ପୁଲିସ୍ ପକ୍ଷରୁ ବାରଣ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ବୁଲି ଦେଖିବା ପରେ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳି ପରିଦର୍ଶନ କରିଥିଲେ। ୩ ନମ୍ବର ୱାର୍ଡ ଅନ୍ତର୍ଗତ ଆଶ୍ରୟସ୍ଥଳି ଗୁଡିକରେ ବିଦ୍ୟୁତ୍ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ରହିଛି କି ନାହିଁ ତାହା ପଚାରି ବୁଝିଥିଲେ ଜିଲ୍ଲାପାଳ। ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳର କଚ୍ଚା ଘରେ ଏବଂ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ମତ୍ସ୍ୟଜୀବୀଙ୍କୁ ମାଛ ମାରିବା ପାଇଁ ସମୁଦ୍ରକୁ ନ ଯିବା ଲାଗି କୁହାଯାଇଛି।

## କଳିଙ୍ଗା ଘାଟି ସିଲ୍ କଲା ପ୍ରଶାସନ

**କନ୍ଧମାଳ,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା 'ମୋନ୍ଥା' ର ପ୍ରଭାବକୁ ଦେଖି କନ୍ଧମାଳ ଜିଲ୍ଲା ପାଇଁ ପାଣିପାଗ ବିଭାଗ ରେଡ ୱାର୍ଣ୍ଣିଂ ଜାରି କରିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କଳିଙ୍ଗା ଘାଟିକୁ ସଂପୂର୍ଣ୍ଣ ଭାବରେ ସିଲ୍ କରିଦେଇଛି ପ୍ରଶାସନ। ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଭୂସ୍ଖଳନ ସ୍ଥାନରେ ପୁଣି ଭୂସ୍ଖଳନ ହେବା ସମ୍ଭାବନା ସହିତ ଅନ୍ୟ ସ୍ଥାନରେ ମଧ ଭୂସ୍ଖଳନ ହେବାର ଆଶଙ୍କା ଯୋଗୁଁ ପ୍ରଶାସନ ପକ୍ଷରୁ କଳିଙ୍ଗା ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ନାକା କରି ସିଲ୍ କରାଯାଇଛି। ଘାଟିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହିତ ଘାଟି ଉପରକୁ ଯିବାକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାରେ ୨୮ ଓ ୨୯ ତାରିଖରେ ଭାରୀ ବର୍ଷା ସହ ୬୦ରୁ ୯୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ପାହାଡ଼ିଆ ଅଞ୍ଚଳ, ବିଶେଷକରି କଳିଙ୍ଗା ଘାଟି ଅଞ୍ଚଳକୁ ସର୍ବାଧିକ ସତର୍କ ଅଞ୍ଚଳ ଭାବେ ଘୋଷଣା କରାଯାଇଛି।

## ଘୋଡ଼ାହାଡ଼ ଡ୍ୟାମରୁ ଛଡ଼ାଗଲା ପାଣି

**ସାନଖେମୁଣ୍ଡି,୨୭।୧୦/ଏନ୍ଏନ୍ଏସ୍:** ସୋମବାର ସକାଳୁ ଗଜପତି ଜିଲ୍ଲା ସମେତ ଦିଗପହଣ୍ଡି ସାନଖେମୁଣ୍ଡି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ବର୍ଷା ଯୋଗୁଁ ଜଳସମ୍ପଦ ବିଭାଗ ଅଧିନ ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ଡ୍ୟାମରୁ ସ୍ପିଲ୍ ୱେ ମୁଖ୍ୟ ଫାଟକର ୨ଟି ଗେଟ୍ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ାଯାଉଥିବା ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ନଦୀ ତଟବର୍ତ୍ତୀ ସାନଖେମୁଣ୍ଡି ଦିଗପହଣ୍ଡି ବ୍ଲକର ଗୋଲଣ୍ଡା, ମଧୁବନ, ସେବକ ଟିକରପଡ଼ା, କଇଠଖଣ୍ଡି, ବୁରିପଦର, ପେଣ୍ଠା, ତଲାସିଙ୍ଗି, ଗୁମା, ପନାଡ, ଜକମେରିପଲ୍ଲୀ, ଜଲମେରିପଲ୍ଲୀ, ଧେରେଣ୍ଡୀ, ମଳାଭଞ୍ଜା, ଆମ୍ବ ଗାଁ, ତିଳେଶ୍ୱର, ମହାନଳା, ପଲାଶପୁର, ନୂଆଗଡ଼, ଖୁଲଡି, ଜଲମରା, ଭୁଇପଲ୍ଲୀ, ପାଟପୁର, ଗ୍ରାମବାସୀଙ୍କୁ ନଦୀ ମଧ୍ୟକୁ ନଯିବା ସହ କୌଣସି ଗୃହପାଳିତ ପ୍ରାଣୀମାନଙ୍କୁ ନଛାଡିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ସୋମବାର ସକାଳ ସୁଦ୍ଧା ଜଳଭଣ୍ଡାରରେ ୮୭.୫ ଭାଗ ଅର୍ଥାତ୍ ୧୧୬.୫୦ ମିଟର ପାଣି ଗଚ୍ଛିତ ରହିଥିଲା। ଡ୍ୟାମରୁ ନଦୀଗର୍ଭକୁ ପାଣି ଛଡ଼ାଯାଇଥିବା ସମ୍ପର୍କରେ ଜଳସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ନିକଟସ୍ଥ ଥାନା ଓ ଦମକଳ କେନ୍ଦ୍ର ଗୁଡ଼ିକୁ ସୂଚନା ଦିଆଯାଇଥିବା ଜଣାପଡିଛି। ସନ୍ଧ୍ୟା ସୁଦ୍ଧା ଡ୍ୟାମ ଇଲାକାରେ ମାତ୍ର ୫ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଖୋର୍ଦ୍ଧା ଜିଲ୍ଲାରେ ୨ ଦିନ ସ୍କୁଲ୍,ଅଙ୍ଗନବାଡ଼ି ଛୁଟି

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା ପାଇଁ ଖୋର୍ଦ୍ଧା ଜିଲ୍ଲାରେ ୨ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସ୍କୁଲ ସହ ଅଙ୍ଗନୱାଡ଼ି କେନ୍ଦ୍ର ଆସନ୍ତାକାଲି ତଥା ୨୮ତାରିଖ ଏବଂ ୨୯ରେ ଛୁଟି ନେଇ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଆସନ୍ତାକାଲିଠୁ ୩୦ ଯାଏ ୮ ଜିଲ୍ଲାରେ ସ୍କୁଲ ବନ୍ଦ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସ୍କୁଲ ବନ୍ଦ ରହିବ। ଏହା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

### କୃଷି ବିଭାଗର ପ୍ରସ୍ତୁତି ବୈଠକ

## ୩୧ଯାଏଁ ସମସ୍ତ କୃଷି ଅଧିକାରୀଙ୍କ ଛୁଟି ବାତିଲ୍



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୩୧ ତାରିଖ ଯାଏଁ କୌଣସି କୃଷି ଅଧିକାରୀ ଛୁଟି ନେଇପାରିବେ ନାହିଁ ବୋଲି ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ ନିଆଯାଇପାରେ। ଏହାବ୍ୟତୀତ, କୃଷି ବିଭାଗ ଦ୍ୱାରା ଜାରୀ ହୋଇଥିବା ପରାମର୍ଶକୁ ଚାଷୀଙ୍କ ନିକଟକୁ ସମସ୍ତ ପ୍ରକାର ମାଧ୍ୟମରେ ପହଞ୍ଚାଇବା ଜରୁରୀ। ଯଥା ଅମଳ ସରିଥିବା ଫସଲକୁ ଉଚ୍ଚ ତଥା ସୁରକ୍ଷିତ ସ୍ଥାନରେ ଘୋଡ଼ାଇ ରଖିବା, ଜମିରୁ ଜଳ ନିଷ୍କାସନ ଇତ୍ୟାଦି। ବାତ୍ୟା ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ, ଜମିରୁ ପାଣି ଛାଡ଼ିଗଲା ମାତ୍ରେ, କୃଷି ଅଧିକାରୀମାନେ ତୁରନ୍ତ ବିଲକୁ ଯାଇ ଫସଲ କ୍ଷୟକ୍ଷତିର ଆକଳନ କରିବେ। ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଫସଲ କ୍ଷୟକ୍ଷତି ଆକଳନରେ କୌଣସି ବି କ୍ଷତିଗ୍ରସ୍ତଚାଷୀ ବାଦ ନ ପଡ଼ିବା ଆବଶ୍ୟକ। ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୪.୧୭ ଲକ୍ଷ ହେକ୍ଟର ଚାଷଜମି ବୀମାଭୁକ୍ତ ଅଟେ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନୁବନ୍ଧିତ ଚାଷୀ ବୀମା ବାବଦରେ ଏନସିଆଇପି ପୋର୍ଟାଲରେ ଆବେଦନ କରିପାରିବେ, କିମ୍ବା ଟୋଲ ଫ୍ରି ନମ୍ବର ୧୪୪୪୭ ରେ କଲ କରିପାରିବେ କିମ୍ବା ୭୦୬୫୫୧୪୪୪୭ ରେ ଯୋଗାଯୋଗ କରିପାରିବେ । କୃଷି ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମର ପ୍ରସ୍ତୁତି ମଧ ଶେଷ ହୋଇଛି। ସମସ୍ତ ପ୍ରକାର ମୁକାବିଲା ପାଇଁ କୃଷି ବିଭାଗ ସଜାଗ ରହିଛି। ଏହି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ସଚିବ ଡ଼ ଗଣେଶ୍ୱର ଜେନା, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀମାନେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ।



### ଜେଡିୟୁ ପରେ ଏବେ ବିଜେପି

# ୪ ନେତା ୬ ବର୍ଷ ପାଇଁ ଦଳରୁ ବହିଷ୍କୃତ


**ପାଟନା, ୨୭।୧୦/ଏଜେନ୍ସି:** ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ଜେଡିୟୁ ଏବଂ ବିଜେପି ପକ୍ଷରୁ ଦଳଗତ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଏବେ ନିଜ ନେତାମାନଙ୍କୁ ଦଳରୁ ବହିଷ୍କାର କରାଯାଉଥିବାର ଦେଖିବାକୁ ମିଳିଛି। ଦିନକ ପୂର୍ବେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ଆଧାରରେ ପ୍ରାୟ ୧୬ଜଣ ନେତାଙ୍କୁ ଦଳରୁ ବହିଷ୍କାର କରିଥିଲେ ଯେଉଁଥିରେ କିଛି ଏବେର ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ମଧ୍ୟ ସାମିଲ ଥିବା ଜଣାପଡିଛି। ସେହିପରି ନୀତୀଶଙ୍କ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଦିନକ ପରେ ବିଜେପି ମଧ୍ୟ ଦଳ ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ ଦେଖାଉଥିବା ଏବଂ ଦଳରେ ବିଶୃଙ୍ଖଳିତ ଆଚରଣ, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଆଦି ଅଭିଯୋଗ ଆଧାରରେ ଦଳର ୪ଜଣ ନେତାଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରିଛି। ଏମାନେ ହେଲେ କହଲଗାଓଁ ବିଧାନସଭା ଆସନରୁ ପବନ ଯାଦବ, ବାହାଦୁରଗଞ୍ଜ ଆସନରୁ ବରୁଣ ସିଂହ, ଗୋପାଳଗଞ୍ଜ ଆସନରୁ ଅନୁପ କୁମାର ଶ୍ରୀବାସ୍ତବ ଏବଂ ବରହରା ଆସନରୁ ସୂର୍ଯ୍ୟ ଭାନ ସିଂହ ପ୍ରମୁଖ।

ବିଧାନସଭା ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଉଭୟ ଦଳ ପକ୍ଷରୁ ଏପ୍ରକାର କାର୍ଯ୍ୟାନୁଷ୍ଠାନ କେତେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିବା ବେଳେ ଉଭୟ ଦଳ କହିଛନ୍ତି ଯେ କୌଣସି ପରିସ୍ଥିତିରେ ମଧ୍ୟ କେହି ଦଳୀୟ ଶୃଙ୍ଖଳାରୁ ଊର୍ଦ୍ଧ୍ୱରେ ନୁହଁନ୍ତି। ଉଲ୍ଲେଖନୀୟ ଯେ ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଟିକଟ ବଣ୍ଟନକୁ ନେଇ ସମସ୍ତ ଦଳ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଯେଉଁମାନଙ୍କୁ ଏଥର ଟିକଟ ଦିଆଯାଇନାହିଁ ମୁଖ୍ୟତଃ ସେହି ନେତାମାନେ ହିଁ ଦଳ ବିରୋଧରେ ଯାଇ ନିଜ ନିଜ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେଉଛନ୍ତି। ବିଜେପି ଏହି ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ଗ୍ରହଣ କରି ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ କେହି ଦଳୀୟ ଶୃଙ୍ଖଳାରୁ ଊର୍ଦ୍ଧ୍ୱରେ ନୁହଁନ୍ତି।

### ଦୁର୍ଘଟଣା ନୁହେଁ, ଲିଭ୍-ଇନ୍ ପାର୍ଟନରଙ୍କୁ ଯୋଜନାବଦ୍ଧ ହତ୍ୟା

# ଅଭିଯୁକ୍ତା ପ୍ରେମିକା, ଏକ୍ସ ବୟଫ୍ରେଣ୍ଡ୍ ସହ ୪ ଗିରଫ

**ନୂଆଦିଲ୍ଲୀ, ୨୭।୧୦/ଏଜେନ୍ସି:** ଦିଲ୍ଲୀର ତିମାରପୁର ପୁଲିସ୍ ଷ୍ଟେଶନ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଅକ୍ଟୋବର ୬ରେ ଗାନ୍ଧୀ ବିହାର ଅଞ୍ଚଳର ଏକ ଫ୍ଲାଟ୍‌ରେ ଜଣେ ଯୁବକଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିଥିଲା। ପ୍ରାରମ୍ଭରେ ପୁଲିସ ଏହି ମାମଲାକୁ ଏକ ଦୁର୍ଘଟଣା ଭାବରେ ଗ୍ରହଣ କରିଥିଲେ ମଧ୍ୟ ତଦନ୍ତ ଜାରି ରଖିଥିଲା। ତେବେ ତଦନ୍ତରୁ ଏବେ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ବାସ୍ତବରେ ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ନଥିଲା, ଏହା ଏକ ସୁଚିନ୍ତିତ ଏବଂ ୱେଲ୍ ପ୍ଲାନ୍‌ଡ ମର୍ଡର ଥିଲା। ଯୁବକଙ୍କ ହତ୍ୟାକାରୀ ଆଉ କେହି ନୁହଁନ୍ତି ବରଂ ତାଙ୍କ ସହ ଲିଭ୍-ଇନ୍‌ରେ ରହୁଥିବା ତାଙ୍କ ପ୍ରେମିକା ହିଁ ଏସବୁ ପଛରେ ମାଷ୍ଟରମାଇଣ୍ଡ ରହିଥିବା ପୁଲିସ୍ ଜାଣିବାକୁ ପାଇଛି।



ପୁଲିସ୍ ରିପୋର୍ଟ ଅନୁସାରେ ମୃତ ଯୁବକଙ୍କ ନାମ ରାମକେଶ ମୀନା ଏବଂ ସେ ରାଜସ୍ଥାନର ଅଲୱାରର ବାସିନ୍ଦା ଥିଲେ। ତେବେ ସେ ଦିଲ୍ଲୀର ଏନ୍‌ଏସ୍‌ଆଇଟି ନାମକ ଏକ ଇନ୍‌ଷ୍ଟିଚ୍ୟୁଟ୍‌ରୁ ବି.ଟେକ୍ ଡିଗ୍ରୀ ହାସଲ କରିବା ପରେ ସିଭିଲ ସର୍ଭିସେସ ପରୀକ୍ଷା ପାଇଁ ଏଠାରେ ରହି ପ୍ରସ୍ତୁତ ହେଉଥିଲେ। କିନ୍ତୁ ଏହି ସମୟରେ ଅମ୍ରିତା ନାମ୍ନୀ ଜଣେ ଯୁବତୀ ତାଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଉଭୟ ଗୋଟିଏ ଫ୍ଲାଟ୍‌ରେ ଲିଭ୍-ଇନ୍‌ରେ ରହୁଥିଲେ। ତେବେ ଏଠାରେ ରହିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ଏକାଧିକ ତର ଶାରୀରିକ ସମ୍ପର୍କ ମଧ୍ୟ ହୋଇଥିଲା ଯାହାର ସବୁ ଭିଡିଓକୁ ନିଜ ମୋବାଇଲ୍‌ରେ ରେକର୍ଡ କରି ରଖିଥିଲେ ରାମକେଶ ମୀନା। ତେବେ ଏସବୁ ଜାଣିବା ପରେ ଯେତେବେଳେ ଅମ୍ରିତା, ରାମକେଶଙ୍କୁ ଏସବୁ ଡିଲିଟ୍ କରିଦେବାକୁ ବାରମ୍ବାର ଅନୁରୋଧ କରୁଥିଲେ ମଧ୍ୟ ରାମକେଶ ଏପରି କରିନଥିଲେ ଓଲଟା ଅମ୍ରିତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଅନ୍ୟ ଉପାୟ ନପାଇ ଅମ୍ରିତା, ନିଜ ପୂର୍ବତନ ବୟଫ୍ରେଣ୍ଡଙ୍କ ସହ କଥା ହୋଇ ରାମକେଶଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ।

ଅମ୍ରିତା ନିଜର ପୂର୍ବତନ ପ୍ରେମିକ ଏବଂ ଅନ୍ୟ କିଛି ବନ୍ଧୁଙ୍କ ସହିତ ମିଶି ପ୍ରଥମେ ରାମକେଶଙ୍କୁ ସେହି ଫ୍ଲାଟ୍‌ରେ ହିଁ ଗଳାକାଟି ହତ୍ୟା କରିଥିଲେ ଏବଂ ତା'ପରେ ଘିଅ, ମଦ ଏବଂ ତେଲ ଆଦି ଢ଼ାଳି କୋଠରୀରେ ନିଆଁ ଲଗାଇ ଦେଇ ସେଠାରୁ ସମସ୍ତେ ଫେରାର ହୋଇଯାଇଥିଲେ। ପୁଲିସ୍ ଉଭୟ ଅମ୍ରିତା ଏବଂ ତାଙ୍କ ପୂର୍ବତନ ପ୍ରେମିକ ଏବଂ ଅନ୍ୟ ଦୁଇ ଯୁବକଙ୍କୁ (ହତ୍ୟାକାଣ୍ଡରେ ସହଯୋଗ କରିଥିବା) ଗିରଫ କରିଛି ଏବଂ ଉଭୟ ରାମକେଶଙ୍କ ହତ୍ୟା କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି।

### ବୁଲା କୁକୁର ମାମଲା

# ସତ୍ୟପାଠ ଦାଖଲ ହୋଇନଥିବାରୁ ରାଜ୍ୟ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭।୧୦/ଏଜେନ୍ସି:** ଦେଶରେ ବୁଲା କୁକୁର ସମସ୍ୟାର ସମାଧାନ ପାଇଁ କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପରେ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। କେବଳ ସେତିକି ନୁହେଁ ଏହା ଉପରେ କେଉଁ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବା ରାଜ୍ୟୱାରୀ ଏପର୍ଯ୍ୟନ୍ତ କେତେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି, ସେନେଇ ଏକ ବିସ୍ତୃତ ରିପୋର୍ଟ ସହ ଏକ ସତ୍ୟପାଠ ମଧ୍ୟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଗତ ଅଗଷ୍ଟ ୨୨ ତାରିଖରେ ଆସିଥିଲା ଏବଂ ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ବର୍ତ୍ତମାନ ସୁଦ୍ଧା କେବଳ ପଶ୍ଚିମବଙ୍ଗ, ତେଲେଙ୍ଗାନା ଏବଂ ଦିଲ୍ଲୀ ନଗର ନିଗମ ଏପର୍ଯ୍ୟନ୍ତ ବୁଲା କୁକୁର ମାମଲାରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଅନ୍ୟ ରାଜ୍ୟଙ୍କ ପକ୍ଷରୁ ଏନେଇ କୌଣସି ସତ୍ୟପାଠ ଏପର୍ଯ୍ୟନ୍ତ ଦାଖଲ ହୋଇନଥିବାରୁ ସୋମବାର ସୁପ୍ରିମକୋର୍ଟ ଅତ୍ୟନ୍ତ କଡା ଶବ୍ଦରେ ରାଜ୍ୟ ସରକାରମାନଙ୍କୁ ଭର୍ତ୍ସନା କରିଛନ୍ତି।




ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍ ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନା ବ୍ୟତୀତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ନଭେମ୍ବର ୩ ତାରିଖରେ ବ୍ୟକ୍ତିଗତ ଉପସ୍ଥିତିରେ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁମାନେ ଏପର୍ଯ୍ୟନ୍ତ କାହିଁକି ଅନୁପାଳନ ଶପଥପତ୍ର ଦାଖଲ କରାଯାଇ ନାହିଁ ତାହା ଖଣ୍ଡପୀଠଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ରଖିବେ। ଶୁଣାଣି ଅବସରରେ ଜଷ୍ଟିସ୍ ନାଥ କହିଛନ୍ତି, 'ସମସ୍ତ ମୁଖ୍ୟ ସଚିବ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବାକୁ ପଡ଼ିବ। ନଚେତ୍, ଆମେ (ଏକ) ଅଡିଟୋରିୟମ୍‌ରେ କୋର୍ଟ କରିବୁ। ଯଦି ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନେ ହାଜର ନ ହୁଅନ୍ତି, ତେବେ ସେମାନଙ୍କୁ ଜରିମାନା ଲଗାଯିବ କିମ୍ବା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।' ସେହିପରି ଖଣ୍ଡପୀଠ ଦିଲ୍ଲୀ ମୁଖ୍ୟ ସଚିବଙ୍କୁ ମଧ୍ୟ ସମନ କରିଛନ୍ତି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଦିଲ୍ଲୀ ନଗର ନିଗମ ଏକ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଦିଲ୍ଲୀ ସରକାର ଏପର୍ଯ୍ୟନ୍ତ ଏହାର ଜବାବ ଦାଖଲ କରିନାହାଁନ୍ତି। ଫଳସ୍ୱରୂପ, କୋର୍ଟ ନଭେମ୍ବର ୩ରେ ପରବର୍ତ୍ତୀ ଶୁଣାଣି ସମୟରେ ଦିଲ୍ଲୀ ମୁଖ୍ୟ ସଚିବଙ୍କ ଉପସ୍ଥିତି ଚାହୁଁଛନ୍ତି।

ପ୍ରକାଶ, ବୁଲା କୁକୁର ସମସ୍ୟା କେବଳ ଦିଲ୍ଲୀ-ଏନସିଆର ପର୍ଯ୍ୟନ୍ତ ସୀମିତ ଥିଲା। କିନ୍ତୁ ଅଗଷ୍ଟ ୨୨ ତାରିଖରେ ସୁପ୍ରିମକୋର୍ଟ ଏହାକୁ ସମଗ୍ର ଭାରତର ସମସ୍ୟା ବୋଲି କହିଥିଲେ ଏବଂ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ କୁହାଯାଇଥିଲା।

# ମୁମ୍ବାଇରୁ ୬ ଆଫଗାନ୍ ନାଗରିକ ଗିରଫ



**ମୁମ୍ବାଇ, ୨୭।୧୦/ଏଜେନ୍ସି:** ମୁମ୍ବାଇ ପୁଲିସ ସୋମବାର ୬ ସନ୍ଦିଗ୍ଧ ଆଫଗାନ ନାଗରିକଙ୍କୁ ଗିରଫ କରିଛି। ଏମାନେ ସମସ୍ତେ ଜାଲ କାଗଜପତ୍ର ଆଧାରରେ ଭାରତକୁ ଆସିଥିବା ବେଳେ ମୁମ୍ବାଇରେ ରହୁଥିଲେ। ତେବେ ସ୍ଥାନୀୟ କିଛି ଲୋକଙ୍କର ଏମାନଙ୍କ ଉପରେ ବେଶ୍ କିଛି ଦିନ ଧରି ସନ୍ଦେହ ହେବାରୁ ପୁଲିସ୍‌ରେ ସୂଚନା ଦେଇଥିଲେ। ପୁଲିସ୍ ଯେତେବେଳେ ଏମାନଙ୍କୁ ଆସି ପଚରାଉଚରା କରିଥିଲା ଏବଂ ସେମାନଙ୍କ ନାଗରିକତା ପ୍ରମାଣପତ୍ର ଦେଖାଇବାକୁ କହିଥିଲା ସେମାନେ କୌଣସି ବୈଧ କାଗଜପତ୍ର ଦେଖାଇପାରିନଥିଲେ, ଯାହା ଫଳରେ ପୁଲିସ ସେମାନଙ୍କୁ ଗିରଫ କରିଛି। ତେବେ ସମସ୍ତ ଆଫଗାନ ନାଗରିକଙ୍କୁ ଚିହ୍ନଟ କରାଯାଇଛି ଏବଂ ଏମାନଙ୍କୁ ଖୁବ୍‌ଶୀଘ୍ର ସେମାନଙ୍କ ଦେଶ ଆଫଗାନିସ୍ତାନକୁ ପଠାଇ ଦିଆଯିବ ବୋଲି ପୁଲିସ କହିଛି। ପୁଲିସ ଅନୁସାରେ ଅଭିଯୁକ୍ତମାନେ କାନ୍ଦାହାରର ସ୍ଥାୟୀ ବାସିନ୍ଦା ଅବଦୁଲ ସମଦ୍ ହାଜି ଅହମଦ ଜାଇ ନାଓରୋଜି (୪୭), ମହମ୍ମଦ ରସୁଲ କମାଲୁଦ୍ଦିନ ଖାକସର (୨୪), ଜିଆ ଉଲ ହକ୍ ଅହମଦି (୩୬), ଅସଦ୍ ଖାନ ତାରାକାଇ (୩୬), ମହମ୍ମଦ ଇବ୍ରାହିମ ଗଜନଭି (୩୬) ଏବଂ କାବୁଲ ପ୍ରଦେଶର ବାସିନ୍ଦା ଅମିଲ ଉଲ୍ଲା (୪୮) ବୋଲି ଚିହ୍ନଟ ହୋଇଛନ୍ତି।

### ଭାରତକୁ ଉସୁକାଇବାକୁ ଚେଷ୍ଟା କରୁଛନ୍ତି ୟୁନୁସ୍

# ଉତ୍ତର-ପୂର୍ବ ରାଜ୍ୟକୁ ନିଜର ଦର୍ଶାଇଲା ବାଂଲାଦେଶ

**ନୂଆଦିଲ୍ଲୀ, ଢାକା, ଇସଲାମାବାଦ୍, ୨୭।୧୦/ଏଜେନ୍ସି:** ବାଂଲାଦେଶ ସରକାରଙ୍କ ଆନ୍ତରୀଣ ମୁଖ୍ୟ ମହମ୍ମଦ ୟୁନୁସ୍, ଉଦ୍ଦେଶ୍ୟମୂଳକ ଭାବେ ଭାରତ ସହ ବିବାଦୀୟ ପରିସ୍ଥିତି ଉତ୍ପନ୍ନ କରୁଛନ୍ତି। ଏବେ ସେ ପୁଣିଥରେ ଭାରତର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ଆହ୍ୱାନ ଦେଇଛନ୍ତି। ରିପୋର୍ଟ ଅନୁସାରେ ମହମ୍ମଦ ୟୁନୁସ୍, ପାକିସ୍ତାନ ସେନା ମୁଖ୍ୟ ଜେନେରାଲ୍ ସାହିର୍ ଶମସାଦ୍ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାର ଦେଇଛନ୍ତି, ଯେଉଁଥିରେ ଭାରତର ଆସାମ ଓ ଅନ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ବାଂଲାଦେଶର ଅଂଶ ଭାବେ ଦର୍ଶାଯାଇଛି। ଏସମ୍ପର୍କରେ ଜଣାପଡିବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି।




ଗତ ସପ୍ତାହ ଶେଷରେ ଜେନେରାଲ୍ ମିର୍ଜା ଢାକା ଗସ୍ତରେ ଆସି ୟୁନୁସ୍‌ଙ୍କୁ ଭେଟିଥିଲେ। ଏହି ସାକ୍ଷାତକାର ଏପରି ସମୟରେ ହୋଇଥିଲା ଯେତେବେଳେ କି ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଧୁରୁଥିବା ଉଭୟ ଦେଶ ପକ୍ଷରୁ ଦାବି କରାଯାଉଛି। ୧୯୭୧ ମୁକ୍ତି ଯୁଦ୍ଧ ପରେ ଉଭୟ ଦେଶ ମଧ୍ୟରେ ତିକ୍ତତା ରହିଥିଲା। ତେବେ ସପ୍ତାହ ଶେଷରେ ଜେନେରାଲ୍ ମିର୍ଜାଙ୍କ ସହ ହୋଇଥିବା ସାକ୍ଷାତକାର ସମୟର ଫଟୋକୁ ରବିବାର ୟୁନୁସ ନିଜର ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ, ଯାହାଫଳରେ ଏସମ୍ପର୍କରେ ଜଣାପଡିଛି। ଏହି ଫଟୋରେ ୟୁନୁସ୍ 'ଆର୍ଟ ଅଫ୍ ଟ୍ରାୟମ୍ଫ' ନାମକ ଏକ ପୁସ୍ତକ ମିର୍ଜାଙ୍କୁ ଉପହାର ଦେଉଥିବାର ଦେଖାଯାଇଛି, ଯାହାର କଭର ପୃଷ୍ଠାରେ ବାଂଲାଦେଶର ଏକ ବିକୃତ ମାନଚିତ୍ର ରହିଛି। ବାସ୍ତବରେ ବାଂଲାଦେଶ ଏହି ମାନଚିତ୍ରରେ ଭାରତର ଉତ୍ତର ପୂର୍ବ ରାଜ୍ୟଗୁଡ଼ିକୁ ନିଜର ବୋଲି ଦର୍ଶାଇଛି।

ତେବେ ଏହା ପ୍ରଥମ ଥର ନୁହେଁ ଯେ ୟୁନୁସ ଭାରତର ଉତ୍ତର-ପୂର୍ବାଞ୍ଚଳକୁ ନେଇ ବିବାଦ ସୃଷ୍ଟି କରିଛନ୍ତି। ଗତ କିଛି ମାସ ମଧ୍ୟରେ ସେ ବିଦେଶୀ ମଞ୍ଚରେ ବାରମ୍ବାର ଏହି ଅଞ୍ଚଳଗୁଡ଼ିକୁ ବାଂଲାଦେଶର ବୋଲି ଦାବି କରିଛନ୍ତି। ସେହିପରି ଚଳିତ ବର୍ଷ ଏପ୍ରିଲ୍ ମାସରେ ଚୀନ୍ ଗସ୍ତ ସମୟରେ ମଧ୍ୟ ୟୁନୁସ ଦାବି କରିଥିଲେ ଯେ ଉତ୍ତର-ପୂର୍ବ ଭାରତ ସମୁଦ୍ରଠାରୁ ଦୂରରେ ଥିବାରୁ, ବାଂଲାଦେଶ ହିଁ ଏହି ଅଞ୍ଚଳ ପାଇଁ 'ସମୁଦ୍ରର ଏକମାତ୍ର ଅଭିଭାବକ'। ସେ ଚୀନ୍‌କୁ ଏହି ଅଞ୍ଚଳରେ ଅଧିକ ପ୍ରଭାବ ବିସ୍ତାର କରିବାକୁ ଉତ୍ସାହିତ କରିଥିଲେ, ଯାହାକୁ ନେଇ ନୂଆଦିଲ୍ଲୀ କ୍ଷୁବ୍ଧ ହୋଇଥିଲା। ମୋଟାମୋଟି ୟୁନୁସ, ଭାରତ ସହ ସମ୍ପର୍କକୁ ଖରାପ କରି ଚୀନ୍ ଏବଂ ପାକିସ୍ତାନ ସହ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି।

ଗୋଟିଏ ପଟେ ଚୀନ୍, ଭାରତର ଅରୁଣାଚଳପ୍ରଦେଶ ଏବଂ ଲଦାଖର ଅକ୍ସାଇ ଚୀନ୍ ଅଞ୍ଚଳ ଉପରେ ନିଜର ସାର୍ବଭୌମତ୍ୱ ଦାବି କରୁଥିବା ବେଳେ ପାକିସ୍ତାନ ଭାରତର କାଶ୍ମୀର ଉପରେ ଏହାର ଅଧିକାର ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି। ଏଦୁଇ ଦେଶଙ୍କ ସହ ଏବେ ବାଂଲାଦେଶ ମଧ୍ୟ ଯୋଡି ହୋଇଯାଇଛି ଏବଂ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଉପରେ ଦାବି କରିବା ଆରମ୍ଭ କରିଦେଇଛି।

# ଏମ୍‌ସିଏଲ୍‌ରେ ସତର୍କତା ସଚେତନତା ସପ୍ତାହ-୨୦୨୫ ଉଦ୍‌ଘାଟିତ



**ସମ୍ବଲପୁର, ୨୭।୧୦/ଏଜେନ୍ସି:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ୨୭ ଅକ୍ଟୋବର ୨୦୨୫ରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ସତର୍କତା ସଚେତନତା ସପ୍ତାହ -୨୦୨୫ ପାଳନ କରୁଛି।

ଏମ୍‌ସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ପି କେ ପଟେଲ, ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଅପରେସନ୍ସ/ ପ୍ରୋଜେକ୍ଟ / ଯୋଜନା) ଏସ୍‌କେ ଝା'ଙ୍କ ଉପସ୍ଥିତିରେ ସମ୍ବଲପୁର କର୍ପୋରେଟ୍ ମୁଖ୍ୟାଳୟରେ ଏମ୍‌ସିଏଲ୍‌ର କର୍ମଚାରୀମାନଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏହି ଅବସରରେ, ମହିଳା କର୍ମଚାରୀମାନେ ସତର୍କତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଏବେ ନିକଟବର୍ତ୍ତୀ ସହର ଏବଂ ଗ୍ରାମଗୁଡିକରେ ପରିକ୍ରମା କରି ସଚ୍ଚୋଟତା ଏବଂ ସତର୍କତାର ବାର୍ତ୍ତା ପ୍ରସାର କରିବ। ସପ୍ତାହ ମଧ୍ୟରେ ସଚେତନତା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।



ବିହାର ଠାରୁ ଆରମ୍ଭ କରି ଦେଶର ପ୍ରତ୍ୟେକ ରାଜ୍ୟ ଏପରିକି ବିଦେଶରେ ମଧ୍ୟ ଆଜି ପବିତ୍ର ଛଠ୍ ପୂଜା ମହା ଆଡମ୍ବରସହକାରେ ପାଳନ କରାଯାଇଛି। ଅଷ୍ଟ୍ରେଲିଆ, ଆମେରିକା ଭଳି ଦେଶରେ ପ୍ରବାସୀ ଭାରତୀୟମାନେ ବିଧିବଦ୍ଧ ଭାବେ ଏକତାପୂର୍ଣ୍ଣ ସହକାରେ ସୂର୍ଯ୍ୟ ଭଗବାନ୍‌ଙ୍କ ପୂଜା କରିଛନ୍ତି।

(ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରରେ ପ୍ରବାସୀ ଭାରତୀୟଙ୍କ ଛଠ୍ ପୂଜା)

### ବିହାର ବିଧାନସଭା ନିର୍ବାଚନ

# ୨୯ରେ ଏକାଠି ଗର୍ଜିବେ ରାହୁଲ-ତେଜସ୍ୱୀ

**ପାଟନା, ୨୭।୧୦/ଏଜେନ୍ସି:** ବିରୋଧୀ ମେଣ୍ଟ (ଇଣ୍ଡିଆ ମେଣ୍ଟ) ପାଇଁ ଷ୍ଟାର ପ୍ରଚାରକ ରାହୁଲ ଗାନ୍ଧୀଙ୍କୁ ଏବେ ଆଉ ଦେଖିବାକୁ ମିଳୁନଥିବା ନେଇ ସମ୍ବାଦ ଚର୍ଚ୍ଚାରେ ରହିଛି। ତେବେ ଏସବୁ ମଧ୍ୟରେ ସୋମବାର ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଉଭୟ ରାହୁଲ ଏବଂ ତେଜସ୍ୱୀଙ୍କୁ ମିଳିତ ଭାବେ ଶକ୍ତି ପ୍ରଦର୍ଶନ କରିବାର ଦେଖିବାକୁ ମିଳିବ। ସୋମବାର ବିହାର ସମେତ ଦେଶ ଓ ବିଦେଶରେ ମଧ୍ୟ ଛଠ୍ ପୂଜା ପାଳନ ହୋଇଯାଇଛି। ଛଠ୍ ପୂଜା ପରେ ହିଁ ରାହୁଲ ଏବଂ ତେଜସ୍ୱୀ ମିଳିତ ଭାବେ ସର୍ବପ୍ରଥମେ ମୁଜାଫରପୁର ଏବଂ ଦରଭଙ୍ଗା ଠାରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଜଣାପଡିଛି। ଅକ୍ଟୋବର ୨୯ରେ ହିଁ ଏହି ଦୁଇ ନେତାଙ୍କୁ ଏକତ୍ର ଦେଖିବାକୁ ମିଳିପାରେ।

**ଆଜି ପ୍ରିୟଙ୍କାଙ୍କ ସାଧାରଣ ସଭା ଓ ରାଲି; ଘୋଷଣା ହୋଇପାରେ ଇସ୍ତାହାର**




ପ୍ରକାଶ ଏବେ ଯେତେବେଳେ ବିହାରରେ ନିର୍ବାଚନୀ ପ୍ରଚାର ପର୍ବ ଜୋରସୋରରେ ଜାରି ରହିଛି ସେତେବେଳେ ରାହୁଲଙ୍କ ଅନୁପସ୍ଥିତିକୁ ତେଜସ୍ୱୀଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀତ୍ୱ ସହ ମଧ୍ୟ ଯୋଡାଯାଉଛି। ତେଜସ୍ୱୀଙ୍କୁ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବା ନେଇ ରାହୁଲ କୌଣସି ସୂଚନା ଦେଇନଥିଲେ ମଧ୍ୟ ନିଜେ ନିଜେ ତେଜସ୍ୱୀ କହିବୁଲୁଥିଲେ। ତେବେ ଏହି ସମୟରେ ରାହୁଲଙ୍କୁ ବିହାରରେ ନିୟମିତ ଭାବେ ନିର୍ବାଚନୀ ପ୍ରଚାର ଓ ସାଧାରଣ ସଭାରେ ଦେଖିବାକୁ ମିଳୁଥିଲା। କିନ୍ତୁ ଯେତେବେଳେ ଶେଷରେ ତେଜସ୍ୱୀଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀତ୍ୱ ନେଇ ସବୁକିଛି ସ୍ପଷ୍ଟ ଭାବେ ଘୋଷଣା କରାଗଲା ତା' ପରଠାରୁ ରାହୁଲଙ୍କୁ ଆଉ ଦେଖିବାକୁ ମିଳିନଥିଲା। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

ବିହାର ନିର୍ବାଚନ ୨୦୨୫ ପାଇଁ ଏପର୍ଯ୍ୟନ୍ତ କେବଳ ବରିଷ୍ଠ ଏନ୍‌ଡିଏ ନେତାମାନେ ଆକ୍ରମଣାତ୍ମକ ପ୍ରଚାର କରୁଥିବାର ଦେଖିବାକୁ ମିଳିଛି। ତେବେ ଛଠ୍ ସମାପ୍ତ ହେବା ମାତ୍ରେ ବିରୋଧୀ ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତାମାନେ ମଧ୍ୟ ବିହାରରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିବେ। ସେହିପରି ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଆଜି (ମଙ୍ଗଳବାର) ବିହାରର କେତେକ ପ୍ରାନ୍ତରେ ନିର୍ବାଚନୀ ପ୍ରଚାର କରିପାରନ୍ତି ବୋଲି କୁହାଯାଉଛି। ଏତଦ୍‌ବ୍ୟତୀତ ଆସନ୍ତା କାଲି ହିଁ ବିରୋଧୀ ଇଣ୍ଡିଆ ମେଣ୍ଟ ନିଜ ନିର୍ବାଚନୀ ଇସ୍ତାହାର ମଧ୍ୟ ଜାରି କରିବ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି।

ରିପୋର୍ଟ ଅନୁସାରେ ବିହାରରେ ଚଳିତ ଥର ୨ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ଭୋଟ୍ ନଭେମ୍ବର ୬ ତାରିଖରେ ଗ୍ରହଣ କରାଯିବାକୁ ଅଛି। ଗୋଟିଏ ପଟେ ଇଣ୍ଡିଆ ମେଣ୍ଟ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ମୁହଁ ଭାବରେ ଘୋଷଣା କରିସାରିଥିବା ବେଳେ ଅନ୍ୟତମ ସହଯୋଗୀ ଦଳ ଭିଆଇପି ମୁଖ୍ୟ ମୁକେଶ ସାହାନିଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଛି। ତେବେ କଂଗ୍ରେସ ନିଜର କୌଣସି ନେତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଘୋଷଣା କରିନାହିଁ। କୁହାଯାଉଛି ଯେ ଯଦି ନିର୍ବାଚନ ପରେ ମହାଗଠବନ୍ଧନ ସରକାର ଗଠନ କରିବାର ସ୍ଥିତିରେ ଥାଏ, ତେବେ କଂଗ୍ରେସ ଜଣେ ଦଳିତ କିମ୍ବା ମୁସଲିମଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଭାବରେ ଘୋଷଣା କରିପାରେ।

# ପାକିସ୍ତାନ୍-ଆଫଗାନ୍ ୯ ଘଣ୍ଟିଆ ଆଲୋଚନା ବିଫଳ

**ଟ୍ରମ୍ପଙ୍କ ମୁହଁ ଫୁଟାଣି: "ମୁଁ କରିକି ଦେଖାଇବି"**



**ଇସ୍ତାନବୁଲ, ୨୭।୧୦/ଏଜେନ୍ସି:** ତୁର୍କୀ ରାଜଧାନୀ ଇସ୍ତାନବୁଲ୍‌ରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆୟୋଜିତ ହୋଇଥିବା ଦ୍ୱିପାକ୍ଷିକ ବୈଠକ ଶେଷରେ ବିଫଳ ସାବ୍ୟସ୍ତ ହୋଇଛି। ଆଲୋଚନାରେ ପାକିସ୍ତାନ ତରଫରୁ ଆଫଗାନିସ୍ତାନକୁ ଆତଙ୍କବାଦୀ ସମାପ୍ତ କରିବା ପାଇଁ ଏକ ତଥ୍ୟ ଭିତ୍ତିକ ଯୋଜନା ପ୍ରଦାନ କରାଯାଇଥିବା ବେଳେ ଆଫଗାନିସ୍ତାନ ଏହାକୁ ସ୍ୱୀକାର କରିନଥିଲା। ତେବେ ଏହି ଆଲୋଚନା ଦୀର୍ଘ ୯ ଘଣ୍ଟା ଧରି ଚାଲିଥିଲା। ପାକିସ୍ତାନ ଓ ତାଲିବାନ ସରକାର ତରଫରୁ ହୋଇଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପାକିସ୍ତାନ ତରଫରୁ ୭ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳୀ ଏଥିରେ ଭାଗ ନେଇଥିଲେ। ଏହି ପ୍ରତିନିଧିମଣ୍ଡଳୀ ତରଫରୁ ଆଫଗାନିସ୍ତାନରେ ଥିବା ଆତଙ୍କବାଦୀ କ୍ୟାମ୍ପ ଓ ଆତଙ୍କବାଦୀଙ୍କୁ ସମାପ୍ତ କରିବା ଦାବି ଦୋହରାଯାଇଥିଲା। ପାକିସ୍ତାନ ଏନେଇ ଏକ ବିସ୍ତୃତ ବିବରଣୀ ତାଲିବାନକୁ ଦେଇଥିଲା, ଯାହାକୁ ତାଲିବାନ କର୍ତ୍ତୃପକ୍ଷଙ୍କ ତରଫରୁ ସମୀକ୍ଷା କରାଯାଉଛି।

ସୀମା ପାର ସୁରକ୍ଷା ଓ ଆତଙ୍କବାଦ ଗତିବିଧି ରୋକିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତେବେ ଆଲୋଚନା ସଫଳ ହୋଇନଥିବାରୁ ଆଗାମୀ ଦିନରେ ଏହା ଉପରେ ଅଧିକ ଚର୍ଚ୍ଚା ହେବା ଅନୁମାନ କରାଯାଉଛି। ଯଦିଓ ବର୍ତ୍ତମାନ ସୁଦ୍ଧା ଉଭୟ ଦେଶ ଅସ୍ଥାୟୀ ଶାନ୍ତିରେ ଏକମତ ହୋଇଛନ୍ତି; କିନ୍ତୁ ଏ ପର୍ଯ୍ୟନ୍ତ ସ୍ଥାୟୀ ସମାଧାନର ବାଟ ମିଳିପାରିନି। ବୈଠକରେ ଇସଲାମାବାଦ ଉଭୟ ଦେଶ ମିଶି ସୀମା ପାର୍ ଗତିବିଧି ଉପରେ ନଜର ରଖିବା ସହ ମିଳିତ ପେଟ୍ରୋଲିଂ ଆରମ୍ଭ କରିବା ଉପରେ ପ୍ରସ୍ତାବ ଦେଇଥିଲା; କିନ୍ତୁ ତାଲିବାନ ଏହାକୁ ଅସ୍ୱୀକାର କରିଥିଲା। ପାକିସ୍ତାନ ଆଫଗାନ୍ ଶରଣାର୍ଥୀଙ୍କୁ ବାହାର କରିବା ନେଇ ଚେତାବନୀ ଦେଇଥିଲା। ଆଫଗାନ୍ ପ୍ରତିନିଧି ଏହାକୁ ଅମାନବୀୟ ବୋଲି ଦର୍ଶାଇବା ସହ ଏହା ଉଭୟ ଦେଶ ପାଇଁ ଆର୍ଥିକ ସଙ୍କଟ ସୃଷ୍ଟି କରିବ ବୋଲି କହିଥିଲେ। ଅନ୍ୟପକ୍ଷେ ଏବେ ଯେତେବେଳେ ଉଭୟ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇସାରିଛି ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିନ୍ତୁ ନିଜ ମୁହଁ ବଡ଼ାଣିଆ ଛାଡିନାହାନ୍ତି। ଟ୍ରମ୍ପ କହିଛନ୍ତି, ସେ ଏହାକୁ ନେଇ ହାରିଯିବେ ନାହିଁ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ କରାଇବା ପାଇଁ ବଦ୍ଧ ପରିକର। ସେ ଏହାକୁ କରିକି ଦେଖାଇବେ। ସେ ଅନେକ ଦେଶ-ଦେଶ ମଧ୍ୟରେ ରହିଥିବା ତିକ୍ତତା ଓ ବିବାଦକୁ ସମାଧାନ କରିସାରିଛନ୍ତି। ଆଫଗାନ-ପାକିସ୍ତାନ ବିବାଦର ମଧ୍ୟ ସମାଧାନ ହେବ।

# ‘ମୋନ୍ଥା’କୁ ନେଇ ଭୟଭୀତ ହୁଅନ୍ତୁନି: ଜିଲ୍ଲାପାଳ




**ଜଗତ୍‌ସିଂହପୁର,୨୭।୧୦/ଏନ୍‌ଏନ୍‌ଏସ୍:** ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତକୁ ନେଇ ସମ୍ଭାବ୍ୟ ବାତ୍ୟା ‘ମୋନ୍ଥା’ର ଆଶଙ୍କା ଦେଖାଦେଇଛି। ଆଜି ଠାରୁ ଏହାର ପ୍ରଭାବ ଆରମ୍ଭ ହୋଇଥିବା ଜିଲ୍ଲାବାସୀ ଅନୁଭବ କରିବା ଆରମ୍ଭ କରିଛନ୍ତି। ଅପରାହ୍ନରେ ବର୍ଷା ସାଙ୍ଗକୁ ସ୍ୱଳ୍ପ ଝଟ୍‌କା ପବନ ବହିବା ଆରମ୍ଭ କରିଦେଇଛି। ଯାହାକୁ ନେଇ ଉପକୂଳିଆ ଅଞ୍ଚଳବାସୀ ଚିନ୍ତାରେ ରହିଥିବା ବେଳେ ଅପରାହ୍ନରେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ଏକ ପ୍ରେସ୍ ବିବୃତିରେ ସମ୍ଭାବ୍ୟ ‘ମୋନ୍ଥା’କୁ ନେଇ ଭୟଭୀତ ନହେବା ପାଇଁ ଜିଲ୍ଲାବାସୀଙ୍କୁ ସୁଚନା ପ୍ରଦାନ କରିଛନ୍ତି। ଏଥି ସହିତ ଏହାର ପ୍ରଭାବରେ ଜିଲ୍ଲାରେ ୨୭ରୁ ୨୯ପର୍ଯ୍ୟନ୍ତ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଜିଲ୍ଲାକୁ ଆଇଏମ୍‌ଡି ୟଲୋ ୱାର୍ଣ୍ଣିଂ ଜାରି କରିଛନ୍ତି। ତେବେ ଏହାର ମୁକାବିଲା ନିମନ୍ତେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ହେବା ସହିତ ଜିଲ୍ଲାସ୍ତରୀୟ ବୈଠକ କରାଯାଇ ବିଭାଗୀୟ ଅଧିକାରୀଙ୍କ ଆଲଟ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ମୁତାବକ ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲ୍ଲାରେ ଜିରୋ କାଜୁଆଲିଟି ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନିଆ ଯାଇଛି। ବର୍ତ୍ତମାନ ସ୍ଥିତି ଅନୁଯାୟୀ ଜିଲ୍ଲାରେ ସେପରି ସେପରି କିଛି ବିପଦ ନାହିଁ। ପବନର ବେଗ ଅନୁଯାୟୀ ଜିଲ୍ଲା ୟଲୋ ୱାର୍ଣ୍ଣିଂ କରାଯାଇଛି। ପ୍ରଭାବରେ ଲଗାଣ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖାଯାଇ ବର୍ଷ ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ନିମନ୍ତେ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ରହିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ ଔଷଧ ସାମଗ୍ରୀ ମହଜୁତ ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସଠିକ୍ ସମୟରେ ପଦକ୍ଷେପ ନିଆଯିବ। ଏଥି ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ ମାନଙ୍କରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଆବଶ୍ୟକ ପଡିଲେ ଜିଲ୍ଲା ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ନଂ ୨୨୦୩୬୭ରେ ଯୋଗାଯୋଗ କରିବା ପାଇଁ ଜନ ସାଧାରଣଙ୍କୁ ଜିଲ୍ଲାପାଳ ନିବେଦନ କରିଥିଲେ। ଏହା ବ୍ୟତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନ ସାଧାରଣଙ୍କୁ ସ୍ଥାନାନ୍ତର କରାଯିବ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତୁତିକି ନେଇ ଜିଲ୍ଲାପାଳ ଶ୍ରୀ ସୋନାଲ କୁଜଙ୍ଗ, ଏରସମା, ବାଲିକୁଦା ବ୍ଲକ ଅଞ୍ଚଳର ବିଭିନ୍ନ ବାତ୍ୟା ପ୍ରବଣ ଅଞ୍ଚଳ ପରିଦର୍ଶନ କରି ଅତ୍ୟାବଶ୍ୟକୀୟ ସେବା ସୁବ୍ୟବସ୍ଥିତ ପରିବା ପାଇଁ ସମ୍ପୃକ୍ତ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଥିବା ୪୨ ଓସଡମା ବାତ୍ୟା ଆଶ୍ରୟସ୍ଥଳୀ ଓ ୩ଟି ରେଡକ୍ରସ ଦ୍ୱାରା ପରିଚାଳିତ ବାତ୍ୟା ଆଶ୍ରୟସ୍ଥଳୀ ମୋଟ ୪୫ଟି ପ୍ରସ୍ତୁତ ରହିଛି। ତେଣୁ ସମ୍ଭାବ୍ୟ ‘ମୋନ୍ଥା’ ନିମନ୍ତେ ଜିଲ୍ଲାବାସୀଙ୍କୁ କୌଣସି ଭୟଭୀତ ନହେବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ବାତ୍ୟା ଆସିଲେ ମନେପଡ଼େ ବାତ୍ୟାଶ୍ରୟସ୍ଥଳୀ କଥା

**ରାଜନଗର,୨୭।୧୦/ଏନ୍‌ଏନ୍‌ଏସ୍:** ବାତ୍ୟା ମୋନ୍ଥାର ସୂଚନାକୁ ନେଇ ଲୋକମାନଙ୍କ ମଧ୍ୟରେ ଛନକା ପଶିଛି। ସରକାର ଓ ପ୍ରଶାସନ ତୁହାକୁ ତୁହା ବୈଠକ କରୁଛନ୍ତି। ଧନଜୀବନ ସୁରକ୍ଷିତ ରଖିବା ପାଇଁ ଗଣମାଧ୍ୟମ ମାଧ୍ୟମରେ ରାଜସ୍ୱମନ୍ତ୍ରୀ ଲୋକମାନଙ୍କୁ ଭୟଭୀତ ନହୋଇ ସଜାଗ ରହିବାକୁ ସୂଚନା ଦେଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ମଧ୍ୟ ବାତ୍ୟାଶ୍ରୟସ୍ଥଳୀକୁ ଅନୁଧ୍ୟାନ କରିଛନ୍ତି। ସମୁଦ୍ର ଉପକୂଳବର୍ତ୍ତୀ ରାଜନଗର ବ୍ଲକରେ ଥିବା ବାତ୍ୟାଶ୍ରୟସ୍ଥଳୀଗୁଡିକ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକରେ ୩୫ ଓସଡମା ନିର୍ମିତ ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ଥିବା ବେଳେ ୧୦ଟି ରେଡକ୍ରସ ବାତ୍ୟାଶ୍ରୟସ୍ଥଳୀ ରହିଛି। ସମୁଦ୍ରଠାରୁ ମାତ୍ର ଗୋଟିଏ କିଲୋମିଟର ମଧ୍ୟରେ ରହିଥିବା କଥା ରେଡକ୍ରସ ବାତ୍ୟାଶ୍ରୟସ୍ଥଳୀରେ ଥିବା ସାଇରନ ଓ ଅନେକ ଆସବାବପତ୍ର ନିକଟରେ ଚୋରି ହୋଇଯାଇଛି। ଯାହା ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇନାହିଁ। ଏପରିକି ଏହି ବ୍ଲକରେ ଥିବା ବାତ୍ୟାଶ୍ରୟ କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଇଥିବା ଜେନେରେଟର ଆରମ୍ଭରୁ ଅଚଳ ହୋଇରହିଛି। ମିଳିଥିବା ଆସ୍କା ଲାଇଟଗୁଡିକ ଅଚଳ ହୋଇପଡିଥିବା ବେଳେ ସେଗୁଡିକ ସଜଡା ଯାଉନାହିଁ। ବାତ୍ୟା ସମୟରେ ଗଛ କାଟିବା ପାଇଁ କଟର ମେସିନ୍‌ଗୁଡିକ ମଧ୍ୟ ଅଚଳ ହୋଇରହିଛି। ସବୁଠାରୁ ବଡକଥା ହେଲା ଏହି ବାତ୍ୟାଶ୍ରୟସ୍ଥଳୀଗୁଡିକୁ ବର୍ଷେ ଦୁଇବର୍ଷ ବ୍ୟବଧାନରେ ମରାମତି ନାଁରେ ରଙ୍ଗ ମାରି ଲକ୍ଷାଧିକ ହରିଲୁଟ ହେଉଥିବା ବେଳେ ଆରମ୍ଭରୁ କବାଟ ଝରକାଗୁଡିକ ମରାମତି କରାଯିବା କିମ୍ବା ବଦଳା ଯାଉନଥିବାରୁ ବାତ୍ୟା ସମୟରେ କବାଟ ଓ ଝରକା ଦେଇ ଭିତରକୁ ପାଣି ପଶୁଛି। ଯାହାଫଳରେ ଲୋକମାନଙ୍କୁ ସୁରକ୍ଷା ଦେବାକୁ ନିର୍ମାଣ ହୋଇଥିବା ବାତ୍ୟାଶ୍ରୟସ୍ଥଳୀଗୁଡିକ ଅସୁରକ୍ଷିତ ଅବସ୍ଥାରେ ରହିଛି। ଶୌଚାଳୟ, ପାନୀୟଜଳ ଯୋଗାଣ ବ୍ୟବସ୍ଥାର ଅବସ୍ଥା କହିଲେ ନସରେ। ପାଣିଟାଙ୍କିଗୁଡିକରେ ଲାଗିଥିବା ପାଇପଗୁଡିକ ଫାଟିଯିବା ସହ ଟାଙ୍କିରେ ମଧ୍ୟ ଫାଟ ଦେଖାଯାଉଛି। ବୋରିଂରେ ଲାଗିଥିବା ପାଣିମଟର ଅଚଳ ହୋଇପଡିଛି। ସମଗ୍ର ବ୍ଲକ୍‌ରେ ଥିବା ବାତ୍ୟାଶ୍ରୟସ୍ଥଳୀର ଅବସ୍ଥା ଏକାପରି। ବାତ୍ୟାଶ୍ରୟସ୍ଥଳୀଗୁଡିକୁ ସଂଯୋଗ ରାସ୍ତାଗୁଡିକ ଅବସ୍ଥା ଶୋଚନୀୟ ହୋଇପଡିଛି। ବାତ୍ୟାଶ୍ରୟସ୍ଥଳୀକୁ ସଂଯୋଗ ରାସ୍ତାଗୁଡିକ ମରାମତି ନହେବା ଫଳରେ ମରଣଯନ୍ତା ପାଲଟିଛି। ବିଭାଗୀୟ ଅଧିକାରୀମାନେ ରାସ୍ତାଗୁଡିକର ସ୍ଥିତି ଅନୁଧ୍ୟାନ ନକରି ୩୦ବର୍ଷ ଭିତରେ ଏହି ରାସ୍ତା ଖରାପ ହେବନି ବୋଲି ବାହାସ୍ଫୋଟ ମାରୁଥିବା ଅଭିଯୋଗ ହୋଇଛି। ନିକଟରେ ବାତ୍ୟାଶ୍ରୟସ୍ଥଳୀଗୁଡିକୁ ୬ଲକ୍ଷ ଟଙ୍କା ଲେଖାଏଁ ମରାମତି ନାଁରେ କେବଳ ରଙ୍ଗମାରି ପ୍ରଶାସନିକ ଅଧିକାରୀମାନେ ହରିଲୁଟ କରିଥିବା ଅଭିଯୋଗ ହେଉଛି। ବାତ୍ୟା ଆସିଲେ ବାତ୍ୟାଶ୍ରୟସ୍ଥଳୀଗୁଡିକ ସମ୍ପର୍କରେ ପ୍ରଶାସନ ମନେ ପକାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପତିତପାବନ ମତ୍ସ୍ୟ ସମବାୟ ସମିତିର ବାର୍ଷିକ ବୈଠକ



**ଜଗତ୍‌ସିଂହପୁର,୨୭।୧୦/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ସ୍ଥିତ ପତିତପାବନ ମତ୍ସ୍ୟ ସମବାୟ ସମିତିର ବାର୍ଷିକ ବୈଠକ ସୋମବାର ପୂର୍ବାହ୍ନରେ ସୋମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମବାୟ ସମିତିର ସଭାପତି ସାଧୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସହକାରୀ ମତ୍ସ୍ୟ ସମ୍ପଦ ଅଧିକାରୀ ଦିପାଞ୍ଜଳୀ ସାହୁ ଯୋଗଦେଇ ମତ୍ସ୍ୟଚାଷୀ ମତ୍ସ୍ୟ ଚାଷ କରି କିପରି ସ୍ୱାବଲମ୍ବୀ ହେବା ସହିତ ପରିବାର ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିପାରିବ ସେ ସମ୍ପର୍କରେ ବୈଠକରେ ଉପସ୍ଥିତ ୨ଶହରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀଙ୍କୁ ସୁଚନା ପ୍ରଦାନ କରିଥିଲେ। ଏଥି ସହିତ ଏହି ଚାଷ ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରଦାନ କରା ଯାଉଥିବା ବିଭିନ୍ନ ସବସିଡ୍ ଯୁକ୍ତ ପ୍ରସାହନ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁକାନ୍ତୀ ରାଉତ, ନିଗମର ସିଇଓ ପି ଶ୍ରମିଳା ଯୋଗଦେଇ ମତ୍ସ୍ୟଚାଷୀଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅତିଥିମାନେ ଚାଷୀମାନଙ୍କର ମତ୍ସ୍ୟଚାଷ ସମ୍ପର୍କରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଗଙ୍ଗାଧର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଅନୁଷ୍ଠାନକୁ ଆଗେଇ ନେବା ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗର କାମନା କରିଥିଲେ। ଏହି ଅବସରରେ ସମିତିର ବରିଷ୍ଠ ସଭ୍ୟ ଭିମସେନ୍ ମୁଦୁଲୀ, ଚିନ୍ମୟ ଭୋଳ ଓ ଚୈତନ୍ୟ ଚରଣ ରାଉତ ପ୍ରମୁଖ ସମିତିକୁ ମଜଭୁତ କରିବା ଓ ସମସ୍ତ ସଦସ୍ୟଙ୍କୁ ଭଲ ରୋଜଗାରକ୍ଷମ କରାଇ ଜିଲ୍ଲା ତଥା ରାଜ୍ୟରେ ଏକ ନମ୍ବର ସମବାୟ ସମିତି କରାଇବା ପାଇଁ ସଙ୍କଳ୍ପ ନେଇଥିଲେ। ଏହି ବୈଠକରେ ସମିତିର ଉପସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ବିଶ୍ୱାଳ, ଅଲେଖ ଚରଣ ସେଠୀ, ଜଗନ୍ନାଥ ନାୟକ, ପୁଷ୍ପଲତା ସେଠୀ, କଳ୍ପନା ନାୟକ, ତପସ୍ୱିନୀ ସାହୁ, ଅଭୟ ସାହୁ ଓ ସମସ୍ତ ସଭ୍ୟସଭ୍ୟା ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଚୈତନ୍ୟ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ୍ ଗୋ-ଚାଲାଣ ନେଇ ଥାନାରେ ଉତ୍ତେଜନା

**ଯାଜପୁର,୨୭।୧୦/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ସଦର ବ୍ଲକ୍ ଅଞ୍ଚଳରେ ବେଆଇନ୍ ଗୋରୁ ଚାଲାଣ କରାଯାଉଥିବା ଖବର ପାଇ ନବ ଭାରତ ହିନ୍ଦୁ ସଂଗଠନ ଓ ବଜରଙ୍ଗ ଦଳ ତରଫରୁ ମିଳିତ ଭାବେ ଯାଞ୍ଚ କରି ଏକ ଟାଟା ଏସି ଗାଡ଼ିକୁ ବରୁଆଁ ଛକ ନିକଟରେ ଅଟକାଇଥିଲେ। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଗାଡ଼ିକୁ ଜବତ କରିବା ସହ ଚାଳକ ବସନ୍ତ ପତିଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଗାଡ଼ିରେ ଥିବା ୩ ଗୋଟି ଗୋରୁଙ୍କୁ କୁଆଖିଆରେ ଥିବା ଗୋଶାଳାରେ ଛଡ଼ା ଯାଇଥିବା ଜଣାପଡିଛି। ବେଆଇନ୍ ଗୋ-ଚାଲାଣ ରୋକିବା କ୍ଷେତ୍ରରେ ପୁଲିସ ପ୍ରଶାସନ ଠୋସ୍ ପଦକ୍ଷେପ ନେଉନଥିବାରୁ ସଦର ଥାନା ପରିସରରେ ନବଭାରତ ହିନ୍ଦୁ ସଙ୍ଗଠନର ଜିଲ୍ଲା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିବା ସହ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ସଦର ପୁଲିସ ବେଆଇନ୍ ଗୋରୁ ଚାଲାଣ ରୋକିବାକୁ ପଦକ୍ଷେପ ନନେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜନଅଭିଯୋଗ ଶୁଣାଣି: ୭୧ ଅଭିଯୋଗ ପଞ୍ଜୀକୃତ




**ଯାଜପୁର,୨୭।୧୦/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ୍ ୭୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୮, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୦ ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାନଗଦି, ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି, ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବନ୍ଦର ପ୍ରାଧିକରଣ ପକ୍ଷରୁ ଭିଜିଲାନ୍ସ ସପ୍ତାହ




**ପାରାଦୀପ,୨୭।୧୦/ଏନ୍‌ଏନ୍‌ଏସ୍:** ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନୁଷ୍ଠାନିକ ଭାବରେ ସତର୍କତା (ଭିଜିଲାନ୍ସ) ସଚେତନତା ସପ୍ତାହ ୨୦୨୫ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅଭିଯାନ ଚଳିତ ଅକ୍ଟୋବର ୨୭ରୁ ଆସନ୍ତା ନଭେମ୍ବର ୨ପର୍ଯ୍ୟନ୍ତ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନରେ ଅଖଣ୍ଡତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଦେଶବ୍ୟାପୀ ପଦକ୍ଷେପ ସହିତ ସମନ୍ୱିତ। ଏହି ବର୍ଷର ସତର୍କତା ସଚେତନତା ସପ୍ତାହର ବିଷୟବସ୍ତୁ ହେଉଛି ‘ସତର୍କତା ଆମର ସହଭାଗୀ ଦାୟିତ୍ୱ’। ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ସମସ୍ତ କର୍ମଚାରୀଙ୍କୁ ଅଖଣ୍ଡତା ପ୍ରତିଜ୍ଞା ପ୍ରଦାନ ସହିତ ଆରମ୍ଭ ହୋଇଥିଲା। ଏହି ଶପଥପାଠ ସମସ୍ତ ସାଂଗଠନିକ କାର୍ଯ୍ୟକଳାପରେ ସଚ୍ଚୋଟତା ଏବଂ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ କର୍ମଚାରୀମାନଙ୍କର ସାମୂହିକ ସଂକଳ୍ପକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା। ଦିବସର କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କର୍ମଚାରୀମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ କର୍ମକ୍ଷେତ୍ରରେ ନୈତିକ ଆଚରଣର ବୁଝାମଣାକୁ ସୁଦୃଢ଼ କରିବା ପାଇଁ ସତର୍କତା ସଚେତନତା ଉପରେ ଏକ ସ୍ୱଟ୍ କୁଇଜ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ନାଟ୍ୟ ଗୋଷ୍ଠୀ ‘କ୍ୟାନ୍‌ମାସ୍’ ଦ୍ୱାରା ‘ଗଳବତା’ ଶୀର୍ଷକ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଯାହା ସାଂସ୍କୃତିକ ମାଧ୍ୟମରେ ସଚ୍ଚୋଟତା ଏବଂ ନୈତିକ ଅଭ୍ୟାସର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବରେ ପ୍ରକାଶ କରିଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ପିଢୀକୁ ସାମିଲ କରିବା ପାଇଁ, ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ‘ସତର୍କତା ଆମର ସହଭାଗୀ ଦାୟିତ୍ୱ’ ବିଷୟବସ୍ତୁ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ସୁଶାସନର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା। ସପ୍ତାହବ୍ୟାପୀ ପାଳନ ସମୟରେ କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚ୍ଚୋଟତା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଏକ ପଦଯାତ୍ରା। ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ସମେତ ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସଚ୍ଚୋଟତା ଏବଂ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ, ସକ୍ରିୟ ସତର୍କତା ପଦକ୍ଷେପ ଏବଂ ଅଂଶଗ୍ରହଣକାରୀ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସମସ୍ତ କାର୍ଯ୍ୟରେ ଜନସାଧାରଣଙ୍କ ବିଶ୍ୱାସ ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା।

# ଶିକ୍ଷା ଉପନିର୍ଦ୍ଦେଶିକାଙ୍କ ପରୀକ୍ଷା କେନ୍ଦ୍ର ପରିଦର୍ଶନ



**ଯାଜପୁର,୨୭।୧୦/ଏନ୍‌ଏନ୍‌ଏସ୍:** ଯାଜପୁର ନବଭାରତ ସାକ୍ଷରତା ଅନ୍ତର୍ଭୁକ୍ତ ‘ଉଲ୍ଲାସ’ କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ମୂଲ୍ୟାଙ୍କନ ପାଇଁ ରବିବାର ସମଗ୍ର ରାଜ୍ୟରେ ମୌଳିକ ସାକ୍ଷରତା (ଲିଖନ, ପଠନ ଓ ସଂଖ୍ୟାଜ୍ଞାନ) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ବ୍ଲକ୍‌ରେ ୨୦୧୧ ଜନଗଣନା ଅନୁଯାୟୀ ୧୦ ହଜାର ଅଣ ସ୍ୱାକ୍ଷର ଥିବା ୧୫ରୁ ୫୦ବର୍ଷ ମଧ୍ୟରେ ବ୍ୟକ୍ତି ଅଛନ୍ତି। କୌଣସି କାରଣ ବସତଃ ୧୫ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ପାଠ ପଢ଼ି ନପାରିଥିବା କିମ୍ବା ଆଗ୍ରହ ଥିଲେ ମଧ୍ୟ ପଢ଼ିବାର ସୁଯୋଗ ପାଇ ନଥିବା ବ୍ୟକ୍ତି ବିଶେଷଙ୍କ ପାଇଁ କେନ୍ଦ୍ର ସରକାରଙ୍କ ନବଭାରତ ସାକ୍ଷରତା ଅଧିନସ୍ଥ ରାଜ୍ୟ ସରକାରଙ୍କ ଆରମ୍ଭ କରାଯାଇଥିବା ଉଲ୍ଲାସ କାର୍ଯ୍ୟକ୍ରମ ଜୀବନ ବ୍ୟାପି ଶିକ୍ଷାକୁ ପ୍ରୋତ୍ସାହିତ କରିବା ତଥା ଅଶିକ୍ଷିତ ବ୍ୟକ୍ତିଙ୍କ ଅଧିକାର ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ସହିତ ସଶକ୍ତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ପ୍ରଥମ ପର୍ଯ୍ୟାୟରେ ବ୍ଲକ୍‌ର ୨ହଜାର ଜଣ ସ୍ୱାକ୍ଷରତା ଥିବା ବ୍ୟକ୍ତି ୪୦ଟି କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଏହି ପରୀକ୍ଷା ଚାଲୁଥିବା ସମୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ରାଜ୍ୟ ଉପନିର୍ଦ୍ଦେଶିକା ଜୟଶ୍ରୀ ଦୋରା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲୀକ, ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ମନୋଜ କୁମାର ଜେନା ପ୍ରମୁଖ ପରୀକ୍ଷା କେନ୍ଦ୍ରଗୁଡିକୁ ପରିଦର୍ଶନ କରିଥିଲେ। ଏଥି ନିମନ୍ତେ ୨୦୦ ସ୍ୱଚ୍ଛାସେବୀ ଅଣ ସ୍ୱାକ୍ଷରମାନଙ୍କୁ ଆଣି ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇ ଥିଲେ। ଉପଶିକ୍ଷା ନିର୍ଦ୍ଦେଶିକା ବାଣପୁର ସାଧନକେନ୍ଦ୍ରର ଅବଦଲପୁର ନୋଡାଲ ଉ.ପ୍ରା ବିଦ୍ୟାଳୟ ଓ ମୁନିସିପାଲ କେନ୍ଦ୍ର ଅଧିନସ୍ଥ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଅଣ ସ୍ୱାକ୍ଷରଙ୍କ ସହ ପରୀକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଶତାଧିକ ଅଣସ୍ୱାକ୍ଷର ଉପସ୍ଥିତି ଥିବା ଦେଖି ସନ୍ତୋଷ ବ୍ୟକ୍ତି କରିଥିଲେ। ବ୍ଲକରେ ମୋଟ୍ ୧୪୪୩ ଜଣ ମହିଳା ୪୬୪ ଜଣ ପୁରୁଷ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ସାଧାରଣ ବର୍ଗର ୭୬୭ ଜଣ, ଅନୁସୂଚି ବର୍ଗର ୯୮୮ ଜଣ, ଅନୁସୂଚିତ ଜନ ବର୍ଗର ୧୪୨ ଜଣ ଓ ଦିବ୍ୟାଙ୍ଗ ୮ ଜଣ ଅଣ ସ୍ୱାକ୍ଷର ଯୋଗଦେଇ ପରୀକ୍ଷା ଦେଇଥିଲେ। ୧୦ ଜଣ ଅଣସ୍ୱାକ୍ଷରଙ୍କ ପାଇଁ ଜଣେ ସ୍ୱଚ୍ଛାସେବୀ ଉତ୍ସର୍ଗୀକୃତ ଶିକ୍ଷକ ଯୋଗଦେଇ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

# ଜଜାଙ୍ଗ ଉପ୍ରା ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ




**କେନ୍ଦ୍ରାପଡା,୨୭।୧୦/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜଜାଙ୍ଗ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆର୍‌ସିସି ତଥା ଶିକ୍ଷୟିତ୍ରୀ ସ୍ନେହଲତା ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି, ସବିତା ପଣ୍ଡା ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଗୁଲନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇ, କ୍ଷେତ୍ରମଣୀ ଦେଇ, ପ୍ରମଦା କୁମାରୀ ବିଶ୍ୱାଳ, ପରିଦର୍ଶିକା ଜ୍ୟୋସ୍ନାରାଣୀ ଦାସ, ସନ୍ଧ୍ୟାରାଣୀ ମହାପାତ୍ର, ନିରଜ ନଳିନୀ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜଖାଙ୍ଗ କ୍ଲଷ୍ଟରର ୧୫ଟି ସ୍କୁଲର ପ୍ରାୟ ଦୁଇଶହ ଛାତ୍ର ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଜଖାଙ୍ଗ ସ୍କୁଲର ୪ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ କାର୍ଯ୍ୟକ୍ରମରେ ୧୫ଟି ସ୍କୁଲର ୩୦ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସେକ୍ ରିଜୱାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି




**ଜଗତ୍‌ସିଂହପୁର,୨୭।୧୦/ଏନ୍‌ଏନ୍‌ଏସ୍:** ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଜନ ସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଶୁଣାଣି ନିମନ୍ତେ ମୋଟ୍ ୮୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀତ ୭୩ ଗୋଟି ଓ ଗୋଷ୍ଠୀଗତ ସମସ୍ୟା/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀତ ୧୦ଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା। ତେବେ ମୋଟ ୮୩ଟି ଅଭିଯୋଗ ମଧ୍ୟରୁ ଗୋଷ୍ଠିଗତ ଓ ଗ୍ରାମ୍ୟ ସମସ୍ୟା ୧୦ଟି, ରେସନ କାର୍ଡ ସମ୍ବନ୍ଧୀୟ ୧୦ଟି, ଆବାସ ଯୋଜନା ସମ୍ବନ୍ଧୀୟ ୧୫ଗୋଟି, ଜମି ଜମା ସମ୍ବନ୍ଧୀୟ ୧୫ଟି, ଭତା ସମ୍ବନ୍ଧୀୟ ୧୩ଟି। ୨ଟି ପୁଲିସ ସହାୟତା, ରେଡ୍‌କ୍ରସ ସହାୟତା ୧ଟି ଓ ଅନ୍ୟାନ୍ୟ ୨୨ଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା। ସେଥିମଧ୍ୟରୁ ତତ୍କାଳ ୨ଟିର ସମାଧାନ କରା ଯାଇଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଅରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲାପରିଷଦର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବି.ଡି.ଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଜଲକ୍ଷ୍ମୀ ନାୟକ ଓ ଜିଲ୍ଲାସ୍ତରୀୟ ବହୁ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ।

# କବି ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତ୍‌ସିଂହପୁର,୨୭।୧୦/ଏନ୍‌ଏନ୍‌ଏସ୍:** କବି ତଥା ପ୍ରାକ୍ତନ ଭାରତୀୟ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ମହାପ୍ରୟାଣରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ମୁଳିସିଂହସ୍ଥିତ ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସ୍ୱର୍ଗତ ରାଜେନ୍ଦ୍ର ପଣ୍ଡା ଜଣେ ସୁନାମଧନ୍ୟ କବି ତଥା ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ କବି ରାଜେନ୍ଦ୍ର କିଶୋର ପଣ୍ଡା ଅମର ହୋଇ ରହିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଅଧ୍ୟକ୍ଷା ଜ୍ୟୋର୍ତିମୟୀ ମହାରଣା , ଶିକ୍ଷକ ଅଶୋକ କୁମାର ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ ଓ ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ପଣ୍ଡାଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ୧୬ଟି କବିତା ସଂକଳନ, ଦୁଇଟି ଚର୍ଚ୍ଚିତ ଉପନ୍ୟାସ ତାଙ୍କୁ କାଳଜୟୀ କରି ରଖିବ ବୋଲି କହିବା ସହିତ ସେଥିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ବିଷୁବ ପୁରସ୍କାର, ସାରଳା ସମ୍ମାନ ଇତ୍ୟାଦି ଲାଭ କରିଛନ୍ତି ବୋଲି ମତଦେଇଥିଲେ। ସଭାର ଆରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ମିନତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ଲିଜ୍‌କୁ ନେଇ ଗ୍ରାମବାସୀଙ୍କ ତୀବ୍ର ବିରୋଧ



**କେନ୍ଦ୍ରାପଡା,୨୭।୧୦/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସହର ସଂଲଗ୍ନ କପାଳେଶ୍ୱର ପଞ୍ଚାୟତର ଦଳିତ ସାହି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଜମିକୁ ଅନ୍ୟ ଗ୍ରାମର ବାସନ୍ତୀ ସେଠୀ ନାମ୍ନୀ ଜଣେ ମହିଳାଙ୍କୁ ଲିଜ୍ ଦିଆଯାଇଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାର ତୀବ୍ର ବିରୋଧ କରାଯାଇଛି। ସୂଚନା ଅନୁଯାୟୀ, କପାଳେଶ୍ୱର ଗ୍ରାମର ୧୬ନମ୍ବର ୱାର୍ଡରେ ଥିବା ଖାତା ନମ୍ବର-୫୫୫/୧୪୦୮, ପ୍ଲଟ ନମ୍ବର-୧୩୭୮/୨୬୪୯ର ଜମିକୁ ମହିଳାଙ୍କୁ ଲିଜ୍ ଦିଆଯାଇ ଏହି ଟ୍ରକ୍ ଉପରେ ଅଙ୍ଗନବାଡି କେନ୍ଦ୍ର ଓ ପିଲା ଖେଳିବା ପାଇଁ ପଡିଆ ରହିଛି। ଏହାକୁ କେନ୍ଦ୍ରାପଡା ତହସିଲ୍ କାର୍ଯ୍ୟାଳୟ କିଭଳି ଲିଜ୍ ଦେଲେ ସେ ସମ୍ପର୍କରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ପ୍ରଦାନ କରି ତୁରନ୍ତ ଏହି ଲିଜ୍‌କୁ ବାତିଲ୍ କରିବା ସହିତ ଅଙ୍ଗନବାଡି କେନ୍ଦ୍ରକୁ ଜମି ଫେରେଇବା ପାଇଁ ଦାବି କରିଛନ୍ତି। ଗ୍ରାମର ଶହ ଶହ ମହିଳା ଏହାକୁ ବିରୋଧ କରି ସ୍କୁଲ ଆଗରେ ଧାରଣାରେ ବସି ରହିଥିଲେ। କପାଳେଶ୍ୱର ପଞ୍ଚାୟତର ସରପଞ୍ଚଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଶରତ କୁମାର ମଲ୍ଲିକ, ଅଜୟ କୁମାର ମଲ୍ଲିକ, ଗଙ୍ଗା ମଲ୍ଲିକ, ପ୍ରମୋଦ ମଲ୍ଲିକ, ରମେଶ ମଲ୍ଲିକ, ମମତା ମଲ୍ଲିକ, ଅଶୋକ ମଲ୍ଲିକ, ସାବିତ୍ରୀ ମଲ୍ଲିକ, ରମୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ନିତି ଭାରତୀ

ଦେଶପ୍ରେମ ହେଉଛି ଏକମାତ୍ର ଲୋକାଚାର ଧର୍ମ।
- ସ୍ୱାମୀ ବିବେକାନନ୍ଦ

NITIDIN
ନିତିଦିନ
ମଙ୍ଗଳବାର, ୨୮ ଅକ୍ଟୋବର, ୨୦୨୫

# ଭାରତର ସ୍ୱାଧୀନତା ସଂଗ୍ରାମରେ ଭଗିନୀ ନିବେଦିତାଙ୍କ ଅବଦାନ

**ପ୍ରବ୍ରାଜିକା ବୀତଭୟପ୍ରାଣା**

ପୃଥିବୀରେ ସ୍ୱଦେଶ ପାଇଁ ଆତ୍ମତ୍ୟାଗ କରିଥିବା ଏପରି ମହାନ ବ୍ୟକ୍ତି ଅନେକ ଅଛନ୍ତି। କିନ୍ତୁ ଗୋଟିଏ ଅଜଣା, ଅଚିହ୍ନା ଦେଶ ଓ ଜାତି ପାଇଁ ନିଜକୁ ନିଃଶେଷ କରିବାର ଦୃଷ୍ଟାନ୍ତ ଏହି ଗୋଟିଏ। ନିବେଦିତା କେତେ ଦୁଃସାହସିକତାର ସହିତ ଜଣେ ହିନ୍ଦୁ ସନ୍ନ୍ୟାସୀଙ୍କୁ ଗୁରୁ ଭାବରେ ଗ୍ରହଣ କରିଥିଲେ, ତାହା ଶାସକ ଇଂରେଜ ଜାତିର କଳ୍ପନାତୀତ ଥିଲା। ନିଜେ ଜଣେ ଇଂରେଜ ହୋଇ ମଧ୍ୟ ଭାରତବର୍ଷରୁ ଇଂରେଜୀ ଶାସନର ଅବସାନ ପାଇଁ ସେ ଯେପରି ନଛୋଡ଼ବନ୍ଧା ହୋଇ ଉଠିଥିଲେ, ତାହା ବାସ୍ତବିକ ଅବିଶ୍ୱାସ୍ୟ ଥିଲା। ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଆଶୈଶବ ୟୁରୋପୀୟ ଅଭ୍ୟାସ, ମା-ଭାଇ-ଭଉଣୀ, ନିଶ୍ଚିତ ସୁଖମୟ ଜୀବନ- ସବୁ କିଛି ତ୍ୟାଗ କରି ସେ ଏହି ଭାରତବର୍ଷକୁ ନିଜର ଦେଶ ଭାବେ କିପରି ଗ୍ରହଣ କରି ନେଇଥିଲେ! କୌତୁହଳ ହୁଏ, ଜଣେ ବିଦେଶିନୀ ଏତେ ବଡ଼ ଭାରତ-ପୂଜାରିଣୀ କିପରି ହେଲେ ? ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ ଲେଖିଛନ୍ତି, 'ନିବେଦିତା ଭାରତବର୍ଷକୁ ଯେପରି ଭଲ ପାଇଥିଲେ, କୌଣସି ଭାରତବାସୀ ସେପରି ଭଲ ପାଇ ପାରିଛନ୍ତି କି ନାହିଁ, ସନ୍ଦେହ।'

୧୮୬୭ ମସିହାର ଅକ୍ଟୋବର ୨୮ ତାରିଖରେ ଉତ୍ତର ଆୟାର୍ଲ୍ୟାଣ୍ଡର ଡାନଗ୍ୟାନନ ନାମକ ଏକ ଛୋଟ ସହରରେ ନିବେଦିତାଙ୍କ ଜନ୍ମ। ତାଙ୍କର ନାମ ଥିଲା ମିସ୍ ମାର୍ଗାରେଟ ଏଲିଜାବେଥ ନୋବଲ। ଲଣ୍ଡନରେ ତାଙ୍କର ଶିକ୍ଷା ଓ କର୍ମମୟ ଜୀବନର ଆରମ୍ଭ ହୋଇଥିଲା। ୧୮୯୫ ମସିହାର ନଭେମ୍ବରରେ ଏକ ଶୁଭ ସନ୍ଧ୍ୟାର ମାହେନ୍ଦ୍ର ଲଗ୍ନରେ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ମାତ୍ର ଅଠେଇଶ ବର୍ଷର ମାର୍ଗାରେଟ ନିଜର ଶିକ୍ଷା, ଲେଖାଲେଖି ଓ ବକ୍ତୃତା ମାଧ୍ୟମରେ ସେହି ସମୟରେ ଲଣ୍ଡନର ପଣ୍ଡିତ ମହଲରେ ଯଥେଷ୍ଟ ସୁନାମ ଅର୍ଜନ କରି ପାରିଥିଲେ। କିନ୍ତୁ ଜନ୍ମ ଲଗ୍ନଠାରୁ ମାର୍ଗାରେଟ ଭାରତବର୍ଷ ପାଇଁ କାର୍ଯ୍ୟ କରିବାକୁ ଦୈବନିର୍ଦ୍ଦିଷ୍ଟ ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ସହ ସାକ୍ଷାତ ପରେ ଭାରତୀୟ ନାରୀ ସମାଜ ପାଇଁ କର୍ମ କରିବାକୁ ଯେଉଁ ଆହ୍ୱାନ ଆସିଥିଲା, ମାର୍ଗାରେଟ ତାହା ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ। ଏକ ବିଶେଷ ସମ୍ଭାବନାପୂର୍ଣ୍ଣ ଉଜ୍ଜ୍ୱଳ ଜୀବନ ତ୍ୟାଗ କରି ସେ ୧୮୯୮ ମସିହା ଜାନୁଆରୀ ମାସରେ ଭାରତରେ ପଦାର୍ପଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ତାଙ୍କୁ ମାନସକନ୍ୟା ଭାବରେ ଗ୍ରହଣ କରି ତାଙ୍କ ନାମ ରଖିଥିଲେ ନିବେଦିତା।

ପରାଧୀନ, ଦୁର୍ଦ୍ଦଶାଗ୍ରସ୍ତ ଭାରତବର୍ଷକୁ ଆସି ଶ୍ରୀଗୁରୁଦେବଙ୍କ ଆଶୀର୍ବାଦରେ ଅତ୍ୟନ୍ତ ପ୍ରତିକୂଳ ପରିବେଶରେ ରହି ମଧ୍ୟ ନିବେଦିତା ଏ ଦେଶକୁ ଅନ୍ତର ଦେଇ ଭଲ ପାଇ ପାରିଥିଲେ। ୧୮୯୮ ମସିହାର ନଭେମ୍ବର ମାସରେ ନିବେଦିତା ତାଙ୍କର ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଜଗଜ୍ଜନନୀ ଶ୍ରୀମା ସାରଦା ଦେବୀ ସେହି ବିଦ୍ୟାଳୟର ଶୁଭାରମ୍ଭ କରିଥିଲେ। କେତେ କଷ୍ଟ ସ୍ୱୀକାର କରି, କେତେ ଅପମାନ ସହ୍ୟ କରି ନିବେଦିତା ତତ୍କାଳୀନ ରକ୍ଷଣଶୀଳ ସମାଜର ଝିଅମାନଙ୍କୁ 'ମେମ୍‌ଙ୍କ ସ୍କୁଲ'କୁ ଆଣି ପାରିଥିଲେ, ତାହା ଆଜିର ଏହି ଅତ୍ୟାଧୁନିକ ଯୁଗରେ ଅଚିନ୍ତନୀୟ। ଭୟଙ୍କର ପ୍ଲେଗ୍ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ଯେଉଁ ସେବା କରିଥିଲେ, ତାହା ଆଜି କିମ୍ବଦନ୍ତୀ ହୋଇ ରହିଛି।

ବିଦ୍ୟାଳୟଟି ପ୍ରତିଷ୍ଠା ପରେ ଧୀରେ ଧୀରେ ତାହା ବାଗବଜାର ପଲ୍ଲୀବାସୀଙ୍କ ପାଇଁ ଆନନ୍ଦ- ନିକେତନ ହୋଇ ଉଠିଥିଲା। କିନ୍ତୁ ବିଦ୍ୟାଳୟ ପରିଚାଳନା ନିମିତ୍ତ ପ୍ରୟୋଜନୀୟ ଅର୍ଥ ଭାରତୀୟମାନଙ୍କର ଦେବାର କ୍ଷମତା ନଥିଲା। ସେଥିପାଇଁ ନିବେଦିତାଙ୍କୁ ଅର୍ଥ ସଂଗ୍ରହ ଉଦ୍ଦେଶ୍ୟରେ ପାଶ୍ଚାତ୍ୟ ଦେଶଗୁଡ଼ିକର ସାହାଯ୍ୟ ନେବାକୁ ହୋଇଥିଲା। ଏହି ପାଶ୍ଚାତ୍ୟ ଯାତ୍ରା ସମୟରେ ସ୍ୱାମୀଜୀଙ୍କ ଘନିଷ୍ଠ ସାନ୍ନିଧ୍ୟ ନିବେଦିତାଙ୍କ ଜୀବନକୁ ସବୁଠାରୁ ବେଶି ସମୃଦ୍ଧ କରିଥିଲା। ପାଶ୍ଚାତ୍ୟ ତ୍ୟାଗ କରି ନିବେଦିତା ଭାରତରେ ପଦାର୍ପଣର କିଛି ଦିନ ମଧ୍ୟରେ ସ୍ୱାମୀଜୀଙ୍କ ସହ ଭାରତାତ୍ମା ହିମାଳୟ ଭ୍ରମଣ ପରି ଏହି ସମୁଦ୍ର ଯାତ୍ରା ତାଙ୍କୁ ଭାରତ-ଉପାସିକାରେ ପରିଣତ କରିବାରେ ବିଶେଷ ଭାବରେ ସାହାଯ୍ୟ କରିଥିଲା।

୧୯୦୨ ମସିହାରେ ସ୍ୱାମୀଜୀଙ୍କର ମହାପ୍ରୟାଣ ଘଟେ। ପରମାରାଧ୍ୟ ଗୁରୁଦେବଙ୍କ ଆକସ୍ମିକ ତିରୋଧାନରେ ନିବେଦିତା ଅବର୍ଣ୍ଣନୀୟ ବେଦନାକୁ ସହ୍ୟ କରି ଭାରତମାତାଙ୍କ ସେବାରେ ନିଜକୁ ସର୍ବତୋ ଭାବରେ ନିୟୋଜିତ ରଖିଥିଲେ। କାରଣ ଭାରତବର୍ଷ ଥିଲା ତାଙ୍କର ଜୀବନ-କର୍ଣ୍ଣଧାର ଗୁରୁଦେବଙ୍କର ଧ୍ୟାନ ଜ୍ଞାନ। ଭାରତୀୟ ନାରୀ ସମାଜ କିପରି ସୁଶିକ୍ଷିତା ହେବେ; ଭାରତର ଶିଳ୍ପ, ସାହିତ୍ୟ, ବିଜ୍ଞାନ କିପରି ସମୃଦ୍ଧ ହେବ; ଭାରତୀୟ ଜନଗଣ ସେମାନଙ୍କର ସୁମହାନ ଐତିହ୍ୟ ଓ ସଂସ୍କୃତିକୁ କିପରି ଶ୍ରଦ୍ଧା ଓ ସମ୍ମାନ କରିବେ ଏବଂ ସର୍ବତୋ ଭାବରେ ନାରୀ ପୁରୁଷ ନିର୍ବିଶେଷରେ କିପରି ଜାତୀୟତାବୋଧରେ ଅନୁପ୍ରାଣିତ ହେବେ- ଏହା ହିଁ ଥିଲା ନିବେଦିତାଙ୍କର ଜୀବନ ସାଧନା। ଏହି ଉଦ୍ଦେଶ୍ୟରେ ନିବେଦିତା ଅସଂଖ୍ୟ ପୁସ୍ତକ, ପ୍ରବନ୍ଧାଦି ରଚନା କରିଥିଲେ ଓ ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବକ୍ତୃତା ଦେବାର କାର୍ଯ୍ୟସୂଚୀ ଗ୍ରହଣ କରିଥିଲେ।

ସ୍ୱାମୀଜୀ ହୃଦୟଙ୍ଗମ କରିଥିଲେ ଯେ ଦେଶର ସର୍ବାଙ୍ଗୀନ କଲ୍ୟାଣ ସାଧନ ପାଇଁ ସ୍ୱାଧୀନତା ହିଁ ପ୍ରଥମ ସର୍ତ୍ତ। ଏହି ଉଦ୍ଦେଶ୍ୟରେ ଦେଶକୁ ବିଦେଶୀ ଶାସନର ନାଗପାଶରୁ ମୁକ୍ତ କରିବା ପାଇଁ ନିବେଦିତା ରାଜନୀତି ସଙ୍ଗେ ଯୁକ୍ତ ହୋଇ ପଡ଼ିଥିଲେ। ଅଥଚ ସ୍ୱାମୀ ବିବେକାନନ୍ଦ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ରାଜନୀତିଠାରୁ ବହୁ ଦୂରରେ। ସେଥିପାଇଁ ନିବେଦିତାଙ୍କୁ ରାମକୃଷ୍ଣ ସଂଘର ସଦସ୍ୟ ପଦ ତ୍ୟାଗ କରିବାକୁ ହୋଇଥିଲା, ଯଦିଓ ବେଲୁର ମଠର ସନ୍ନ୍ୟାସୀମାନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଆଜୀବନ ଅମଳିନ ରହିଥିଲା।

ଏହା ପରେ ନିବେଦିତାଙ୍କ କଠୋରତାପୂର୍ଣ୍ଣ ଜୀବନ ଆରମ୍ଭ ହୋଇଥିଲା। ସେ କହିଥିଲେ, 'My task is to awaken a nation.' ଭାରତବର୍ଷର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ସ୍ୱାମୀଜୀଙ୍କ ବାଣୀ ପ୍ରଚାର ନିବେଦିତାଙ୍କର ଏକମାତ୍ର ବ୍ରତ ହୋଇ ଉଠିଲା। କାରଣ ସେ ଉପଲବ୍ଧି କରିଥିଲେ ଐକ୍ୟବଦ୍ଧ ଭାରତ ରାଷ୍ଟ୍ର ଗଠନ ପାଇଁ ସ୍ୱାମୀଜୀଙ୍କ ବାଣୀର ଗୁରୁତ୍ୱ ଅପରିସୀମ। ସେ ଲେଖିଛନ୍ତି, ଗୋଟିଏ ଅଖଣ୍ଡ ସତ୍ତାର ଆବିର୍ଭାବ ଘଟିଛି, ଯାହାର ନାମ- ରାମକୃଷ୍ଣ-ବିବେକାନନ୍ଦ। ଏହି ଦୁଇ ମହାଜୀବନ ମଧ୍ୟରେ ହିଁ ସମଗ୍ର ଭାରତର ଐକ୍ୟ ବିଦ୍ୟମାନ। ଭାରତବର୍ଷ ଏହି ଦୁଇ ମହାପୁରୁଷଙ୍କୁ ହୃଦୟରେ ଧାରଣ କରୁ- ଏହା ହିଁ ଆମର ପ୍ରୟୋଜନ। ନିବେଦିତାଙ୍କର ଚିନ୍ତାରେ, ବକ୍ତବ୍ୟରେ ଓ ଲେଖନୀରେ ରାମକୃଷ୍ଣ-ବିବେକାନନ୍ଦଙ୍କ ଭାବଧାରାର ଅନ୍ୟ ନାମ ହିଁ ଥିଲା ଜାତୀୟତା।

ଏଠାରେ ଉଲ୍ଲେଖଯୋଗ୍ୟ, ନିବେଦିତା ଯେ ଜାତୀୟତାବୋଧର କଥା କହିଛନ୍ତି, ତାହା କୌଣସି ସଂକୀର୍ଣ୍ଣ ଜାତୀୟତାବାଦ ନୁହେଁ। ମନେ ରଖିବାକୁ ହେବ, ଭାରତୀୟ ଜାତୀୟତାବାଦ କୌଣସି ସଂକୀର୍ଣ୍ଣ ଦେଶପ୍ରେମର ପରିସୀମା ମଧ୍ୟରେ ଆବଦ୍ଧ ନୁହେଁ। ବରଂ ଏହାର ନିର୍ଯ୍ୟାସ ଆନ୍ତର୍ଜାତିକତାବାଦ। ନିବେଦିତା ଭାରତୀୟ ଜାତୀୟତାବାଦର ଏହି ମର୍ମ କଥା ତାଙ୍କର ବଳିଷ୍ଠ ଲେଖନୀ ଓ ଅସାଧାରଣ ବାଗ୍ମୀତା ମାଧ୍ୟମରେ ପ୍ରଚାର କରିଥିଲେ। ତାଙ୍କର ସ୍ୱଲିଖିତ "The web of Indian Life, Cradle Tales of Hinduism, Footfalls of Indian History, Master As I Saw Him' ପ୍ରଭୃତି ପୁସ୍ତକଗୁଡ଼ିକ ପଠନ କରି ବିଶ୍ୱବାସୀ ଭାରତର ସୁମହାନ ଐତିହ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ଆଭିଜାତ୍ୟ ସମ୍ପର୍କରେ ଅବହିତ ହୋଇ ଚମତ୍କୃତ ହୋଇଥିଲେ।

ଶିଳ୍ପ, ସାହିତ୍ୟ, ବିଜ୍ଞାନ, ଶିକ୍ଷା, ଇତିହାସ, ସମାଜତତ୍ତ୍ୱ, ଅର୍ଥନୀତି, ଲୋକସଂସ୍କୃତି ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ବା ନବଜାଗରଣ ନିବେଦିତାଙ୍କ ଜାତୀୟତାବୋଧର ମୂଳମନ୍ତ୍ର ଥିଲା। ଆଉ ଏଥିପାଇଁ ସର୍ବାଗ୍ରେ ପ୍ରୟୋଜନ ଭାରତର ରାଜନୈତିକ ସ୍ୱାଧୀନତା। ୧୮୯୮ ମସିହାରେ ସ୍ୱାମୀଜୀ ଯୁବକମାନଙ୍କୁ ଉଦ୍ଦେଶ୍ୟ କରି କହିଥିଲେ, 'ଆସନ୍ତା ପଚାଶ ବର୍ଷ ଜନନୀ ଭାରତବର୍ଷ ତୁମମାନଙ୍କର ଏକମାତ୍ର ଆରାଧ୍ୟ ଦେବୀ ହୁଅନ୍ତୁ।' ନିବେଦିତା ମଧ୍ୟ ଜପ କରୁଥିଲେ, 'ଭାରତବର୍ଷ! ଭାରତବର୍ଷ ମା'! ମା'! ମା'!' ବାସ୍ତବିକ ସ୍ୱାମୀଜୀଙ୍କର ଏହି ବାଣୀକୁ ଫଳବତୀ କରିବା ହିଁ ଥିଲା ନିବେଦିତାଙ୍କ ବୈପ୍ଳବିକ ସଂଗ୍ରାମର ପ୍ରଧାନ ଉଦ୍ଦେଶ୍ୟ।

ରାମକୃଷ୍ଣ ସଂଘର ସଦସ୍ୟ ପଦରୁ ଅବ୍ୟାହତି ନେଇ ନିବେଦିତା ୧୯୦୨ ମସିହାରେ ସେପ୍ଟେମ୍ବର ମାସରେ ବମ୍ବେ, ନାଗପୁର, ଭାଣ୍ଡାରା, ଅମରାବତୀ ଏବଂ ବରୋଦାରେ ଛଅ ସପ୍ତାହର ବକ୍ତୃତା ପ୍ରଦାନର କର୍ମସୂଚୀ ଗ୍ରହଣ କରିଥିଲେ। ବରୋଦାରେ ସେଠାକାର କଲେଜର ଅଧ୍ୟାପକ ଓ ଦେଶର ସଶସ୍ତ୍ର ବିପ୍ଳବର ଅନ୍ୟତମ ପୁରୋଧା ଓ ପ୍ରବକ୍ତା ଶ୍ରୀ ଅରବିନ୍ଦ ଘୋଷଙ୍କ ସହ ତାଙ୍କର ଦେଖା ହୋଇଥିଲା। ସାକ୍ଷାତକାର ପରବର୍ତ୍ତୀ ସମୟରେ ଦେଶର ରାଜନୀତିରେ ଏହି ଦୁଇ କର୍ଣ୍ଣଧାରଙ୍କୁ କେନ୍ଦ୍ର କରି ଏକ ଯୌଥ କର୍ମଧାରା ସୃଷ୍ଟି ହୋଇଥିଲା ଏବଂ ନିବେଦିତା କ୍ରମଶଃ ବିପ୍ଳବୀମାନଙ୍କ ସହ ଘନିଷ୍ଠ ହୋଇ ଉଠିଥିଲେ।

Lizelle Reymonds ତାଙ୍କର 'The Dedicated' ନାମକ ନିବେଦିତାଙ୍କ ଜୀବନୀ ଗ୍ରନ୍ଥରେ ସ୍ୱାମୀ ବିବେକାନନ୍ଦଙ୍କ ବାନ୍ଧବୀ ମିସ୍ ଜୋସେଫାଇନ



ଜନ୍ମବାର୍ଷିକୀ ଉପଲକ୍ଷେ

ମ୍ୟାକ୍‌ଲାଉଡ, ଷ୍ଟେଟସ୍‌ମ୍ୟାନର ସମ୍ପାଦକ ଏମ୍ ର୍ୟାଟକ୍ଲିଫ ଏବଂ ତାଙ୍କର ସ୍ତ୍ରୀ, ଶ୍ରୀ ଅରବିନ୍ଦ ଘୋଷଙ୍କର ଭାଇ ବାରୀନ୍ଦ୍ର କୁମାର ଘୋଷ, ଭୂପେନ୍ଦ୍ରନାଥ ଦତ୍ତ, ରାମାନନ୍ଦ ଚଟ୍ଟୋପାଧ୍ୟାୟ ଇତ୍ୟାଦି ନିବେଦିତାଙ୍କର ଘନିଷ୍ଠ ବ୍ୟକ୍ତିମାନଙ୍କ ସାକ୍ଷାତକାର ଓ ଚିଠିପତ୍ରରୁ ତଥ୍ୟ ସଂଗ୍ରହ କରି ଭାରତର ଜାତୀୟ ସଂଗ୍ରାମରେ ତାଙ୍କର ବଳିଷ୍ଠ ଓ ସକ୍ରିୟ ଭୂମିକା ରହିଥିବାର କଥା ଉଲ୍ଲେଖ କରିଛନ୍ତି। ବକ୍ତୃତା ପ୍ରଦାନ ଓ ପ୍ରବନ୍ଧ ରଚନା ନିବେଦିତାଙ୍କର ସ୍ୱଦେଶିକତା ପ୍ରଚାରର ମାଧ୍ୟମ ଥିଲା। ତା' ସଙ୍ଗେ ସଙ୍ଗେ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କ ବିଜ୍ଞାନାଗାରରେ ବୋମା ପ୍ରସ୍ତୁତ କରିବା କାର୍ଯ୍ୟରେ ମଧ୍ୟ ନିବେଦିତା ସଂଶ୍ଳିଷ୍ଟ ଥିଲେ। ସେ ନିଜେ ଚରମପନ୍ଥୀ ଥିଲେ ମଧ୍ୟ ନରମପନ୍ଥୀ କଂଗ୍ରେସ ନେତା ଏବଂ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଗୋପାଳକୃଷ୍ଣ ଗୋଖଲେଙ୍କ ସହ ବ୍ୟକ୍ତିଗତ ଜୀବନରେ ରାଜନୀତି ସ୍ୱାର୍ଥରେ ସୌହାର୍ଦ୍ଦ୍ୟ ବଜାୟ ରଖିଥିଲେ। ୧୯୦୬ ମସିହାରେ ମାର୍ଚ୍ଚ ମାସରେ ବଙ୍ଗଳାର ଗୁପ୍ତ ସମିତିର ମୁଖପତ୍ର 'ଯୁଗାନ୍ତର'କୁ ନିବେଦିତା ଲେଖା, ଅର୍ଥ ଏବଂ ପରାମର୍ଶ ପ୍ରଦାନ କରି ସର୍ବତୋ ଭାବରେ ସାହାଯ୍ୟ କରିଥିଲେ। ଫଳରେ ପତ୍ରିକାଟିର ଜନପ୍ରିୟତା ଆଶାତୀତ ଭାବରେ ବୃଦ୍ଧି ପାଇଥିଲା ଏବଂ ୧୯୦୭ ମସିହାର ପ୍ରଥମ ଭାଗରେ ପ୍ରଚାର ସଂଖ୍ୟା ପଚାଶ ହଜାରକୁ ଅତିକ୍ରମ କରିଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଭାଇ ପତ୍ରିକାର ସମ୍ପାଦକ ଭୂପେନ୍ଦ୍ରନାଥ ଦତ୍ତ ଏବଂ ଅନ୍ୟ କିଛି କର୍ମୀ ରାଜଦ୍ରୋହ ଅପରାଧରେ ଗିରଫ ହେଲେ। ନିବେଦିତା ନିଜେ ଦଶ ହଜାର ଟଙ୍କା ଜମା ଦେଇ ଏମାନଙ୍କର ଜାମିନ ପାଇଁ ଚେଷ୍ଟା କରି ସଫଳ ହୋଇଥିଲେ। କେବଳ ତାହା ନୁହେଁ, ଏହି ସମସ୍ତ ବିପ୍ଳବୀଙ୍କ ପରିବାରବର୍ଗଙ୍କ ଭରଣପୋଷଣର ଦାୟିତ୍ୱ ନିବେଦିତା ନିଜେ ଗ୍ରହଣ କରିଥିଲେ। ପୂର୍ବରୁ ତାଙ୍କ କାର୍ଯ୍ୟକଳାପରେ ବ୍ରିଟିଶ ସରକାର ଅସନ୍ତୁଷ୍ଟ ଥିଲେ। ଏହି କାର୍ଯ୍ୟ ଫଳରେ ସେହି ଅସନ୍ତୋଷ ଆହୁରି ଅନେକ ଗୁଣ ବଢ଼ି ଯାଇଥିଲା। 'Englishman' ଖବରକାଗଜ ତାଙ୍କୁ 'a traitor to her race' ବୋଲି ପ୍ରଚାର କରିଥିଲା।

ବିଶିଷ୍ଟ ନିବେଦିତା- ଗବେଷକ ଅଧ୍ୟାପକ ଶଙ୍କରୀପ୍ରସାଦ ବସୁ ତାଙ୍କର 'ନିବେଦିତା ଲୋକମାତା' ଗ୍ରନ୍ଥରେ ଲେଖିଛନ୍ତି 'ବଙ୍ଗଭଙ୍ଗ' ଘଟଣା ପୂର୍ବରୁ ନିବେଦିତା ହିଁ ବଙ୍ଗଳାର ବିପ୍ଳବୀ ମାନସିକତାକୁ ସବୁଠାରୁ ବେଶି ପ୍ରଭାବିତ କରିଥିଲେ। ତାଙ୍କ ମତରେ, ୧୯୦୨ ମସିହାରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟ ସୀମା ମଧ୍ୟରେ ଭାରତର ରାଜନୀତିରେ ନିବେଦିତାଙ୍କର ପ୍ରଭାବ ଏତେ ବେଶି ଗଭୀର ଓ ବ୍ୟାପକ ଥିଲା ଯେ ତାହା 'ନିବେଦିତା ଯୁଗ' ହିସାବରେ ନାମିତ କରାଯାଇପାରେ।

ଭାରତର ସଶସ୍ତ୍ର ଆନ୍ଦୋଳନରେ ନିବେଦିତାଙ୍କର ପ୍ରତ୍ୟକ୍ଷ ନା ପରୋକ୍ଷ ଭୂମିକା ଥିଲା- ଏହି ବିତର୍କ ହୁଏତ ଶେଷ ହେବ ନାହିଁ। ଗବେଷଣା ଏପରି ଏକ ବିଷୟ, ଯେଉଁଠାରେ ପୂର୍ଣ୍ଣ ଓ ଅବିସମ୍ବାଦିତ ସତ୍ୟ କେବେ ମଧ୍ୟ ପ୍ରତିଷ୍ଠିତ ହୋଇ ପାରିନାହିଁ। ସେଠାରେ ପ୍ରଶ୍ନ ରହିଯାଏ, ସଂଶୟର ଅବକାଶ ବି ରହିଯାଏ।

ଯେଉଁମାନେ କୁହନ୍ତି ଯେ ଭାରତର ଜାତୀୟ ସଂଗ୍ରାମ ସହ ନିବେଦିତାଙ୍କର ପରୋକ୍ଷ ସଂଯୋଗ ଥିଲା, ସେମାନଙ୍କର ଯୁକ୍ତି ଯେ ନିବେଦିତା କେବେ ମଧ୍ୟ ଗିରଫ ହୋଇ ନଥିଲେ। କିନ୍ତୁ ଗିରଫ ନହେଲେ ମଧ୍ୟ ସେ ଯେ ବ୍ରିଟିଶ ସରକାରଙ୍କ ସତର୍କ ନଜର ମଧ୍ୟରେ ଥିଲେ, ତାହାର ପ୍ରମାଣ ପଶ୍ଚିମବଙ୍ଗ ରାଜ୍ୟ ଲେଖାଗାର (Archive)ରେ ସଂରକ୍ଷିତ ଗୋଟିଏ ଦଲିଲ। ସେଥିରେ Special Superintendent of Police of Intelligency Branch Charles Tegartu ର ୧୯୦୪ ମସିହା, ଏପ୍ରିଲ ୨୨ ତାରିଖର ଗୋଟିଏ ରିପୋର୍ଟ ସେହି ଦଲିଲରେ ରହିଛି। ରିପୋର୍ଟଟି ହେଲା: ଏହି ମହିଳା ଅତ୍ୟନ୍ତ ବିପଜ୍ଜନକ। ସମଗ୍ର ବଙ୍ଗଳାରେ ନିଜର ଜ୍ୱାଳାମୟୀ ବକ୍ତୃତା ଦ୍ୱାରା ସ୍ୱଦେଶୀ ଆନ୍ଦୋଳନକୁ ପ୍ରଚାର କରୁଛନ୍ତି। ରାଜଦ୍ୱେଷୀ 'ଯୁଗାନ୍ତର' ପତ୍ରିକାର ସମ୍ପାଦକ ଭୂପେନ୍ଦ୍ରନାଥ ଦତ୍ତ ଗିରଫ ହେଲେ ଏହି ମହିଳା ତାଙ୍କ ପାଇଁ ଜାମିନର ଆବେଦନ କରିଛନ୍ତି। 'ବନ୍ଦେ ମାତରମ୍'କୁ ଜାତୀୟ ମନ୍ତ୍ର ବୋଲି ପ୍ରଚାର କରୁଛନ୍ତି। ସାରା ଭାରତକୁ ଜାତୀୟତାବୋଧରେ ଅନୁପ୍ରାଣିତ କରୁଛନ୍ତି। ସେହି ଦଲିଲର ଆହୁରି କିଛି ଅଂଶ: '୧୯୦୩ ମସିହା ମେ' ମାସର ମଝି ମଝିରେ ଏହି ମହିଳା ମେଦିନୀପୁର ଜିଲ୍ଲାରେ ୧୨/୧୩ଟି ବକ୍ତୃତା ଦେଇଛନ୍ତି। ଧର୍ମୀୟ ପ୍ରସଙ୍ଗ ମାଧ୍ୟମରେ ଏହିସବୁ ସଭାରେ ସେ ଭାରତର ମୁକ୍ତି ସଂଗ୍ରାମର କଥା ହିଁ ଆଲୋଚନା କରିଛନ୍ତି। ଯୁବ ସମ୍ପ୍ରଦାୟକୁ ଶାରୀରିକ ଚର୍ଚ୍ଚା ପାଇଁ ଉତ୍ସାହିତ କରିବାକୁ ଯାଇ ବକ୍ତା ନିଜେ ନାନା ପ୍ରକାରର ବ୍ୟାୟାମ, ତଲୱାର ଚାଳନା, ପ୍ରଦର୍ଶନ କରିଛନ୍ତି। ମାତ୍‌ସିନି, ପ୍ରିନ୍ସ କ୍ରୋ ପଟ୍‌କିନ ପ୍ରଭୃତି ବିପ୍ଳବୀମାନଙ୍କ କାର୍ଯ୍ୟକଳାପ ବର୍ଣ୍ଣନା କରିଛନ୍ତି। ଫଳରେ ଏହିସବୁ ସଭାରେ ଜନସମାଗମ ବୃଦ୍ଧି ପାଇଥିଲା। ଆଉ ଜେନେରାଲ ହୋଇ ମଧ୍ୟ ଗିରଫ ନ ହେବାର ରହସ୍ୟ ସମ୍ଭବତଃ ଆୟାର୍ଲ୍ୟାଣ୍ଡର 'Sinn Fein' ଆନ୍ଦୋଳନରେ ଯୁକ୍ତ ଥିବା ସମୟରେ ତାଙ୍କର ପ୍ରଶିକ୍ଷଣ ଯାହା ଫଳରେ ପୁଲିସ ଓ ସରକାରଙ୍କ ଆଖିରେ ଧୂଳି ଦେଇ ଅନାୟାସରେ ବୈପ୍ଳବିକ କାର୍ଯ୍ୟ ସେ ଅବ୍ୟାହତ ରଖି ପାରିଥିଲେ।

ନିବେଦିତାଙ୍କୁ ତାଙ୍କର ଆରମ୍ଭ କରିଥିବା କାର୍ଯ୍ୟକୁ ଅସମାପ୍ତ ରଖି ଚାଲି ଯିବାକୁ ହୋଇଥିଲା। ଭାରତ ଇତିହାସର ଏକ ଯୁଗ ସନ୍ଧିକ୍ଷଣରେ ନିବେଦିତାଙ୍କ ଆଗମନ ଓ ଅବସ୍ଥାନ। ସେଦିନ ଭାରତବର୍ଷର ଏକ ଜାତୀୟତା-ଉଦ୍‌ବୋଧନକାରୀ ପ୍ରାଣଶକ୍ତିର ପ୍ରୟୋଜନ ଥିଲା। ବହୁ ଆକାଂକ୍ଷିତ ସ୍ୱାଧୀନତା ଲାଭ ପରେ ପ୍ରାୟ ଅଶୀ ଦଶକ ଅତିକ୍ରାନ୍ତ। ବର୍ତ୍ତମାନ ଭାରତର ସଂହତି ବିପନ୍ନ। ଆଜି ଜାତୀୟ ଚେତନାର ଏକାନ୍ତ ଅଭାବ। ଭାରତର ବିପୁଳ ଜନଶକ୍ତି ଦିଗ୍‌ଭ୍ରାନ୍ତ, ଦ୍ୱିଧାଗ୍ରସ୍ତ। କିନ୍ତୁ ଆଜି ମଧ୍ୟ ନିବେଦିତା ମୂର୍ତ୍ତିମନ୍ତ ପ୍ରେରଣା ସ୍ୱରୂପ ବିଦ୍ୟମାନ। ଏହି ସଙ୍କଟଜନକ ମୁହୂର୍ତ୍ତରେ ସେଥିପାଇଁ ରାମକୃଷ୍ଣ-ବିବେକାନନ୍ଦଙ୍କର ନିବେଦିତାଙ୍କ ନିକଟରେ ପ୍ରାର୍ଥନା- ତାଙ୍କର ଆହ୍ୱାନରେ ଦଳକୁ ଦଳ ଭାରତବାସୀ ପୁନରାୟ ସମବେତ ହୁଅନ୍ତୁ- ନତଜାନୁ ହୋଇ ଦୃଢ଼ ଚିତ୍ତରେ ପରମ ଶ୍ରଦ୍ଧାରେ ଉଚ୍ଚାରଣ କରନ୍ତୁ, ତାଙ୍କରି ପ୍ରିୟ ମନ୍ତ୍ର- 'ହେ ଜାତୀୟତା! ସୁଖ ବା ଦୁଃଖ, ମାନ ବା ଅପମାନ- ଯେଉଁ ବେଶରେ ଇଚ୍ଛା ମୋ ନିକଟକୁ ଆସ, ମୋତେ ଆପଣେଇ ନିଅ।'

ତଥ୍ୟ ସୂତ୍ର: ୧) ଭଗିନୀ ନିବେଦିତା- ପ୍ରବ୍ରାଜିକା ମୁକ୍ତିପ୍ରାଣା; ୨) The Dedicated - Lizelle Reymonds; ୩) ନିବେଦିତା ଲୋକମାତା- ଶଙ୍କରୀପ୍ରସାଦ ବସୁ; ୪) ଶ୍ରୀ ଅରବିନ୍ଦ ଓ ବାଂଲାୟ ସ୍ୱଦେଶୀ ଯୁଗ- ଗିରିଜାଶଙ୍କର ରାୟଚୌଧୁରୀ

**ସାରଦା ମଠ, ଦକ୍ଷିଣେଶ୍ୱର**
**କୋଲକାତା- ୭୬**


# ପରିସ୍ଥିତି ସହ ବୁଝାମଣା

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଛି, ଆଉ ତା' ସହିତ ବଢ଼ି ଚାଲିଛି ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ମହାଗଠବନ୍ଧନ ମଧ୍ୟରେ ଭୋଟରମାନଙ୍କୁ ନିଜ ନିଜ ଆଡ଼କୁ ଆକୃଷ୍ଟ କରିବାର ପ୍ରତିଯୋଗିତା। ଏନ୍‌ଡିଏ ମେଣ୍ଟ ଘୂରୁଛି ଭାରତୀୟ ଜନତା ପାର୍ଟି (ବିଜେପି)-ଜନତା ଦଳ (ସଂଯୁକ୍ତ) ଅକ୍ଷ ଚାରିପଟରେ ଏବଂ ମହାଗଠବନ୍ଧନ ଘୂରୁଛି ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି)- ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅକ୍ଷ ଚାରିପଟରେ। କିଛି ଦିନ ପୂର୍ବେ ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନଟିଏ ରହିଥିଲା- ତାଙ୍କ ମେଣ୍ଟର ମୁଖ୍ୟମନ୍ତ୍ରୀ ମୁହଁ କିଏ ? ଏବେ ତା'ର ଉତ୍ତର ମିଳି ସାରିଛି: ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରି ସାରିଛନ୍ତି ଯେ ବିହାରରେ ଏନ୍‌ଡିଏ ଜେଡି (ୟୁ) ନେତାଙ୍କ ଅଧୀନରେ ଏକ ପୁନଃନିର୍ବାଚନ ଲଢ଼ିବ। ତେବେ ଏହା ମୁଖ୍ୟମନ୍ତ୍ରୀଙ୍କ ଦଳ ଭିତରେ ସମସ୍ତଙ୍କ ସ୍ନାୟୁକୋଷକୁ ଉତ୍ତେଜିତ କରିବା ସହିତ ମେଣ୍ଟ ଭିତରେ ସାମାନ୍ୟ ଅସହଜ ବାତାବରଣଟିଏ ଖେଳାଇ ଦେଇଛି। ଉଭୟ ସାଙ୍ଖ୍ୟଙ୍କ ଦ୍ୱାରା ସେମାନଙ୍କ ନିଜ ନିଜର ମୁଖ୍ୟମନ୍ତ୍ରୀ ମୁହଁ ସମ୍ପର୍କିତ ଘୋଷଣାରେ ବିଳମ୍ବ ଘଟିବା ସୂଚାଇ ଦେଇଛି ଯେ ଏହି କାର୍ଯ୍ୟ ଉଭୟ ମେଣ୍ଟଙ୍କ ପାଇଁ ମନର ମିଳନ ଅପେକ୍ଷା ଅଧିକ ପରିମାଣରେ ହୋଇଛି ପରିସ୍ଥିତିର ବାଧ୍ୟବାଧକତାରେ। ଅବଶ୍ୟ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଏନ୍‌ଡିଏ ମେଣ୍ଟ ଘୋଷଣା କରିବାର ବହୁ ପୂର୍ବରୁ ହୋଇ ସାରିଥିଲା। ଏନ୍‌ଡିଏ ମେଣ୍ଟର ବିଜେପି ଏବଂ ଜେଡି (ୟୁ) ମଧ୍ୟରେ ସମ୍ପର୍କ ୨୦୧୭ରେ ସେମାନେ ସରକାର ଗଠନ କରିବା ପରଠାରୁ ଅସହଜ ରହି ଆସିଛି। ଶ୍ରୀଯୁକ୍ତ ନୀତୀଶ କୁମାର ୨୦୧୫ ନିର୍ବାଚନ ଆର୍‌ଜେଡି ସହିତ ମିଶି ଧର୍ମନିରପେକ୍ଷତା ନୀତିର ଆଧାରରେ ଜିତିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ନିଜର ମିତ୍ର ଦଳକୁ ପଛକୁ ଠେଲିଦେଇ ପଟ ପରିବର୍ତ୍ତନ କରିବାକୁ ଚାହିଁଲେ ଏବଂ କ୍ଷମତାରେ ରହିଲେ। ପୁରୁଖା ସମାଜବାଦୀ ନେତା ଶ୍ରୀଯୁକ୍ତ ନୀତୀଶଙ୍କର ଏଭଳି କାମ ଅତି ଚତୁରତାର ସହିତ ସୁରୁଖୁରୁରେ ସମାପ୍ତ ହୋଇଥିବାରୁ ଏହାକୁ ସମସ୍ତେ ପ୍ରଶଂସା କରିଥିଲେ, କିନ୍ତୁ ଯଦି ସେହି ରାଜ୍ୟରୁ ମିଳିଥିବା ରିପୋର୍ଟଗୁଡ଼ିକୁ ଏକ ସୂଚନା ଭାବରେ ଗ୍ରହଣ କରାଯାଏ, ତା'ହେଲେ ସହଜରେ କୁହାଯାଇ ପାରିବ ଯେ ସେବେଠାରୁ ବିଜେପି ତାଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ଭରସା କରି ପାରି ନାହିଁ। ବରଂ ଶ୍ରୀଯୁକ୍ତ ନୀତୀଶ ଯଦି ପୁଣିଥରେ ତାଙ୍କର ପୂର୍ବ ସମାଜବାଦୀ ଧର୍ମନିରପେକ୍ଷ ଭିତ୍ତିଭୂମିକୁ ଫେରିଯିବାକୁ ପସନ୍ଦ କରନ୍ତି, ତା'ହେଲେ ସେଥିପାଇଁ ବିଜେପି ସବୁବେଳେ ପ୍ଲାନ୍-ବି ସହିତ ପ୍ରସ୍ତୁତ ହୋଇ ରହିଛି। ଚଳିତ ଥର ଏହା ଶ୍ରୀଯୁକ୍ତ ନୀତୀଶଙ୍କୁ ଉତ୍ତମ ରୂପେ ଅବଗତ କରାଇ ସାରିଛି ଯେ ତାଙ୍କ ଦଳ ବର୍ତ୍ତମାନ ପ୍ରମୁଖ ବା ନେତୃତ୍ୱ ନେବା ଭଳି ଦଳ ହୋଇ ଆଉ ନାହିଁ, ଯେଉଁଥିପାଇଁ ଗୈରିକ ଦଳ ଚଳିତ ଥର ଏକ ସୂତ୍ର ସହିତ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛି ଯେଉଁଥିରେ ଉଭୟ ବିଜେପି ଏବଂ ଜେଡି (ୟୁ) ସମାନ ସଂଖ୍ୟକ ଆସନରେ ନିର୍ବାଚନ ଲଢୁଛନ୍ତି।

ପୁନଶ୍ଚ, ବର୍ତ୍ତମାନର ସ୍ଥିତି ଯାହା, ସେହି ଅନୁସାରେ ବିଜେପି ନିର୍ଣ୍ଣୟ ନେଇଛି, ଅର୍ଥାତ୍ ଯଦି ଶ୍ରୀଯୁକ୍ତ ନୀତୀଶଙ୍କ ସ୍ଥାନରେ ଆଉ କାହା ନାମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ଘୋଷଣା କରାଯାଏ, ତା'ହେଲେ ଏନ୍‌ଡିଏର ଶାସନ କ୍ଷମତାକୁ ଆସିବାର ସମ୍ଭାବନା ହ୍ରାସ ପାଇବ। ଯଦିଓ ଶ୍ରୀଯୁକ୍ତ ନୀତୀଶଙ୍କର ବୟସ ବୃଦ୍ଧି ଘଟିଛି ଏବଂ ସେ ଜଣେ ଦୋଦୁଲ୍ୟମାନ ବ୍ୟକ୍ତି, ତଥାପି ବିହାରର ଅନେକ ଜନତାଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତା ରହିଛି ବିଜେପିକୁ ପଛରେ ପକାଇ ଦେବା ପାଇଁ, ଅନ୍ତତଃପକ୍ଷେ ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ। ବିହାର ରାଜନୀତିରେ ବର୍ତ୍ତମାନ ପରିସ୍ଥିତି ଯାହା, ତାହା ହେଉଛି- ପ୍ରତ୍ୟେକ ମେଣ୍ଟ ପାଇଁ ସେମାନଙ୍କ ଭାଗିଦାରମାନଙ୍କ ମଧ୍ୟରେ ପ୍ରଚୁର ପରିମାଣରେ ଅସହଜତା ଏବଂ ଅସନ୍ତୋଷ ରହିଥିଲେ ସୁଦ୍ଧା ନୀତିଗୁଡ଼ିକ ଦୃଷ୍ଟିରୁ ସେମାନେ ପରସ୍ପରର ସହାୟତା ଲୋଡ଼ିବାକୁ ବାଧ୍ୟ। ଶ୍ରୀଯୁକ୍ତ ନୀତୀଶ ଏବଂ ତାଙ୍କ ଦଳ ପଛରେ ରହିଛି ଭାରତୀୟ ସମାଜବାଦୀ ଆନ୍ଦୋଳନର ଇତିହାସ ଏବଂ ସେମାନେ ହେଉଛନ୍ତି ଧର୍ମନିରପେକ୍ଷତାବାଦର ପ୍ରଥମ ପ୍ରସ୍ତାବକ, ଯଦ୍ୟପି ସେମାନେ ନବେ ଦଶକରେ କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ବିଜେପିକୁ ସହାୟତା ପ୍ରଦାନ କରିବାକୁ ପ୍ରଥମ ସଂଘ ପରିବାର-ବିରୋଧୀ ଭାବରେ ଆଗେଇ ଆସିଥିଲେ। କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ୍‌ଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ମେଣ୍ଟ ଛାଡ଼ିଦେବା ପାଇଁ ଧମକ ଦେବାର କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ, ଯଦିଓ ସେ ଭଲ ଭାବରେ ଜାଣନ୍ତି ଯେ ବିଜେପି ତାଙ୍କୁ ତାହା କରିବାକୁ ଦେବନାହିଁ। ଆଉ ବିଜେପି ଗୋଟିଏ ହାତରେ ତା'ର ଭାଗିଦାରମାନଙ୍କର ସବୁ ଗରମ ନିଃଶ୍ୱାସକୁ ଗ୍ରହଣ କରୁଥିବା ବେଳେ ଆର ହାତରେ ଭୋଟ ହାରକୁ ଧୀରେ ଧୀରେ ବଢ଼ାଇ ଚାଲିଛି। ପାର୍ଟି ଜାଣିଛି ଯେ ଏହି ରାଜ୍ୟରେ ଏହା ନିଜ ଦଳର ଏ ପର୍ଯ୍ୟନ୍ତ ଜଣେ ବଳିଷ୍ଠ ନେତା ପାଇନାହିଁ, ଯେଉଁଥିପାଇଁ ଏହାକୁ ଅନ୍ୟର ଗୋଡ଼ର ଆଶ୍ରୟ ନେବାକୁ ପଡ଼ିବ।

କ୍ଷମତାର ରାଜନୀତି ଭାରତର ଏହି ସର୍ବାଧିକ ପଛୁଆ ରାଜ୍ୟରେ ତା'ର ଖେଳ ଚାଲୁ ରଖିଥିବା ବେଳେ କୌଣସି ରାଜନେତା ଲୋକମାନଙ୍କ ବାସ୍ତବ ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ନାହାନ୍ତି। ରାଜ୍ୟରେ ଔଦ୍ୟୋଗିକ ନିବେଶକୁ ଆକର୍ଷିତ କରିବା ଭଳି ଫେସନବାଜି ଭାଷଣ ଦେବା ଆଜିକା ସମୟର ରାଜନେତାମାନଙ୍କର ଏକ ଅଭ୍ୟାସ ହୋଇ ଯାଇଛି, ଯାହା ବିହାରରେ ଦେଖିବାକୁ ମିଳୁଛି, କିନ୍ତୁ କେହି ହେଲେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିରେ ନିବେଶ କରିବାର ପ୍ରତିଶ୍ରୁତି ପ୍ରଦାନ କରୁ ନାହାନ୍ତି, ଯାହାକି ସ୍ୱାଧୀନତା ପରଠାରୁ ଅବିକଶିତ ଅବସ୍ଥାର ପଙ୍କରେ ଏଯାବତ୍ ବୁଡ଼ି ରହିଥିବା ବିହାରକୁ ସେଥିରୁ ଉଦ୍ଧାର କରି ପାରିବ। ଏହା କରିବାକୁ ହେଲେ ରାଜନୀତିକ ଦଳମାନଙ୍କ କାର୍ଯ୍ୟସୂଚୀରେ ବିରାଟ ପରିବର୍ତ୍ତନ କରିବାକୁ ପଡ଼ିବ, କିନ୍ତୁ ଭୋଟ୍ ହାତେଇବା ପାଇଁ ଦଳମାନଙ୍କ ହାତରେ ସହଜ ଉପାୟମାନ ଥାଉ ଥାଉ ସେମାନେ କାହିଁକି ବା ତାହା କରିବେ! ଶ୍ରୀଯୁକ୍ତ ନୀତୀଶଙ୍କର ତାଙ୍କ ପଦର ୨୧ତମ ବର୍ଷରେ ପ୍ରବେଶ ହେଉ ବା ରାଜନୀତିରୁ ପ୍ରସ୍ଥାନ କ୍ୱଚିତ୍ ବିହାରର ଲୋକମାନଙ୍କ ଭାଗ୍ୟ ବଦଳାଇ ଦେବାର ସମ୍ଭାବନା ରଖେ। ଆଉ ତାହା ହିଁ ହେଉଛି ଏହି ରାଜ୍ୟର ଦୁଃଖଦ କାହାଣୀ।

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ



**ଶ୍ରୀବତ୍ସ ନାୟକ**

ଏମିତି ଏକ ସମୟ ଆସିବ, ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ; ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ; ସମସ୍ତେ ଥାଇ ବି ପାଖରେ କେହି ନଥିବେ। ସମୟ ଆସିବ, ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ; ସ୍ୱପ୍ନ ଦେଖୁଥିବ, ହେଲେ ରାତି ନଥିବ। ସମୟ ଆସିବ, ତୁମକୁ ବି କେହି ଉପହାସ କରିବେ। ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ। ନିରସ୍ତ୍ର ସୈନିକ ଭଳି ମୂକ ପାଲଟି ଯିବ। ରୋଗ ଶଯ୍ୟାରେ ଶଯ୍ୟାଶାୟୀ ହେବାକୁ ପଡ଼ିବ, ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତ୍ତାପ କରିବାକୁ ପଡ଼ିବ। ଏତେ ଗର୍ବ ଅହଙ୍କାର କାହିଁକି ? ସମୟ ଆସିବ, ସବୁ ଅହଙ୍କାର ଚୁର୍‌ମାର୍ ହୋଇଯିବ। ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ। ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ। ନମ୍ର ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ। ହଁ ଆଜ୍ଞା, ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ, କିନ୍ତୁ ଜ୍ଞାନୀ ଲୋକମାନେ କାହିଁକି ଅହଙ୍କାର କରନ୍ତି ଯେ! ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥାନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ। କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ। କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ। ଏହିଭଳି ଭାବେ ମଣିଷ ନିଜ ନିଜର ଶକ୍ତି ଓ ସାମର୍ଥ୍ୟକୁ ନେଇ ଗର୍ବ ଓ ଅହଙ୍କାରର ବଶବର୍ତ୍ତୀ ହୋଇଥାଏ। ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ। ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ଠେଲିଥାନ୍ତି।

ପୁରାଣବର୍ଣ୍ଣିତ କଥା ଅନୁଯାୟୀ ଲଙ୍କପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ। ସେ ଶିବ ଭକ୍ତ ମଧ୍ୟ ଥିଲେ ଓ ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ। ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନଥିଲେ। ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା- ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହେଲା। ଜ୍ଞାନର ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ହୋଇଥାଏ। ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ। କିନ୍ତୁ କ୍ରୋଧ ଓ ଅହଙ୍କାରରେ ସେ ପ୍ରାୟତଃ ଅନେକଙ୍କୁ ଅଭିଶାପ ଦେଉଥିଲେ। ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା। ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ, ସେଥିରୁ କେବଳ ଦୁଃଖ ଜନ୍ମେ। ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ। ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ମଧ୍ୟ ଥିଲେ। କିନ୍ତୁ ଅହଙ୍କାରରେ ସେ ଅନ୍ୟାୟ ପଥରେ ଆଗେଇଲେ। ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କର ସମସ୍ତ ଜ୍ଞାନକୁ ଅନ୍ୟାୟରେ ବିନିଯୋଗ କଲେ। ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା। ଜ୍ଞାନକୁ ସେ ବିନାଶକାରୀ ମାର୍ଗରେ ବ୍ୟବହାର କଲେ। ଜ୍ଞାନ ଯଦି ସତ୍ୟରେ ନଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ। ହିଟଲର ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନା ନୀତିରେ କୁଶଳୀ ଥିଲେ। ସେଇ ଜ୍ଞାନକୁ ଯଦି ସେ ମାନବ ସେବାରେ ବ୍ୟବହାର କରିଥାନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇ ପାରିଥାନ୍ତା। କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟ ଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ। ପରିଣାମ ସ୍ୱରୂପ, ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ।



ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କରୀ ବିଶ୍ୱବ୍ୟାପୀ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା। ମୋଗଲ ସମ୍ରାଟ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ। କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ। ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ୍ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା। କେତେକ ଅତି ଶକ୍ତିଶାଳୀ ରାଜା (ଯେପରିକି ଔରଙ୍ଗଜେବ) ଧର୍ମ ଓ ଶାସନର ଜ୍ଞାନକୁ ଅହଙ୍କାରରେ ବ୍ୟବହାର କରି ନିଜ ସାମ୍ରାଜ୍ୟକୁ ଦୁର୍ବଳ କରିଥିଲେ। ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ। ରାଜା ବଳୀ ଦାନ ଦେଉଥିଲେ ସତ, କିନ୍ତୁ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ସେ ପାତାଳ ପୁରକୁ ଗଲେ। ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି। ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀଙ୍କ ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାଭିମୁଖୀ ହୋଇଛି।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ। କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ। ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ, ସେ ହେଲେ ପ୍ରକୃତ ଜ୍ଞାନୀ। ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ। ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରି ନାହାନ୍ତି। ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି କି ମୁଁ କିଛି ଜାଣିନାହିଁ। ଏହା ହିଁ ପ୍ରକୃତ ଜ୍ଞାନ। ଏହି ବିନମ୍ରତାରୁ ସେ ମହାନ୍। ପ୍ରକୃତ ଜ୍ଞାନୀ ତ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ। ଜ୍ଞାନ ବିନା ମଣିଷ ଅନ୍ଧକାରରେ ରୁହେ। ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଓ ସମାଜକୁ ଆଗକୁ ନେଇଯାଏ। କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ। ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ। ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବ ପ୍ରଦାନ କରିଥାଏ। ଭଗବତ୍ ଗୀତାରେ କୁହାଯାଇଛି- 'ବିଦ୍ୟା ଦଦାତି ବିନୟମ୍', ଅର୍ଥାତ୍ ସତ୍ୟ ଜ୍ଞାନ ବିନମ୍ରତା ଦେଇଥାଏ। କିନ୍ତୁ ଯେଉଁଠାରେ ଜ୍ଞାନ ସହିତ ଅହଙ୍କାର ଯୋଡ଼ି ହୋଇଯାଏ,ସେଠାରେ ଜ୍ଞାନର ଶକ୍ତି କ୍ଷୟ ହୋଇଥାଏ। ତେଣୁ ଯଥାର୍ଥରେ କୁହାଯାଇପାରେ ଯେ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ- ଏଥିରେ ଦ୍ୱିମତ ନାହିଁ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ**
**ମୋ: ୯୪୩୮୦୭୦୮୪୯**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

### ଖର୍ଚ୍ଚ ଭରଣାକୁ ନେଇ ଚିନ୍ତାରେ ଚାଷୀ

# ଧାନଫସଲରେ ରୋଗ ପୋକ



**ମାର୍ଶାଘାଇ,୨୭।୧୦/ଏନ୍‌ଏନ୍‌ଏସ୍:** ଚାଷୀଙ୍କ ଚିନ୍ତା ବଢ଼ାଇଲା ଧାନ ଫସଲରେ ରୋଗ ପୋକ। ଗର୍ଭ ଧାରଣ ପୂର୍ବ ଅବସ୍ଥାରେ ପତ୍ର ପୋଡା, ଚକଡା, ଝୁଣ୍ଟିଆ, ମୁଣ୍ଡା ପୋକ ଓ କାଣ୍ଡବିନ୍ଧା ଲାଗି ଧାନ ଫସଲକୁ ଏକ ପ୍ରକାର ନଷ୍ଟ କରି ସାରିଲେଣି। ରୋଗ ପୋକ ଦମନ ପାଇଁ କ୍ଷେତରେ ଔଷଧ ଓ କୀଟନାଶକ ସିଞ୍ଚନ କରାଯଇଥିଲେ ମଧ ଏଥିରେ ବିଶେଷ କିଛି ସୁଫଳ ମିଳି ନଥିବା କ୍ଷତିଗ୍ରସ୍ତ ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ବିଶେଷ କରି ଜଳବାୟୁ ପରିବର୍ତ୍ତନ, ମାତ୍ରାଧିକ ବୃଷ୍ଟିପାତ ପାଇଁ ଧାନ ଫସଲରେ ଅଧିକରୁ ଅଧିକ ରୋଗ ପୋକ ସୃଷ୍ଟିର କାରଣ ହୋଇଥାଇ ପାରେ ବୋଲି ଅନେକ ଚାଷୀ ମତ ପ୍ରକାଶ କରିଛନ୍ତି। ମାର୍ଶାଘାଇ କୃଷି ଜିଲ୍ଲା ଅଧିନ ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକ୍ ଅଞ୍ଚଳରେ ଚାଷୀମାନଙ୍କ ତରଫରୁ ଚଳିତ ଖରିଫ ଋତୁରେ ଚାଷ କରାଯାଇଥିବା ଧାନ ଫସଲରେ ଅଧିକାଂଶ କ୍ଷେତରେ ବିଭିନ୍ନ ପ୍ରକାରର ରୋଗ ପୋକ ଲାଗିଥିଲା। ମାର୍ଶାଘାଇ ବ୍ଲକ୍‌ର ତାଳସଙ୍ଗା,ବେରୁହାଁ, ଗରଜଙ୍ଗା,ଅନ୍ତେଇ, ବଟିରା, ମଙ୍ଗରାଜପୁର, ପରକୁଳା, ରାଘବପୁର, ଆଖୁଆ-ଦକ୍ଷିଣୀ, ମହାକାଳପଡ଼ା ବ୍ଲକ୍‌ର ଜୟଚନ୍ଦ୍ର ପୁର, ତିଖିରୀ, ଅମେଇପାଳ, ଯଦୁପୁର, ତେରଗାଁ, ଖୁରୁସିଆ, ପାଟଳପଙ୍କ, ରୋମିତ, ବଡ଼କୁଳ ଓ କରଞ୍ଜ ଏବଂ ଗରଦପୁର ବ୍ଲକର ଗରଦପୁର,ପଦ୍ମପୁର, ବେତାରି , ପାଟକୁରା, ତିକନପୁର, ପାଖଡ଼ ସହ ଅନ୍ୟ କେତକ ପଞ୍ଚାୟତର ଅନେକ ଚାଷୀ ଭାଇ ସେମାନଙ୍କ ଧାନ ଜମିରେ ବିଭିନ୍ନ ପ୍ରକାରର ରୋଗ ପୋକ ଲାଗିଥିବା ନେଇ ପ୍ରକାଶ କରିଛନ୍ତି। ରୋଗ ପୋକ ଲାଗି ଫସଲକୁ ନଷ୍ଟ କରିଥିବା ବେଳେ ଏସବୁ ଜମିରେ ଧାନ ଉତ୍ପାଦନ ବା ଅମଳ ନିଶ୍ଚିତ ଭାବେ କମ ରହିବ। ଯାହାଫଳରେ ଧାନ ଉତ୍ପାଦନ ବା ଅମଳକୁ ନେଇ ଚାଷୀଭାଇମାନଙ୍କର ଯେଉଁ ଧାର୍ଯ୍ୟ ଲକ୍ଷ୍ୟ ରହିଛି ସେହି ଲକ୍ଷ୍ୟ ମଧ ପୂରଣ ହେବ ନାହିଁ। ତେବେ ଜମିରେ ଜମିରେ ଯଦି ଉତ୍ପାଦନ କମ ହେବ ତେବେ ଚାଷୀଭାଇ ଚାଷରେ ବିନିଯୋଗ କରିଥିବା ଖର୍ଚ୍ଚକୁ ଭରଣା କରିବେ କିପରି ? ଚାଷୀଟିଏ ଚାଷରେ ହଳ, ମଜୁରି ସହିତ ସାର, ଔଷଧ, ବିହନ କିଣା, ଜମିରେ କିଟନାଶକ ପ୍ରୟୋଗ ଓ ଅମଳ ସମୟରେ ଧାନ କଟାଯିବା ଓ ପରିବହନ ଆଦିରେ ଯେତିକି ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ ଯଦି କୌଣସି ଏକ କାରଣ ପାଇଁ ଜମିରେ ଭଲ ଫସଲ ଅମଳ ନ ହୁଏ ଏହା ପ୍ରାକୃତିକ ଦୁର୍ବିପାକ ଜନିତ ଫସଲ ହାନୀ ହେଉ ଅଥବା ଫସଲରେ ରୋଗ ପୋକ କିମ୍ବା ଆବଶ୍ୟକ ସମୟରେ ଯଦି ସାର ଔଷଧ ଓ ବିହନ ଆଦି ଅଭାବ ହୁଏ ଏହାର ସିଧାସଳଖ ପ୍ରଭାବ ଉତ୍ପାଦନ ଉପରେ ହିଁ ପଡିଥାଏ। ଯଦି ଉତ୍ପାଦନ କମ ରହିବ ତେବେ ଚାଷୀଟିଏ ଚାଷରେ ଲାଭାନିତ୍ୱ ହେବ ଅବା କିପରି ବୋଲି ଅଗ୍ରଣୀ ଚାଷୀ ଶିଶିର କୁମାର ନାୟକ, ସୁଧିର କୁମାର ନାୟକ, ଦିଲ୍ଲୀପ କୁମାର ନାୟକ ପ୍ରମୁଖ ମତ ପ୍ରକାଶ କରନ୍ତି।

# ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏମ୍ଓୟୁ ସ୍ୱାକ୍ଷର




**ପାରାଦୀପ,୨୭।୧୦/ଏନ୍‌ଏନ୍‌ଏସ୍:** ମୁମ୍ବାଇରେ ଆଜି ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଅଧିବେଶନରେ, ପାରାଦୀପ ବନ୍ଦର ପ୍ରାଧିକରଣ ସରକାର ଏବଂ ଶିଳ୍ପର ପ୍ରମୁଖ ଅଂଶୀଦାରମାନଙ୍କ ସହିତ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରି ସାମୁଦ୍ରିକ ଏବଂ ଶିଳ୍ପ ବିକାଶ ପାଇଁ ଏହାର ଦୃଷ୍ଟିକୋଣ ପ୍ରଦର୍ଶନ କରିଥିଲେ। ଏହି ବୁଝାମଣାପତ୍ର ଗୁଡ଼ିକର ସାମୂହିକ ମୂଲ୍ୟ ୨,୩୦୦ କୋଟିରୁ ଅଧିକ ଏବଂ ଏହା ସଂଯୋଗୀକରଣ, ଉପକୂଳ ପର୍ଯ୍ୟଟନ, ଲଜିଷ୍ଟିକ୍ସ ଏବଂ ସବୁଜ ଶକ୍ତି ପଦକ୍ଷେପକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଯାହା ଭାରତର ପୂର୍ବ ଉପକୂଳରେ ଏକ ଉଦୀୟମାନ ସାମୁଦ୍ରିକ କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଭାରତ ସାମୁଦ୍ରିକ ସପ୍ତାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ପାରାଦୀପ ବନ୍ଦରର ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥିଲେ। ତାଙ୍କୁ ପାରାଦୀପ ବନ୍ଦର ଅଧକ୍ଷ ପିଏଲହରନାଦ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଅଧକ୍ଷଙ୍କ ସହ ପ୍ରସ୍ତାବିତ ବାହୁଡା ବନ୍ଦର ପ୍ରକଳ୍ପ, ପୁରୀରେ କ୍ରୁଜ୍ ଟର୍ମିନାଲ ବିକାଶ ଏବଂ ଭାରତର ନୀଳ ଅର୍ଥନୀତିରେ ପାରାଦୀପ ବନ୍ଦରର ବିସ୍ତାରିତ ଭୂମିକା ଉପରେ ଗୁରୁତ୍ୱାରୋପ କରି ପ୍ରମୁଖ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ସ୍ୱାକ୍ଷରିତ ବୁଝାମଣାପତ୍ରରେ ପୁରୀ କ୍ରୁଜ୍ ଟର୍ମିନାଲ ପ୍ରକଳ୍ପରେ ୫୦୦ କୋଟି, ବାହୁଡା ବନ୍ଦର ରେଳ ସଂଯୋଗ ପ୍ରକଳ୍ପ ପାଇଁ ୧,୦୦୦ କୋଟି, ପାରାଦୀପ ବନ୍ଦର ଏବଂ ପିଆରସିଏଲ, ସାମୁଦ୍ରିକ ସଂଗ୍ରହାଳୟ ଏବଂ ଲଜିଷ୍ଟିକ୍ ପାର୍କ ପ୍ରକଳ୍ପ ପାଇଁ ୩୦୦ କୋଟି,ପାରାଦୀପ ବନ୍ଦର ଏବଂ ଇଣ୍ଡିଆନ୍ ପୋର୍ଟ ରେଳ ଏବଂ ଆଇପିଆରସିଏଲ ମଧ୍ୟରେ ପଣ୍ୟ ରପ୍ତାନି ଓ ଆମଦାନୀ ପ୍ରକଳ୍ପରେ ୨୮୦ କୋଟି, ପାରାଦୀପ ବନ୍ଦର ଏବଂ ଇଫ୍‌କୋ ମଧ୍ୟରେ ୨୬୩ କୋଟିର ସବୁଜ ହାଇଡ୍ରୋଜେନ୍ ମୋବିଲିଟି ପ୍ରକଳ୍ପ, ପାରାଦୀପ ବନ୍ଦର ଏବଂ ଏନଟିପିସି ମଧ୍ୟରେ ଐତିହାସିକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ସହଭାଗୀତାଗୁଡ଼ିକ ଭାରତ ସରକାରଙ୍କ ସାମୁଦ୍ରିକ ଭାରତ ଦୃଷ୍ଟିକୋଣ ୨୦୩୦ ସହିତ ସମନ୍ୱୟ ରଖି ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଅନ୍ତର୍ଭୁକ୍ତ ବନ୍ଦର-ନେତୃତ୍ୱାଧୀନ ବିକାଶ ଦିଗରେ ପାରାଦୀପ ବନ୍ଦର ପ୍ରାଧିକରଣର ସକ୍ରିୟ ଆଭିମୁଖ୍ୟକୁ ରେଖାଙ୍କିତ କରୁଛି ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ।

# ସାଇବର୍ ସୁରକ୍ଷା ରଥ ଶୁଭାରମ୍ଭ



**ଯାଜପୁର,୨୭।୧୦/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ସାଇବର ସିକ୍ୟୁରିଟି ଅଭିଯାନ ୨୦୨୫ ନିମନ୍ତେ ଏକ ସାଧାରଣ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସାଇବର ଅପରାଧ ରୋକିବା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ଶିକ୍ଷା ବିସ୍ତାର ପାଇଁ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଯୋଗଦେଇ ଶ୍ରୀ କର କହିଥିଲେ ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି। ଏହା କେବଳ ସରକାର କିମ୍ବା ପୁଲିସଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକ ମଧ ସଚେତନ ରହିବା ଓ ଅନଲାଇନ ତଥ୍ୟ ସୁରକ୍ଷିତ ରଖିବା। ସାଇବର ଅପରାଧୀମାନେ ବିଭିନ୍ନ ନୂତନ ଉପାୟ ଦ୍ୱାରା ଲୋକଙ୍କୁ ଠକୁଛନ୍ତି, ତେଣୁ ବ୍ୟାଙ୍କ ଖାତା, ଆଧାର ସଂଖ୍ୟା, ଓଟିପି, ପାସୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ମଧ ଦେବା ଉଚିତ ନୁହେଁ । ସଚେତନତା କାର୍ଯ୍ୟକ୍ରମ ଗ୍ରାମ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଉକ୍ତ ବୈଠକରେ ଯୋଗଦେଇ ବିଧାୟିକା ସୁଜାତା ସାହୁ କହିଥିଲେ ସାଇବର ଅପରାଧ ଏକ ଅଦୃଶ୍ୟ ବିପଦ ଯାହା ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଆମ ସମସ୍ତଙ୍କ ଦାୟିତ୍ୱ ହେଉଛି ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବା। ବିଶେଷକରି ଯୁବ ପିଢ଼ିଙ୍କ ମଧରେ ସାଇବର ଅପରାଧ ସମ୍ବନ୍ଧୀୟ ଜ୍ଞାନ ଓ ସଚେତନତା ବିସ୍ତାର କରିବା ଦରକାର। ଏହି ବୈଠକରେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍ କହିଥିଲେ ଆଜି ଆମେ ସାଇବର ସୁରକ୍ଷା ଅଭିଯାନରେ ସଙ୍ଗଠିତ ହୋଇଛୁ। ଯେଉଁଠାରେ ଆମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଇବର ଜଗତରେ ସଚେତନ ନାଗରିକ ଗଠନ କରିବା ଓ ସାଇବର ଅପରାଧ ରୋକିବା। କୌଣସି ବ୍ୟକ୍ତି ସାଇବର ଅପରାଧର ଶିକାର ହେଉଥିଲେ ପୁଲିସ ସହ ସହଯୋଗ କରନ୍ତୁ। କୌଣସି ସାଇବର ଠକିବା ଘଟଣା ଘଟିଲେ ତୁରନ୍ତ ୧୯୩୦ ନମ୍ବର ହେଲ୍ପଲାଇନକୁ ଫୋନ୍ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ନାଗରିକ ସାଇବର ସଚେତନ ହେବା ଜିଲ୍ଲା ସାଇବର ଠକିବା ମୁକ୍ତ ହେଉ ଏହା ଆମର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ଏହି ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଜେନା, ଉପାଧକ୍ଷ, ଜିଲ୍ଲା ପରିଷଦ ଗଣେଶ୍ୱର ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଡିନ୍ ତଥା ଅଧକ୍ଷ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଡ. ସୀତାରାମ ମହାପାତ୍ର, ସୁପରିଣ୍ଟେଡେଣ୍ଟ ଡା.ମନୋରମା ସ୍ୱାଇଁ, ଅବକାରୀ ଅଧିକ୍ଷକ, ଦିବ୍ୟ କିଶୋର ଟଣ୍ଡେଲ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ବରିଷ୍ଠ ନାଗରିକ ମଞ୍ଚ ର ସମ୍ପାଦକ ପ୍ରବୋଧ କୁମାର ନାୟକ ଉପସ୍ଥିତ ରହି ସାଇବର ଅପରାଧ ଓ ଏହାର ନିରାକରଣ ଓ ସଚେତନତା ନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

# ୨୪ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ



**ବଡଚଣା,୨୭।୧୦/ଏନ୍‌ଏନ୍‌ଏସ୍:** ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୨୪ତମ ବାର୍ଷିକ ଉତ୍ସବ ଓ ଶିଶୁ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ କାହ୍ନୁଚରଣ ସାହୁଙ୍କ ପୌରୋହିତ୍ୟରେ ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମକୁ ଲୋକମଣ୍ଡଳ ସଭାପତି ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଉପ-ଆରକ୍ଷୀ ଅଧିକ୍ଷକ ଶରତ ଚନ୍ଦ୍ର ପାତ୍ର କହିଥିଲେ ଶିଶୁ ହସିଲେ ଦୁନିଆ ହସେ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ କହିଥିଲେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ଚିନ୍ତା ଓ ଚେତନାକୁ ଉଦ୍ରେକ କରିବା ହେଉଛି ପ୍ରତ୍ୟେକ ନାଗରିକମାନଙ୍କର ପ୍ରଧାନ କାର୍ଯ୍ୟ। ପରେ ପରେ ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଦ୍ୱିତୀୟ ଅଧିବେଶନ ସଭାରେ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଚଣ୍ଡିଖୋଲ ଡିୟୁ ପବ୍ଲିକ ସ୍କୁଲରୁ ଛାତ୍ରୀ ସାଇ ଦୀବ୍ୟାସିଂ ଶତପଥୀ ସବୁ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ପ୍ରତିଯୋଗୀ ଭାବରେ ଚମ୍ପିୟାନ ଟ୍ରଫି ଅତିଥିମାନଙ୍କ ଠାରୁ ପାଇଥିଲେ। ଅନୁଷ୍ଠାନର ସଭାପତି ଅବିନାଶ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଅନୁଷ୍ଠାନର ମୁଖପତ୍ର 'ଆଶା' ପତ୍ରିକାକୁ ଲୋକାର୍ପଣ କରିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ସେବା, ତ୍ୟାଗ ତିତିକ୍ଷାର ପ୍ରତୀକ ହେବା ଏକ ସହଜ କଥା ନୁହେଁ । ଏହି ଅନୁଷ୍ଠାନର ୨୪ ବର୍ଷର ସଂଗ୍ରାମକୁ ମୁଁ ପ୍ରଣିପାତ କରୁଛି। ସମ୍ମାନୀତ ବକ୍ତା ଯାଜପୁର ଜିଲ୍ଲା ଭାରତୀୟ ଜନତା ପାର୍ଟିର ସଭାନେତ୍ରୀ ଦେବଜାନୀ ପ୍ରଧାନ ଓ ପ୍ରାକ୍ତନ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ ଶତପଥି କହିଥିଲେ ଏହି ଅନୁଷ୍ଠାନ ଆଉ ଜିଲ୍ଲା ଭିତରେ ସିମୀତ ହୋଇ ନାହିଁ ଏହା ବିଭିନ୍ନ ଜିଲ୍ଲାରେ ନିଜର ପ୍ରସିଦ୍ଧି ଲାଭ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ୨୪ଜଣ ଭିନ୍ନଭିନ୍ନ କ୍ଷେତ୍ରରେ ଅବଦାନ ବରିଷ୍ଠ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଂପାଦକ କାର୍ତ୍ତିକ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ହତ୍ୟା ଉଦ୍ୟମ ମାମଲା, ଆସାମୀ ନିର୍ଦ୍ଦୋଷରେ ଖଲାସ

**କାମାକ୍ଷାନଗର,୨୭।୧୦/ଏନ୍‌ଏନ୍‌ଏସ୍:** ଏକ ଯୌତୁକ ନିର୍ଯାତନା ଓ ହତ୍ୟା ଉଦମ୍ୟ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ କାମାକ୍ଷାନଗର ଇତିଶ୍ରୀ ମାଳବିକା ଭୂୟାଁ ଆସାମୀ ସୁଧକାର ମହାନ୍ତି ଓ ସାବିତ୍ରୀ ମହାନ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ, କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସତ୍ୟବାଦୀ ମହାନ୍ତି ୨୭/୧୧/୨୦୧୯ରେ ଏକ ଲିଖିତ ଏତେଲା ଭୁବନ ଥାନାରେ ଦେଇଥିଲେ ଯେ ଅଁଳାପଡା ଗ୍ରାମର ସୁଧାକର ମହାନ୍ତିଙ୍କୁ ବିବାହ କରିଥିଲେ। ମାତ୍ର ବିବାହ ପରେ ଶାଶୁଘର ଲୋକମାନେ ତାଙ୍କୁ ଅଧିକ ଯୌତୁକ ଦାବିକରି ନିର୍ଯାତନା ଦେଉଥିଲେ। ମାତ୍ର ତାଙ୍କ ବାପଘର ଲୋକମାନେ ଅଧିକ ଯୌତୁକ ନଦେଇ ପାରିବାରୁ ସ୍ୱାମୀ ସୁଧାକର ଓ ଶାଶୁ ସାବିତ୍ରୀ ତାଙ୍କୁ ମାରଣାନ୍ତକ ଆକ୍ରମଣ କରି ତାଙ୍କ ମୁହଁକୁ ତକିଆରେ ଚାପିଧରି ମାରିବାକୁ ଉଦ୍ୟମ କରିଥିଲେ। ମାତ୍ର ପଡିଶାଲୋକ ଆସି ତାଙ୍କୁ ରକ୍ଷା କରିଥିଲେ। ଏବଂ ଆସାମୀମାନେ ତାଙ୍କ ସୁନା ରୁପା ନେଇଯାଇ ଥିଲେ। ଏହି ଘଟଣାକୁ ଆଧାର କରି ଭୁବନ ପୁଲିସ କେଶ ନମ୍ବର ୩୧୫/୨୦୧୯ ଭାରତୀୟ ପିଙ୍ଗଳ କୋଡ଼ ଦଫା ୪୯୮(ଏ), ୩୨୩,୨୯୪,୩୦୭,୫୦୬,୪୦୬ ଏବଂ ୩୪ ଆଇପିସିରେ ମାମଲା ରୁଜୁ କରି ଆସାମୀମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ପରେ ଆସାମୀମାନେ ଜାମିନ୍‌ରେ ଯାଇଥିଲେ। ପୁଲିସ ପକ୍ଷରୁ ଚାର୍ଜସିଟ ଦାଖଲ ପରେ ଉକ୍ତ କେଶ ସିଟି (ଏସ୍‌ଏସ୍) ୧୦୦/୨୦୨୧ ରୂପେ ନମ୍ବର ହୋଇ ଅତିରିକ୍ତ ଜିଲ୍ଲା ଦୌରାଜଜ କାମାକ୍ଷାନଗର କୋର୍ଟରେ ବିଚାର ହୋଇଥିଲା। ଏବଂ ଅଭିଯୋଗକରିଣୀଙ୍କ ପକ୍ଷରୁ ୧୪ ଜଣ ସାକ୍ଷୀ ବୟାନ ଦେଇଥିଲ। ଉପରୋକ୍ତ ସାକ୍ଷୀମାନଙ୍କ ବୟାନକୁ ତର୍ଜମା କରି ଅତିରିକ୍ତ ଜିଲ୍ଲା ଦୌରାଜଜ ଆସାମୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆସାମୀମାନଙ୍କ ପକ୍ଷରୁ ଆଇନ୍‌ଜୀବୀ ସର୍ବଜିତ ଜୀ ମାମଲା ପରିଚାଳନା କରୁଥିଲେ ଓ ଆଇନ୍‌ଜୀବୀ ଆଶୁତୋଷ ସାହୁ ଏବଂ ସୁବ୍ରତ ନାୟକ ସହାୟତା କରୁଥିଲେ।

# ବାଲିଯାତ୍ରା ସାଂସ୍କୃତିକ କମିଟିର ପ୍ରସ୍ତୁତି

**ପାରାଦୀପ,୨୭।୧୦/ଏନ୍‌ଏନ୍‌ଏସ୍:** ଆସନ୍ତା ନଭେମ୍ବର ୪ରେ ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା -୨୦୨୫ ପାଇଁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛିଫ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଯୋଗଦେଉଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ, ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଦେଖିବାକୁ ମିଳିଛି। ସମୁଦ୍ର ବେଳାଭୂମି ଠାରେ ଆୟୋଜିତ ହେଉଥିବା ଏହି ମହୋତ୍ସବର ସମସ୍ତ ସଂଯୋଗୀକରଣ ରାସ୍ତା ପରିଷ୍କାର ଓ ମରାମତି କରାଯିବା ସହ ବ୍ୟାପକ ଆକର୍ଷଣୀୟ ବନିକରଣ ଏବଂ ଫୁଟପାଥଗୁଡିକୁ ରଙ୍ଗମରା କାର୍ଯ୍ୟ ଚାଲିଛି। ଚଳିତ ବର୍ଷ ବାଲିଯାତ୍ରାରେ ଓଲିଉଡ଼ ଓ ବଲିଉଡ୍‌ର ନାମିଦାମୀ କଣ୍ଠ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ ନିମନ୍ତେ ସୁଯୋଗ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ବାଲିଯାତ୍ରା କମିଟିର ସାଂସ୍କୃତିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ଦିଲ୍ଲୀପ କୁମାର ଜେନା, ବାଲିଯାତ୍ରା କମିଟିର ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ଅନ୍ୟ କମିଟି ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ଅନୁଷ୍ଠାନଗୁଡିକୁ ଚୟନ କରିଥିଲେ।

# ବାତ୍ୟା ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

**ରାଜନଗର,୨୭।୧୦/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍‌ର ସମୁଦ୍ର କୁଳବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କୁ ବାତ୍ୟା ମନ୍ଥା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟାର ରାଜନଗର ବ୍ଲକ୍ ଓ ତହସିଲ ପ୍ରଶାସନକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ମୋନ୍ଥା ଏବେ ଗୋପାଳପୁର ଠାରୁ ୫୫୦ କିଲୋମିଟର ଦୂରରେ ସମୁଦ୍ରରେ ବଳ ଗୋଟାଇ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି। ବାତ୍ୟାର ପ୍ରଭାବରେ ସାଧାରଣ ଲୋକଙ୍କୁ ଯେପରି କୌଣସି କ୍ଷତି ନହେବ ସେନେଇ ଆଜି ରାଜନଗର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଅନିରୁଦ୍ଧ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ସାମ୍ଭାବ୍ୟ ବାତ୍ୟା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯିବ ସହ ବ୍ଲକ୍‌ରେ ଥିବା ୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବାକୁ କହିଥିଲେ। ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲୋକ ପ୍ରତିନିଧିମାନେ ଜାଗ୍ରତ ରହିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜନଗର ବ୍ଲକ୍‌ର ସମୁଦ୍ର କୂଳ ଠାରୁ ଦେଢ କିଲୋମିଟର ଦୂରରେ ୪୭ ଟି ଗାଁ ରହିଛି। ଆଜି ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧମରେ ଲୋକମାନଙ୍କୁ ସଚେତନତା କରାଯାଇଛି। ବାତ୍ୟା ମୋନ୍ଥା ୨୮ ରାତିରେ ଆନ୍ଧ୍ରପ୍ରଦେଶର କାକିନାଡ଼ ପାଖରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗଳିପୋଲ ନିର୍ମାଣକୁ ବିରୋଧ କରି ରାସ୍ତାରୋକ୍



**ଧର୍ମଶାଳା,୨୭।୧୦/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଗାନ୍ଧୀଛକ ଠାରେ ଅଣ ଓଶାରିଆ ଗଳିପୋଲ ନିର୍ମାଣକୁ ବିରୋଧ କରି ସ୍ଥାନୀୟ କଣ୍ଟିଗଡିଆ ଓ କ୍ଷେତ୍ରପାଳ ପଞ୍ଚାୟତ ସମେତ ସ୍ଥାନୀୟ କେତେକ ପଞ୍ଚାୟତବାସୀ ଏହାର ପ୍ରତିବାଦ ସ୍ୱରୁପ ଗାନ୍ଧିଛକ ଠାରେ ଗଣଧାରଣା ଦେଇଥିଲେ । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଗାନ୍ଧିଛକ ନିକଟରେ ଏକ ଅଣ ଓଶାରିଆ ଗଳିପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଯାହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଏଠାରେ ଏକ ବଡ ଗଳିପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି । ରାସ୍ତା ଉପରେ ଲୋକମାନେ ଧାରଣାରେ ବସି ରହିବା ଫଳରେ ଉକ୍ତ ରାସ୍ତା ଦେଇ ଗାଡିଚଳାଚଳ ବନ୍ଦ ରହିଥିଲା। ଖବରପାଇ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ , ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ବିଜେପି ସଙ୍ଗଠକ ପ୍ରଦୀପ କୁମାର ପରିଡା ପ୍ରମୁଖ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ହେଁ ଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଥିଲେ।

### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ବିପର୍ଯ୍ୟସ୍ତ

# ହଳଦୀଢିଅ-ଆଳିଜଙ୍ଗା ରାସ୍ତା ଶୋଚନୀୟ



**କେନ୍ଦ୍ରାପଡ଼ା,୨୭।୧୦/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକ୍ କପାଳେଶ୍ୱର ପଞ୍ଚାୟତ ହଳଦୀଢିଅ ଗ୍ରାମ କଟକ-ଚାନ୍ଦବାଲି ରାସ୍ତା ଏସ୍‌ଏଚ୍ ୯ (ଏ) ଠାରୁ ହଳଦୀଢିଅ ପେଟ୍ରୋଲ ପମ୍ପ ନିକଟରୁ ବାହାରିଥିବା ଆଳିଜଙ୍ଗା ଗୋବରୀ ପୋଲ ଯାଏଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ବିପର୍ଯ୍ୟସ୍ତ ହୋଇପଡିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ମଇ ମାସ ୧୩ ତାରିଖ ୨୦୧୯ରେ ଶେଷ ହୋଇଥିଲା। ୩ କି.ମି ରାସ୍ତା ନିମନ୍ତେ ପ୍ରାୟ ୧ କୋଟି ୩୦ ଲକ୍ଷ ୫୪ ହଜାର ଟଙ୍କା ବ୍ୟୟ ଅଟକଳ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ କରାଯାଇଥିଲା। ହଳଦୀଢିଅ-ଆଳିଜଙ୍ଗା ୨ଟି ଗ୍ରାମ ମଧ ଦେଇ ଯାଇଥିବା ଏହି ରାସ୍ତା ଅଧିକାଂଶ ସ୍ଥାନରେ ଢଳେଇ କରାଯାଇଥିଲା କିନ୍ତୁ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ନିର୍ମାଣର କିଛି ଦିନ ପରେ ଢଳେଇଗୁଡିକ ଉଠିଯାଇ ଅନେକ ସ୍ଥାନରେ ଖାଲଖମାରେ ପରିଣତ ହେଲାଣି। ଏପରିକି ଯିବା ଆସିବା କରିବାର ମଧ ଅସୁବିଧା ସୃଷ୍ଟି ହେଉଛି। ପ୍ରାୟ ଦେଢ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାଟି ୬ ବର୍ଷ ମଧରେ ଅତି ଶୋଚନୀୟ ହୋଇପଡିବା ସହିତ ଯାତାୟତରେ ବାଧା ଉପୁଯିବା ଏବଂ ଖାଲଖମା ଯୋଗୁଁ ଦୈନିକ ଦୁର୍ଘଣା ଘଟୁଛି। ଏହି ରାସ୍ତା ଦେଇ କପାଳେଶ୍ୱର, ବାରୋ, କୋରୋ ପଞ୍ଚାୟତ ସହିତ ପଟ୍ଟାମୁଣ୍ଡାଇ, ରାଜକନିକା, ଆଳି ବ୍ଲକ୍‌ର ଶତାଧିକ ବ୍ୟକ୍ତି ଏହି ଗ୍ରାମ ରାସ୍ତା ଦେଇ ନାଗପୁରା, ସାରଙ୍ଗ ଦେଇ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ଯାତାୟତ କରିଥାନ୍ତି। ଏହି ରାସ୍ତାରେ ଗୋଟିଏ ପୋଲ ଥିବା ସହିତ ନିୟମାନୁଯାୟୀ ଏବଂ ଏଷ୍ଟିମେଟ୍ ଅନୁଯାୟୀ ଯେଉଁ ସବୁ ଉପାଦାନ ବ୍ୟବହୃତ ହେବା କଥା ତାହା ଠିକାଦାର ଠିକ୍ ଭାବରେ କରିନାହାଁନ୍ତି। ଯାହା ଫଳରେ କି ରାସ୍ତାଟି ଖୁବ୍ କମ୍ ଦିନରେ ଖରାପ ହୋଇଯାଇଛି। ମାଟି ସ୍ତର, ଜିଏସ୍‌ବି, ମେଟାଲ ସ୍ତର, ପିଚୁ ସ୍ତର, ପିଏମ୍‌ସି ଚିପ୍ସ, ପିଚୁ, ସିଲ୍‌କୋଟ ଏବଂ ଚିପ୍ସ ଯେଉଁ ପରିମାଣରେ ବ୍ୟବହାର ହେବା ପାଇଁ ଆକଳନ ଥିଲା ଠିକାଦାର ସେଥିରୁ ଖୁବ୍ କମ୍ ପରିମାଣରେ କାର୍ଯ୍ୟ କରିଥିବାରୁ ରାସ୍ତାଟି ଖୁବ୍‌କମ୍ ଦିନରେ ଖରାପ ହୋଇପଡିଲା ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ବିଶେଷକଥା ଏହି ରାସ୍ତାର ରକ୍ଷଣାବେକ୍ଷଣା ନିମନ୍ତେ ୫ ବର୍ଷ ଅର୍ଥାତ୍ ୨୦୧୯ ମଇ ୧୪ରୁ ୨୦୨୪ ମଇ ୧୩ ପର୍ଯ୍ୟନ୍ତ ଥିବାବେଳେ କୌଣସି ଥରୁଟିଏ ମଧ ଠିକାଦାର ରକ୍ଷଣାବେକ୍ଷଣା ପାଇଁ ଟଙ୍କାଟିଏ ଖର୍ଚ୍ଚ କରିନାହାଁନ୍ତି। ହେଲେ ବିଲ୍ ଠିକ୍ ଭାବରେ ପୈଠ କରିନେଇଛନ୍ତି ବୋଲି ଅଭିଯୋଗ ହେଉଛି। କାମ ଆରମ୍ଭ ବେଳେ ଏହି କାର୍ଯ୍ୟରେ ନିୟୋଜିତ ଥିବା ଜେଇ କିମ୍ବା ଏସଡିଓଙ୍କ ଅନୁପସ୍ଥିତି ଯୋଗୁଁ ଏଭଳି ଖରାପ କାମ ହୋଇଛି। ୫ ବର୍ଷ ଭିତରେ ରକ୍ଷଣାବେକ୍ଷଣା ପାଇଁ ୯ ଲକ୍ଷ ୯୯ ହଜାର ଟଙ୍କା ଥିବାବେଳେ ଏହି ଅର୍ଥ ରକ୍ଷଣାବେକ୍ଷଣାରେ ଖର୍ଚ୍ଚ କରାନଯାଇ ବିଲ୍ ପୈଠ ହେବାର ସୂଚନା ମିଳିଛି। ବର୍ତ୍ତମାନ ଏହି ରାସ୍ତା ଦେଇ ଯିବା ଆସିବା ଅସମ୍ଭବ ହୋଇପଡିଛି। ତେଣୁ ତୁରନ୍ତ ଏହି ରାସ୍ତା ପ୍ରତି ବିଶେଷ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦେବା ସହିତ ରାସ୍ତା ନିର୍ମାଣରେ ଅନିୟମିତ ହୋଇଥିବା ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Bonai, dtd. 25.10.2025, I, Rajkumar Naik, S/o- Bhaskar Naik, Vill/Po- Malda, Ps - Koida, Dist- Sundargarh, Odisha, Pin-770048 do hereby declare that I have changed my name from Chiranjibi Samant (old name) to Rajkumar Naik (new name). Henceforth, I shall be known as **Rajkumar Naik** for all purposes.

**Rajkumar Naik**

**AFFIDAVIT**

By virtue of an affidavit sworn before Executive Magistrate, Puri, bearing affidavit no.-9, dated 25.10.2025 I, Goutama Mala, S/o-Late Bali Mala, resdeint of Vill./ Po.- Baliguali, Ps.- Penthakata Marine, Dist.-Puri, State- Odisha, Pin- 752002, declare that **Goutam Mal, S/o- Late Bali Mal and Gautam Mala, S/o- Late Balabhadra Mala (old name), Goutama Mala, S/o-Bali Mala** (new name) is one and same person who is myself. Henceforth, I shall be known as Goutama Mala S/o-Bali Mala for all future purposes.

Sd/- Goutama Mala

**AFFIDAVIT**

By virtue of an affidavit sworn before the Executive Magistrate, Barbil, Dist-Keonjhar, dtd. 13.10.2025, I, Lemba Munda, D/o- Paiki Munda, At- Katesahi, Po- Guali, Ps- Ragudihi, Dist-Keonjhar, Odisha, Pin-758035 do hereby declare that I have changed my name from Lembo Munda (old name) to Lemba Munda (new name). Henceforth, I shall be known as **Lemba Munda** for all purposes.

**Lemba Munda**

**ହଜିଛି**

ମୁଁ ଚୈତନ୍ୟ ସାହୁ, ପିତା-ଚନ୍ଦ୍ରମଣି ସାହୁ, ସ୍ଥାୟୀ ଠିକଣା - ମଣ୍ଡପ ସାହି, ପଦ୍ମା ବଜାର, ୱାର୍ଡ଼ ନଂ-୨୦, ଢେଙ୍କାନାଳ-୭୫୯୦୧୩ ଏହା ଜଣାଇବାକୁ ଚାହେଁ ଯେ ଗତ ତା.୦୫.୦୮.୨୦୨୫ ଦିନ ବାଇକ ଯୋଗେ ମୁଁ ଢେଙ୍କାନାଳ କୋର୍ଟରୁ ବାହାରି ମଣ୍ଡପ ସାହିସ୍ଥିତ ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି। ହଜିଯାଇଥିବା ଦସ୍ତାବେଜର ବିବରଣୀ : ସୂର୍ଯ୍ୟପ୍ରକାଶ ମିଶ୍ରଙ୍କ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ପତ୍ର ଦଲିଲ୍ ନଂ.୧୦୫୦୧୪୦୧୭୬୭ (ତାରିଖ: ୧୨.୦୩.୨୦୧୪) ଏବଂ ମୂଳ ପଟ୍ଟା ଖାତା ନଂ. ୫୯୯/୮୭୪। ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜ ଦୁଇଟିକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ଚୈତନ୍ୟ ସାହୁ, ମୋବାଇଲ୍ ନଂ.୭୬୮୪୮୪୫୪୪୩ କିମ୍ବା ଆଡ଼ଭୋକେଟ୍ କୃଷ୍ଣଚନ୍ଦ୍ର ଘନଶ୍ୟାମ ଭୂୟାଁ, ମୋବାଇଲ୍ ନଂ. ୭୦୦୮୭୮୯୦୭୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Divisional Railway Manager (Electrical), ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ "୨ ପ୍ୟାକେଟ୍ ସିଷ୍ଟମ୍ (ପ୍ୟାକେଟ୍-୧: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-୨: ଫାଇନାନ୍‌ସିଆଲ୍ ବିଡ୍)" ଅନ୍ତର୍ଗତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **ଇ-ଟେଣ୍ଡର ନୋଟିସ୍ ନଂ.: RSO-RR-BUF-14, କାର୍ଯ୍ୟ ବିବରଣୀ:** ୧୦୯୬ ଦିନ ପାଇଁ ରନିଂ ରୁମ୍ ବିମଲଗଡ (ବିୟୁଏଫ୍)ର ରକ୍ଷଣାବେକ୍ଷଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ୨,୦୯,୮୬,୯୮୭.୩୨/-, **ଇଏମ୍‌ଡି:** ୨,୫୪,୯୦୦.୦୦/-, **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୧୦,୦୦୦.୦୦/-, **ଇ-ଟେଣ୍ଡର ଖୋଲିବା ସ୍ଥାନ :** Sr. DEE (OP)/ CKP, S.E.Railwayଙ୍କ କାର୍ଯ୍ୟାଳୟ। **ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ୧୭.୧୧.୨୦୨୫, ୧୫:୦୦ ଘଟିକା, **ଇ-ଟେଣ୍ଡର ଖୋଲିବା ତାରିଖ ଓ ସମୟ:** ୧୭.୧୧.୨୦୨୫, ୧୫:୩୦ ଘଟିକା, ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ ୱେବ୍‌ସାଇଟ୍ **http://www.ireps.gov.in**ରେ ସହଜରେ ଦେଖିହେବ। ମାନୁଆଲ ମୋଡ୍ ଯୋଗେ କରାଯାଇଥିବା ଆବେଦନଗୁଡ଼ିକ ଗ୍ରହଣୀୟ ନୁହେଁ, ଏବଂ ଏପ୍ରକାର ହସ୍ତଗତ ହୋଇଥିବା ଆବେଦନଗୁଡ଼ିକୁ ଅଗ୍ରାହ୍ୟ କରାଯିବ। ଟେଣ୍ଡର ଆବେଦନକାରୀ/ବିଡର୍‌ମାନେ ନିଶ୍ଚିତ ରୂପେ କ୍ଲାସ-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ ହାସଲ କରିଥିବେ ଏବଂ ନିଶ୍ଚିତ ଭାବେ IREPS ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡର ଆବେଦନକାରୀ/ବିଡର୍‌ମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ/ଡକ୍ୟୁମେଣ୍ଟଗୁଡ଼ିକୁ ନିଶ୍ଚିତ ଭାବେ ଅପ୍‌ଲୋଡ୍ କରିବାକୁ ହେବ। (PR-773)

**DOCUMENT LOST**

By virtue of an affidavit sworn before the Notary Public Hinjilicut, Ganjam, Vide Affidavit Sl. No. 662, Dt. 26.10.2025, I, Sri Ramakanta Panda, S/o- Late Balaram Panda, resident of Vill./Po.- Tahara, Ps-Hinjilicut, Dist-Ganjam. That Khata No. 82/7, Plot No. 617/749, extent of area Ac. 0.534 dec. having the status of Gharabari, under revenue Vill.- Santoshpur is a joint R.S.D vide its No. 2490/2003. That the above stated R.S.D. which I have kept in wooden almira was destroyed by the white ants and no residue has been left. That in the above stated place is required for rice mill, where I am the partner in this Rice mill namely 'Kalipada Rice Mill, as if It was very important document for me and for that I will apply it's duplicate for my future needful purposes.

*Sd/- Ramakanta Panda*

**ମାନ୍ୟବର ଅତିରିକ୍ତ ବାଣିଜ୍ୟିକ କୋର୍ଟ, ଏଗ୍‌ମୋର୍, ଚେନ୍ନାଇ**

**C.O.S No. 397 OF 2025**

**M/s** କାଳୀ ସୁଗ୍ଧାରୀ ରିଫାଇନାରୀ ପ୍ରାଇଭେଟ୍ ଲିମିଟେଡ୍

........... ଅଭିଯୋଗକାରୀ

ବନାମ୍

**Mr.** ସୁନାକର ସାହୁ, ପ୍ରୋପ୍ରାଇଟର, ସାଇକୃପା ଟ୍ରେଡର୍ସ

............ ଅଭିଯୁକ୍ତ

**To**

**Mr.** ସୁନାକର ସାହୁ

ପ୍ରୋପ୍ରାଇଟର, ସାଇକୃପା ଟ୍ରେଡର୍ସ

ଲକ୍ଷ୍ମୀ ବଜାର, ବାଲିଚନ୍ଦ୍ରପୁର

ଜଇପୁର, ଖୁର୍ଦ୍ଧା, ଓଡ଼ିଶା- ୭୫୪୨୦୫

ମୋବାଇଲ୍ ନଂ. ୦୯୭୭୭୩୪୬୪୩୫ ଏବଂ ୦୯୪୩୯୧୭୧୦୩୫

........... ଅଭିଯୁକ୍ତ

ଦୟାକରି ଧ୍ୟାନ ଦିଅନ୍ତୁ, ଆପଣ C.O.S. No. 397/2025 ଅନ୍ତର୍ଗତ ମାନ୍ୟବର ଅତିରିକ୍ତ ବାଣିଜ୍ୟିକ କୋର୍ଟ, ଏଗମୋର, ଚେନ୍ନାଇଙ୍କ ସମ୍ମୁଖରେ ତା. ୩୧.୧୦.୨୦୨୫ ସମୟ ସକାଳ ୧୦.୩୦ ଘଟିକା ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ହେବେ। ଏହି ଆଦେଶ ମାନ୍ୟବର ଅତିରିକ୍ତ ବାଣିଜ୍ୟିକ କୋର୍ଟ, ଚେନ୍ନାଇଙ୍କ ଦ୍ୱାରା ୧୩.୧୦.୨୦୨୫ରେ ଦିଆଯାଇଥିବା ଆଦେଶ ଅଧୀନ। ଏଥିରେ ବିଫଳ ହେଲେ ଆପଣଙ୍କ ବିରୋଧରେ ଆଗତ ଅଭିଯୋଗ ଉପରେ ଆପଣଙ୍କ ଅନୁପସ୍ଥିତିରେ ନିଷ୍ପତ୍ତି ନିଆଯିବ।

**S.R.SANKARESHWARAN**
**ADVOCATE**
**COUNSEL FOR PLAINTIFF**



# ମହିଳାଙ୍କ ମଦବିରୋଧୀ ଆନ୍ଦୋଳନ

**ଢେଙ୍କାନାଳ,୨୭।୧୦/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ନବକିଶୋରପୁର ଗ୍ରାମ ପପଞ୍ଚାୟତରେ ଆଜି ଶହ ଶହ ମହିଳା ମଦ ବିରୋଧି ଆନ୍ଦୋଳନରେ ସାମିଲ ହୋଇ ପଞ୍ଚାୟତରୁ ସମ୍ପୂର୍ଣ୍ଣ ଭାବେ ମଦର ବହୁଳ ବ୍ୟବହାରକୁ ରୋକିବା ସହିତ ଏ ଦିଗରେ ସଚେତନ ହେବା ପାଇଁ ରାସ୍ତାରେ ପ୍ଲାକାର୍ଡ ସହିତ ସାଉଣ୍ଡ ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ସରପଞ୍ଚ ରୋଜାଲିନ ସାମଲଙ୍କ ନେତୃତ୍ୱରେ ଆଜି ନବକିଶୋରପୁର ଗ୍ରାମର ବହୁ ମହିଳା ସ୍ୱୟଂ ସହାୟିକା ସଂଘର ସଦସ୍ୟାମାନେ ରାସ୍ତାର ଉଭୟ ପାର୍ଶ୍ୱରେ ମଦ ବିରୋଧି ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଧରି କପି ସାହି, କଳାଙ୍ଗ, ଫାସିଙ୍ଗା ଆଦି ଗ୍ରାମକୁ ଯାଇ ମହିଳାମାନଙ୍କୁ ଏକଜୁଟ୍ କରି ଏ ଦିଗରେ ସକ୍ରିୟ ରହିବାକୁ ସମସ୍ତଙ୍କୁ ବଜ୍ର ଶପଥ କରାଇଥିଲେ। ବହୁ ମହିଳା ଏଥିରେ ପ୍ରେରଣା ପାଇ ଏଥିରେ ଯୋଗଦେଇ ମଦ ବିରୋଧି ଆନ୍ଦୋଳନକୁ କ୍ରିୟାଶୀଳ ହେବାକୁ ନିଷ୍ପତି ନେଇଥିଲେ। ପଞ୍ଚାୟତର ସମିତିସଭ୍ୟ ପ୍ରିୟରଞ୍ଜନ ମାହୁନ୍ତ ସେଥିରେ ସାମିଲ ହୋଇଥିଲେ। ଆଇନ୍‌ଶୃଙ୍ଖଳା ରକ୍ଷା ପାଇଁ ପୁଲିସ୍ ଉପସ୍ଥିତ ଥିଲେ। ପ୍ରକାଶ, ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗାଁ ଗଣ୍ଡାରେ ଦେଶୀ ଓ ମହୁଲି ମଦର କାରବାର ମାତ୍ରାଧିକ ବଢ଼ି ଥିବା ବେଳେ ଏହାକୁ ପାନ କରି ଅନେକ ବ୍ୟକ୍ତି ବିପଥ ଗାମୀ ହେଉଥିବା ଲକ୍ଷ୍ୟ କରାଯାଉଛି। ଘରେ ଘରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଜଣାଯାଉଛି। ଏହାକୁ ରୋକିବା ଦିଗରେ ସ୍ଥାନୀୟ ଅବକାରୀ ବିଭାଗ ନେଉଥିବା ପଦକ୍ଷେପ ନାମକୁ ମାତ୍ର ରହୁଥିବାରୁ ମଦ୍ୟପ ଅଭିଯୁକ୍ତମାନେ କୋର୍ଟଚାଲାଣ ହେବା ପରେ ପୁନର୍ବାର ଜାମିନ ପାଇ ଘରେ ଓ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେହିଭଳି କେତେକ ସ୍ଥାନରେ ବେଆଇନ ଭାବେ ବିଦେଶୀ ମଦ ପ୍ରସ୍ତୁତ କରାଯାଇ ଏହାର ବହୁଳ କାରବାର ଆରମ୍ଭ ହେଉଥିବା ବେଳେ କୌଣସି ପ୍ରକାର ବିଭାଗୀୟ ନଜର ପଡ଼ିବାରୁ କେତେକାଂଶରେ ରୋକା ଯାଇପାରିଛି। ଏହାକୁ ସଂପୂର୍ଣ୍ଣ ବନ୍ଦ କରାଗଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।




# ଛତୁଆରୁ ବାହାରୁଛି ପୁଳା ପୁଳା ଚୋକଡ଼

**ଢେଙ୍କାନାଳ,୨୭।୧୦/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟକୁ ପୋଷଣ ମୁକ୍ତ ହେଉ। ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟର ଉନ୍ନତି ହେଉ। ହେଲେ ଗଁଦିଆ ବ୍ଲକ୍‌ରେ ଏଭଳି ଉତ୍ସବ ପାଳନ କେବଳ କାଗଜ କଲମରେ ସୀମିତ ବୋଲି ଅଭିଯୋଗ ହେଉଛି। ଖୁଲମଖୁଲା ଶିଶୁ,ଗର୍ଭବତୀ ଓ ପ୍ରସୁତିଙ୍କ ପାଇଁ ଉର୍ଦ୍ଦିଷ୍ଟ ଛତୁଆ ନିମ୍ନମାନର, ରୁଚିହୀନ ଆଉ ସେଥିରୁ ପୁଳା ପୁଳା ଚୋକଡ ବାହାରିବା ଚର୍ଚ୍ଚା ହେଉଛି। ପ୍ରକାଶ, ଚଳିତ ମାସ ଛତୁଆ ତଦନ୍ତ ପରିସରକୁ ଅଣାଗଲେ ସବୁ ସତ୍ୟ ଜଣା ପଡିବ ବୋଲି ଗଣମାଧ୍ୟମରେ ଅଭିଯୋଗ ହୋଇ ଆସୁଥିଲା। ଛତୁଆରେ ଆବଶ୍ୟକତା ଥିବା ବାଦାମ ଆଉ ଶୋଲା ପରିମାଣ ଅନୁଯାୟୀ ମିଶ୍ରଣ ହେଉନଥିବାରୁ ଛତୁଆର ମାନ ଠିକ୍ ରହୁନାହିଁ ବୋଲି ବିଭିନ୍ନ ସମୟେ ଚର୍ଚ୍ଚା ହୋଇଆସୁଛି। ଏହାକୁ ନେଇ ଗଁଦିଆ କାର୍ଯ୍ୟାଳୟ ବିବାଦ ଘରକୁ



ଆସୁଥିବା ସତ୍ତ୍ୱେ ବି ସମ୍ପୃକ୍ତ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଏଥିନେଇ ଭ୍ରୂକ୍ଷେପ କରୁନଥିଲେ। ଯାହା ଫଳରେ ଛତୁଆରମାନ ଦିନକୁ ଦିନ ନିମ୍ନମାନର ହୋଇ ଚାଲୁଛି। ଆଜି ଜଣେ ହିତାଧିକାରୀ ଏହି ମାସ ଛତୁଆକୁ ଚାଲୁଣିରେ ଚଳାଇ ଦେଖିବାକୁ ପାଇଥିଲେ କୁଢ଼ କୁଢ଼ ଚୋକଡ। ଯାହାକି ଶିଶୁ ଆଉ ଗର୍ଭବତୀ, ପ୍ରସୂତିଙ୍କର ଖାଦ୍ୟ ଉପଯୋଗୀ ନୁହେଁ। ବାଧ୍ୟ ହୋଇ ଗାଈଗୋରୁଙ୍କୁ ଏହି ଛତୁଆ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଏମିତି ସମସ୍ତ ୨୭୦ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଗର୍ଭବତୀ, ପ୍ରସୂତିଙ୍କ ଅପପୁଷ୍ଟି ନିରାକରଣ ପାଇଁ ଦିଆଯାଉଥିବା ଛତୁଆ ଏବେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବାଧକ ସାଜିଛି ବୋଲି ଅଭିଯୋଗ ହେଉଛି। ଦୀର୍ଘବର୍ଷ ଧରି ଛତୁଆ ପ୍ରସ୍ତୁତିରେ ଏଭଳି ବ୍ୟାପକ ଅନିୟମିତତା ଥାଇ ବି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ମିଶନ ଶକ୍ତି ଅଧିକାରୀଙ୍କ କାର୍ଯ୍ୟାଳୟ, ଗଁଦିଆ ନିରବଦ୍ରଷ୍ଟା ସାଜିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଶିଶୁ ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଥିବା ଅସାଧୁ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ୍‌ଦଣ୍ଡ

**ଢେଙ୍କାନାଳ,୨୭।୧୦/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ କଡ଼ଲା ପଞ୍ଚାୟତରେ ଅନୁଷ୍ଠିତ ନିର୍ବାଚନରେ ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ନିର୍ବାଚନ ଜିତି ସରପଞ୍ଚ ପଦ ହାତେଇଥିବା ପୂର୍ବତନ ସରପଞ୍ଚ ପ୍ରାର୍ଥୀନୀ ଅନୁସୟା ଗଡ଼ନାୟକଙ୍କୁ ଆଜି ହିନ୍ଦୋଳ ଏସଡିଜିଏମ କୋର୍ଟ ୪୬୮/୪୭୧ ଦୁଇଟି ଦଫା ଲଗାଇ ୨ ବର୍ଷ ଜେଲ୍ ଦଣ୍ଡ ସହିତ ୧୦ ହଜାର ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ କଡଲା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନୁସୟା ଗଡ଼ନାୟକ ସ୍ୱାମୀ ସନ୍ତୋଷ ଗଡ଼ନାୟକ ଜାତିରେ କ୍ଷତ୍ରୀୟ ହୋଇଥିଲେ ମଧ୍ୟ ନିଜ ସ୍ତ୍ରୀ ଅନୁସୟାଙ୍କୁ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଛିଡା କରିବା ପାଇଁପଛୁଆ ବର୍ଗ ସାର୍ଟିଫିକେଟ ପାଇଁ ନିଜେ ରଞ୍ଜାଗୋଳ ଆରଆଇ ସାଜି ସମସ୍ତ କାଗଜ ପତ୍ର ଜନସେବା କେନ୍ଦ୍ର ମାଧ୍ୟମରେ ହିନ୍ଦୋଳ ତହସିଲଦାରଙ୍କୁ ପ୍ରଦାନ କରି କୌଶଳ କ୍ରମେ ପଛୁଆ ବର୍ଗ ସାର୍ଟିଫିକେଟ ହାତେଇ ନେଇଥିଲେ। ପ୍ରକୃତ ପକ୍ଷେ ସେ ସାଧାରଣ ବର୍ଗର ହୋଇଥିବା ବେଳେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କୌଶଳ କ୍ରମେ ସାର୍ଟିଫିକେଟକୁ ଫର୍ଜରୀ କରି ଅନୁସୟାର ପ୍ରାର୍ଥୀତ୍ୱ କାଏମ ରଖିଥିଲେ। ଏହାକୁ ନେଇ ସେତେବେଳେ ବିପରୀତ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ହିନ୍ଦୋଳ ବିଡିଓଙ୍କ ଠାରୁ ଆରମ୍ଭ କରି ଢେଙ୍କାନାଳ ଜିଲ୍ଲାପାଳ ଓ ନିର୍ବାଚନ କମିଶନରଙ୍କୁ ଏ ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅନୁସୟା ନିଜର କର୍ତ୍ତୃତ୍ୱ ବଳରେ ସରପଞ୍ଚ ପଦବୀ ହାତେଇ ନେଇଥିଲେ। ପରେ ରଞ୍ଜାଗୋଳ ଆରଆଇଙ୍କ ପତ୍ର ସଂଖ୍ୟା ୭୮ରେ ଅନୁସୟା ଖଣ୍ଡାୟତ ନୁହଁ ସେ କ୍ଷତ୍ରୀୟ ବୋଲି ହିନ୍ଦୋଳ ତହସିଲଦାରଙ୍କୁ ଲିଖିତ ଜଣାଇ ଥିଲେ। ଏହାପରେ ତହସିଲଦାର ତାଙ୍କ ଜାତିଗତ ପ୍ରମାଣ ପତ୍ରକୁ ରଦ୍ଦ କରି ଏ ସମ୍ବନ୍ଧରେ ଉପଜିଲ୍ଲାପାଳଙ୍କୁ ଲିଖିତ ଦେବାପରେ ସେ ସେହି ସାର୍ଟିଫିକେଟ ରଦ୍ଦ ହେବା ପରେ ତାଙ୍କ ସରପଞ୍ଚ ପଦବୀକୁ ଉପଜିଲ୍ଲାପାଳ ଅସିଦ୍ଧ କରିଥିଲେ। ହେଲେ ଅନୁସୟା ନ୍ୟାୟାଳୟର ଆଶ୍ରୟ ନେଇ ନିଜର ସରପଞ୍ଚ ପଦବୀକୁ ରଖିପାରିଥିଲେ। ଦୀର୍ଘ ପାଞ୍ଚ ବର୍ଷ ମଧ୍ୟ ସରପଞ୍ଚ ପଦବୀରେ ରହି ସମସ୍ତ ସୁବିଧା ହାତେଇ ଥିଲେ। ଦୀର୍ଘ ଦିନର କୋର୍ଟ ଲଢେଇ ପରେ ଆଜି ହିନ୍ଦୋଳ ଏସ୍‌ଡିଜିଏମ୍ କୋର୍ଟ ରୋଜୀ ତ୍ରିପାଠୀ ଅନୁସୟାଙ୍କୁ ଜାଣିଶୁଣି ଜାଲ ସାର୍ଟିଫିକେଟ ଦେଇ ପଦବୀ ହାତେଇ ଥିବା ଅଭିଯୋଗରେ ୨ ବର୍ଷ ଜେଲ ସହିତ ୧୦ଜରିମାନା ଆଦାୟ ପାଇଁ ନେର୍ଦ୍ଦେଶ ଦେଇଥିବା ଜଣାପଡିଛି। ଉକ୍ତ କେଶକୁ ସରକାରୀ ଓକିଲ ଭାବେ ହିମାଂଶୁ ଭୂଷଣ ମିଶ୍ର ଓ ସୁଶୀଲ ଗଡ଼ନାୟକ ଲଢୁଥିବା ବେଳେ ସେହି ପଞ୍ଚାୟତର ଶ୍ରୀକାନ୍ତ ସାହୁ ତାଙ୍କ ନାମରେ କେଶ ଦାୟର କରିଥିଥିବା ବେଳେ କୋଟରୁ ଜେଲ୍ ଦଣ୍ଡ ପାଇବା ପରେ ଅନୁସୟା ଜାମିନ୍‌ରେ ଯାଇଥିବା ସରକାରୀ ଓକିଲ ପ୍ରକାଶ କରିଛନ୍ତି।


**AFFIDAVIT**

By virtue of an affidavit sworn before Notary Public, Balliguda dated 24.10.2025 , I Rudra Barik, aged about 18 years, Son of Sukanta Barik of Village- Mahasingi, P.O- Mahasingi, P.S- Balliguda, Dist-Kandhamal, PIN- 762103, Odisha have changed my name from "RUDRA BARIK" to "SUMANTA BARIK", and henceforth I shall be known as "SUMANTA BARIK" for all purpose.

**AFFIDAVIT**

By virtue of an affidavit sworn before The Executive Magistrate, Baripada dated 15/10/2025, SI No- 1079, I Alok Prasad Yadav, S/o Suresh Prasad Yadav, At-Santinivas, Station Bazar, Ward No.12, PO/PS-Baripada, Dist- Mayurbhanj, PIN-757001 declare that, I have changed my name from Alok Yadav (old name) to Alok Prasad Yadav (new name). Henceforth, I shall be known as **Alok Prasad Yadav** for all purposes.

**Sd/- Alok Prasad Yadav**


# ନାଗରିକଙ୍କ ପାଇଁ ସାଧୁତା ଶପଥ

**ତାଳଚେର,୨୭।୧୦/ଏନ୍ଏନ୍ଏସ୍:** ଆଜି ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଞ୍ଚାୟତ ସମିତି, ତହସିଲ କାର୍ଯ୍ୟାଳୟରେ ନାଗରିକଙ୍କ ପାଇଁ ସାଧୁତା ଶପଥ ଆୟୋଜନ ହୋଇଯାଇଛି। ଏହି ଅବସରରେ ସମସ୍ତ ଅଧିକାରୀ କର୍ମଚାରୀ, ସାଧୁତା, ସତ୍ୟନିଷ୍ଠା ଓ ଦୁର୍ନୀତି ବିରୋଧି ଜୀବନଶୈଳୀ ଅନୁସରଣ ପାଇଁ ଶପଥ ଗ୍ରହଣ କରିଥିଲେ। ଉପଜିଲ୍ଲାପାଳଙ୍କ ସମସ୍ତ କର୍ମଚାରୀମାନେ ଏହି ଅବସରରେ ନାଗରୀକମାନଙ୍କୁ ଦେଶ ଓ ସମାଜ ପାଇଁ ସତ୍ୟନିଷ୍ଠ ଭାବେ କାମ କରିବା ଦୁର୍ନୀତିରେ ଯୋଡ଼ିତ ନହେବା ଏବଂ ସାଧୁତାକୁ ଜୀବନ ଅଂଶରେ ଗହଣ କରିବାକୁ ପ୍ରେରିତ କରିଥିଲେ। ସମାରୋହରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରି ସାଧୁତାର ପ୍ରତି ସଂକଳ୍ପବଦ୍ଧ ହେଲେ। ସରକାର କାର୍ଯ୍ୟ ନିମନ୍ତେ ଲାଞ୍ଚ ନେବା ଓ ଦେବା ଆଇନ୍ ଅନୁଯାୟୀ ଅପରାଧ ଅଟେ। ଯଦି ସରକାରୀ କାର୍ଯ୍ୟ ସମ୍ପାଦନ ନିମନ୍ତେ କୌଣସି କର୍ମଚାରୀ ଅର୍ଥ ଦାବି କଲେ ସେ ସମ୍ପର୍କରେ ଟୋଲଫ୍ରି ନଂ- ୧୦୬୪ କିମ୍ବା ୦୬୭୬୧-୨୩୦୫୯୮୮, ୦୬୭୧-୨୩୦୬୦୨୮, ୦୭୬୪-୨୩୧୧୫୪ ରେ ଯୋଗାଯୋଗ କରିବାକୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଉପଜିଲ୍ଲାଙ୍କ କାର୍ଯ୍ୟାଳୟରୁ ଜଣାଇ ଦଆଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH

O-1155

**E.Mail – rw_sundargarh@yahoo.co.in**

E-PROCUREMENT NOTICE

**BID IDENTIFICATION NO. ONLINE-SESNG-12 of 2025-26**

1. Name of the Work :- Road Works
2. Total No. of works :- 24 nos Road
3. Estimated cost :- Rs. . 7.37 Lakhs to Rs.45.42 Lakhs
4. Class of contractor :- 'B','C' & 'D'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh.** | **Online-SESNG-12 of 2025-26** | **29.10.2025 11.00 A.M** | **12.11.2025 05.00 P.M** |

Further details can be seen from the website www.tendersorissa.gov.in

**Sd/- Executive Engineer**
**Rural Works Division, Sundargarh**

OIPR-25046/11/0070/2526


# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ପରଜଙ୍ଗ,୨୭।୧୦/ଏନ୍ଏନ୍ଏସ୍:** ପରଜଙ୍ଗ ଥାନା ଅନ୍ତର୍ଗତ ଗଡପରଜଙ୍ଗ ଗ୍ରାମର ଖଣ୍ଡିଆବନ୍ଧ ପୋଖରୀରୁ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ପରଜଙ୍ଗ ଗ୍ରାମର କାଣି ଓରଫ ପ୍ରଚଣ୍ଡ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପରଜଙ୍ଗ ଗ୍ରାମର ପ୍ରଚଣ୍ଡ ନାଏକ(୬୫) ଗତ ତିନଦିନ ଧରି ନିଖୋଜ ଥିବାରୁ ପରଜଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସୋମବାର ଭୋର ସକାଳୁ ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତଦେହ ପ୍ରଚଣ୍ଡର ବୋଲି ପରିବାର ଲୋକ ପହଞ୍ଚି ଚିହ୍ନଟ କରି ଥାନାରେ ଜଣାଇଥିଲେ। ଅଗ୍ନିଶମ ବିଭାଗ ଦ୍ୱାରା ମୃତଦେହକୁ ଉଦ୍ଧାର କରିଥିଲେ। ପରଜଙ୍ଗ ଥାନା ଏଏସ୍‌ଆଇ ଜଳନ୍ଧର ବାରିକ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପରଜଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୋଷ୍ଟମର୍ଟମ ନିମନ୍ତେ ଭର୍ତ୍ତି କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି।




**CHOLAMANDALAM INVESTMENT AND FINANCE COMPANY LIMITED**

Chola — Enter a better life

**Corporate Office :** Chola Crest, Super B, C54 & C55, 4, Thiru Vi Ka Industrial Estate, Guindy, Chennai-600 032, T. N.

**DEMAND NOTICE**

**ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ ('ଆଇନ') ଏବଂ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ନିୟମ') ର ବ୍ୟବସ୍ଥା ଅନ୍ତର୍ଗତ।**

ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଚୋଲାମଣ୍ଡଳମ୍ ନିବେଶ ଏବଂ ଆର୍ଥିକ କମ୍ପାନୀ ଲିମିଟେଡ୍ (ସୁରକ୍ଷିତ କ୍ରେଡିଟର)ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଉପରୋକ୍ତ ଆଇନ୍ ଅନୁଯାୟୀ ଏବଂ ନିୟମ ୩ ସହିତ ପଠିତ ଆଇନର ଧାରା ୧୩(୧୨) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର ପୂର୍ବକ ଆଇନ୍‌ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍(ଗୁଡ଼ିକ) ଜାରି କରିଛନ୍ତି, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ୍(ଗୁଡ଼ିକ)ରେ ଉଲ୍ଲିଖିତ ସମୁଦାୟ ଋଣରାଶି ପରିଶୋଧ କରିବାକୁ କୁହାଯାଇଛି। ନିମ୍ନ ସ୍ୱାକ୍ଷରିତ ଅଧିକାରୀ ଯୁକ୍ତିଯୁକ୍ତ ଭାବେ ବିଶ୍ୱାସ କରନ୍ତି ଯେ ଋଣଗ୍ରହୀତାମାନେ ନୋଟିସ୍(ଗୁଡ଼ିକ) ସେବାକୁ ବାରମ୍ବାର ଏଡାଇବାରେ ଲାଗିଛନ୍ତି, ସୁତରାଂ ପ୍ରକାଶନ ଏବଂ ସଂଯୋଜନା ଦ୍ୱାରା ନୋଟିସ୍ ସେବା ପ୍ରଭାବିତ ହେଉଛି। ଡିମାଣ୍ଡ ନୋଟିସ୍(ଗୁଡ଼ିକ)ର ବିଷୟବସ୍ତୁ ନିମ୍ନରେ ଏହିପ୍ରକାରେ ଉଦ୍ଧୃତ କରାଯାଇଛି :-

| କ୍ର. ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ ଏବଂ ବକେୟା ରାଶି | ସମ୍ପତ୍ତି ବିବରଣୀ/ ସୁରକ୍ଷିତ ସମ୍ପତ୍ତି |
|---|---|---|---|---|
| ୧. | ଲୋନ୍ ଆକାଉଣ୍ଟ ନଂ (ଏସ୍) : LAP3ANG000104017 ୧. ଶ୍ରୀ / ଶ୍ରୀମତୀ ସୁଶାନ୍ତ କୁମାର ମହାପାତ୍ର ଓରଫ୍ ସୁଶାନ୍ତ ମହାପାତ୍ର ୨. ଶ୍ରୀ / ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଶତପଥୀ ଠିକଣା :- ପ୍ଲଟ୍ ନଂ ୧୨୦୭/୨୩୯୦/୨୯୬୪/୩୦୦୮, ବ୍ରଜନାଥପୁର, ଅରଖାପାଲ୍, ତାଳଚେର, ୟୁପି ସ୍କୁଲ୍ ନିକଟ, ଅନୁଗୁଳ, ଓଡ଼ିଶା-୭୫୯୧୦୦. ଏଥିସହ ଅନ୍ୟତମ ଠିକଣା:- ଖାତା ନଂ-୨୩୩/୫୧୧, ପ୍ଲଟ୍ ନଂ-୧୨୦୭/୨୩୯୦/୨୯୬୪/୩୦୦୮, ମୌଜା-ବ୍ରଜନାଥପୁର, ତହସିଲ-ତାଳଚେର, ବ୍ରଜେଶ୍ୱର ମହାଦେବ ମନ୍ଦିର ନିକଟ, ପିଏସ୍-ତାଳଚେର, ଜିଲ୍ଲା-ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦। | ୨୨,୦୦,୦୦୦/- | ୧୫.୧୦.୨୦୨୫ ୨୨,୪୦,୫୬୧/- (୨୨ ଲକ୍ଷ ୪୦ ହଜାର ୫ଶହ ୬୧ ଟଙ୍କା) ୧୪.୧୦.୨୦୨୫ ସୁଦ୍ଧା | ମୌଜା-ବ୍ରଜନାଥପୁର, ତହସିଲ-ତାଳଚେର, ଏସ୍‌ଆରଓ-ତାଳଚେର, ପିଏସ୍- ତାଳଚେର, ପିଏସ୍. ନଂ. ୧୧୪, ଜିଲ୍ଲା-ଅନୁଗୁଳ, ଖାତା ନଂ. ୨୩୩/୫୧୧, ପ୍ଲଟ୍ ନଂ.-୧୨୦୭/୨୩୯୦/୨୯୬୪/୩୦୦୮, ଜମି ପରିମାଣ-୦.୧୦୦ ଡିସିମିଲି; ଜମି କିସମ-ବାସପୋଯୋଗୀ/ଘରବାଡି (ଜମି ପରିମାଣ ୦.୨୦୦ଡିସିମିଲରୁ)। ନିମ୍ନଲିଖିତ ଭାବେ ଏକୀକରଣ ସହିତ ସମ୍ବନ୍ଧୀୟ ଖାତା ନଂ. ୨୩୩/୨୨, ପ୍ଲଟ୍ ନଂ.-୧୨୦୭/୨୩୦୯, ଜମି ପରିମାଣ-୦.୬୦୦ ଡିସିମିଲିରୁ ୦.୨୦୦ ଡିସିମିଲି। ଏହି ଜମି (ପଞ୍ଜିକୃତ ବିକ୍ରୟ ଡିଡ୍ ଅନୁଯାୟୀ ୦.୨୦୦ ଡିସିମିଲି ଜମି) ସହ ଉତ୍ତର, ଦକ୍ଷିଣ, ପଶ୍ଚିମ ଏବଂ ପୂର୍ବରେ କୌଣସି ପରିବେଷ୍ଟନ ନାହିଁ। |

ଋଣଗ୍ରହୀତା/ ଋଣଗ୍ରହୀତାମାନଙ୍କୁ ଏହି ଡିମାଣ୍ଡ ନୋଟିସ୍ ଜରିଆରେ ପରାମର୍ଶ ଦିଆଯାଉଛି କି ଏଥିରେ ଉଲ୍ଲିଖିତ (ଉପରେ ବର୍ଣ୍ଣିତ) ଦାବି ଅର୍ଥ ସହ ପ୍ରଯୁଜ୍ୟ ସୁଧ, ଅତିରିକ୍ତ ସୁଧ, ଚେକ୍ ବାଉନ୍ସ ଚାର୍ଜ, ଖର୍ଚ୍ଚ ଏବଂ ଦେୟ ପ୍ରାପ୍ତି ତାରିଖ ପର୍ଯ୍ୟନ୍ତ ସମୁଦାୟ ଅର୍ଥ ଡିମାଣ୍ଡ ନୋଟିସ୍ ପ୍ରକାଶନ ତାରିଖରୁ ୬୦ଦିନ ମଧ୍ୟରେ ଦାଖଲ କରିବାକୁ ହେବ। ଋଣଗ୍ରହୀତାମାନେ ଧ୍ୟାନ ଦିଅନ୍ତୁ ଯେ, **ଚୋଲାମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ** କମ୍ପାନୀ ଲିମିଟେଡ୍ ଏକ ସୁରକ୍ଷିତ ଋଣ ପ୍ରଦାନକାରୀ ସଂସ୍ଥା ଏବଂ ଋଣଗ୍ରହୀତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଋଣ ଅର୍ଥ କମ୍ପାନୀ ଦ୍ୱାରା ପ୍ରଦତ୍ତ ଏକ ସୁରକ୍ଷିତ ଋଣ, ଯାହାକି ଋଣଗ୍ରହୀତାଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) ପାଇଁ ଅସ୍ଥାବର ସମ୍ପତ୍ତି/ସମ୍ପତ୍ତି ପ୍ରତିବଦଳରେ ପ୍ରଦାନ କରାଯାଇଛି। ଯଦି ଋଣଗ୍ରହୀତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ପୂରଣ କରିବାରେ ବିଫଳ ହୁଅନ୍ତି ଅର୍ଥାତ୍ ଦିଆଯାଇଥିବା ସମସ୍ତ ସୁଦ୍ଧା ଋଣ ଅର୍ଥ ସହ ଅନ୍ୟାନ୍ୟ ଅର୍ଥକୁ ମିଶାଇ ମୂଳ ଅର୍ଥ ପୈଠ କରିବାରେ ଖିଲାପି କରନ୍ତି ତେବେ ସୁରକ୍ଷିତ ଋଣଗ୍ରହୀତା ଆଇନ୍‌ର ଧାରା ୧୩(୪) ଅନୁଯାୟୀ ଋଣପ୍ରଦାନକାରୀ ସଂସ୍ଥା, ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଅଧିକାର/ଦଖଲ ନେବା ପାଇଁ ସମସ୍ତ ଅଧିକାର ବ୍ୟବହାର କରିବାକୁ ସମ୍ପୂର୍ଣ୍ଣ ରୂପେ ସ୍ୱୀକୃତିପ୍ରାପ୍ତ। ଏଥିରେ ଉକ୍ତ ବନ୍ଧକ ସମ୍ପତ୍ତିର ବିକ୍ରୟ, ସ୍ଥାନାନ୍ତରଣ କିମ୍ବା ଆଇନ୍ ଏବଂ ନିୟମ ଅନୁଯାୟୀ ଉପଲବ୍ଧ ଅନ୍ୟ କୌଣସି ପ୍ରତିକାର ଗ୍ରହଣ କରିବା ଏବଂ ଦେୟ ଗ୍ରହଣ କରିବା ପ୍ରାବଧାନଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ବିକ୍ରୟ କିମ୍ବା ସ୍ଥାନାନ୍ତରଣ ଅଧିକାର ଲାଗୁ କରିବା ପୂର୍ବରୁ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ସଂଲଗ୍ନ ଏବଂ/ଅଥବା ସିଲ୍ କରିବାର ଅଧିକାର ମଧ୍ୟ ଋଣପ୍ରଦାନକାରୀ ସଂସ୍ଥାର ରହିଛି। ସୁରକ୍ଷିତ ସମ୍ପତ୍ତି ବିକ୍ରୟ ପରେ, ଯଦି ପ୍ରତିବନ୍ଧିତ ସମ୍ପତ୍ତିର ମୂଲ୍ୟ ସୁରକ୍ଷିତ ଋଣଦାତାଙ୍କ ଉପରେ ବକେୟା ରାଶିକୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ବା ଯଥେଷ୍ଟ ନହୁଏ ତେବେ ସୁରକ୍ଷିତ ଋଣଦାତା ନିଜ ବଳକା ବକେୟା ରାଶିକୁ ଭରଣା କରିବା ପାଇଁ ପୃଥକ୍ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ମଧ୍ୟ ଅଧିକାର ରଖିଛନ୍ତି। ଏହି ପ୍ରତିକାର ଅନ୍ୟ କୌଣସି ଆଇନ ଅନୁଯାୟୀ ସୁରକ୍ଷିତ ଋଣଦାତାଙ୍କ ନିକଟରେ ଉପଲବ୍ଧ ସମସ୍ତ ପ୍ରତିକାର ସହିତ ଅତିରିକ୍ତ ଏବଂ ସ୍ୱାଧୀନ।

ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ଯେ, ଉପଲବ୍ଧ ସମୟ ଅନୁସାରେ, ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଆଇନର ଧାରା ୧୩(୮) ଏବଂ ଆଇନର ଧାରା ୧୩(୧୩) ପ୍ରତି, ଯେଉଁଠାରେ ଋଣଗ୍ରହୀତାଙ୍କୁ ସୁରକ୍ଷିତ ସମ୍ପତ୍ତିର ବିନିଯୋଗ କିମ୍ବା କାରବାର କରିବା କିମ୍ବା ବିକ୍ରୟ, ଲିଜ୍ କିମ୍ବା ଅନ୍ୟଥା (ସାଧାରଣ ବ୍ୟବସାୟ ବ୍ୟତୀତ) ଯେକୌଣସି ସୁରକ୍ଷିତ ସମ୍ପତ୍ତିର ସ୍ଥାନାନ୍ତରଣରୁ ନିଷେଧ କରାଯାଇଛି, ସୁରକ୍ଷିତ କ୍ରେଡିଟରଙ୍କ ପୂର୍ବ ଲିଖିତ ସମ୍ମତି ବିନା ଏବଂ ଉପରୋକ୍ତ ସହିତ ଅନୁପାଳନ ନକରିବା ଉକ୍ତ ଆଇନର ଧାରା ୨୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଦାବି ନୋଟିସ୍‌ର ନକଲ ନିମ୍ନସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ ଋଣଗ୍ରହୀତା, ଯଦି ଚାହାଁନ୍ତି, ତେବେ ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ନିମ୍ନସ୍ୱାକ୍ଷରକାରୀଙ୍କଠାରୁ ଏହାକୁ ସଂଗ୍ରହ କରିପାରିବେ।

ସ୍ୱାକ୍ଷର/-
**କ୍ଷମତାପ୍ରାପ୍ତ ଅଧିକାରୀ**
**ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍**

**ସ୍ଥାନ : ଅନୁଗୁଳ, ଓଡ଼ିଶା**
**ତାରିଖ : ୧୫.୧୦.୨୦୨୫**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NIMAPARA**

O-1192

Mail ID : ee_nimapara@yahoo.co.in

No.: Tender Online-Divn. NPR-05/2025-26 Date : 23.10.2025

**e-Procurement NOTICE**

1. Name of the work : Road Works for the year 2025-26
2. Total No. of Project : 16 (Sixteen) Nos of project
3. Estimated cost of project : Varies from Rs.8.46 lakh to Rs.40.63 lakh
4. Class of contractor :
   - A) Estimated cost above Rs.20.00 lakhs and upto Rs.300.00 lakhs : "B" Class (of Odisha PWD) or relevant Class of other licensing authorities
   - B) Estimated cost more than Rs.20.00 lakhs and upto Rs.40.00 lakhs : "C" Class & "B" Class (of Odisha PWD) or relevant class of other licensing authorities
   - C) Estimated cost upto Rs.20.00 lakhs : "D" Class & "C" Class (of Odisha PWD) or relevant class of other licensing authorities
5. Mode of Submission of tender : Tender should be submitted online only in website www.tendersorissa.gov.in
6. Period of completion : As per TCN
7. Other details.

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-Line-Divn. NPR-05/ 2025-26 | 28.10.2025 at 11.00 AM | 10.11.2025 upto 5.00 PM | 10.11.2025 upto 1.00 PM | 11.11.2025 at 11.00 A.M. Office of the S.E. R.W. Division, Nimapara |

Further details can be seen from the website www.tendersorissa.gov.in

**Sd/- Superintending Engineer**
**Rural Works Division, Nimapara**

OIPR-25099/11/0012/2526

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL Lifeline of Odisha

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

**Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007**

**TENDER ALERT**

**1)Tender Call Notice No. 01/2025-26:** Hiring of diesel run commercial registered light vehicles A/C Bolero or equivalent for EHT (P) Division, Balasore.

**2)Tender Call Notice No. 08/2025-26:** Procurement of different consumable materials required for annual maintenance work at GSS under EHT (O&M) Division, Dhenkanal for the year 2025-26.

**3)Tender Call Notice No. OT-05/2025-26:** Supply of different types consumable items required for annual maintenance works in various Grids S/S under EHT (O&M) Division, Rayagada.

**4)E-Tender Call Notice No. CHP-05/2025-26:** 400kV Meramundali- Mendhasal DC Line, 400kV Meramundali- New Duburi DC Line, 400kV Meramundali- Lapanga DC line under EHT (O&M) Circle, Chainpal.

**5)E-Tender Call Notice No. CHP-06/2025-26:** Procurement of surge counter for surge arrestor at 400/220/132kV Grid S/S Meramundali under EHT (O&M) Division, Meramundali under EHT (O&M) Circle, Chainpal.

**6)Tender Call Notice No. 09/2025-26:** Cleaning of Grass, Shurbs and wild plants etc, from the peripheral area along with ant weed treatment of that area of different Grid S/Ss under EHT (O&M) Division, Puri.

**7)Tender Call Notice No. 08/2025-26:** Supply and replacement of rusted bracing members,earth spike and earth flat at 132/33kV GSS Puri under EHT (O&M) Division, Puri.

**8)Tender Call Notice No. BLN-07/2025-26:** Procurement different types of clamps & connectors for different Grid S/Ss under EHT (O&M) Division, Balangir under EHT (O&M) Circle, Balangir .

**9)Tender Call Notice No. BLN-08/2025-26:** Procurement of FRP telescopic earthing/Discharge rods for different Grid S/Ss under EHT (O&M) Division, Kesinga and Nuapada under EHT (O&M) Circle, Bolangir.

**10)Tender Call Notice No. BRL-31/2025-26:** Supply of Bentonite powder for earth renovation work at Grid S/S, Chhend and Rourkela under EHT (O&M) Circle, Rourkela under EHT (O&M) Circle, Burla.

**11)Tender Call Notice No. BRL-34/2025-26:** Casting and laying of new RCC cable trench slab for 132/33kV Grid S/S, Ghess under EHT (O&M) Division, Barpali under EHT (O&M) Circle, Burla.

**12)Tender Call Notice No. 04/2025-26:** Replacement of 160 KN 245kV old single & double tension type disc insulator by long rod insulator strings at different locations of existing 220kV Balasore- Bhadrak line (Ckt II) (Loc no.-284 to 450) under EHT (O&M) Division, Balasore.

**13)Tender Call Notice No. 05/2025-26:** Repairing of defunct transformer oil filter machine, Make-fowler Westrup model-JHV10000K, Capacity- 10KL at 400/220/132kV Grid S/S, Meramundali under EHT (O&M) Division,Meramundali.

**14)Tender Call Notice No. 06/2025-26:** Procurement of 200W LED flood light fittings for illumination of 400kV S/Y's of 400/220/132kV Grid S/S, Meramundali and 400kV GIS S/S, Meramundali-B under EHT (O&M) Division, Meramundali.

**15)Tender Call Notice No. OT-06/2025-26/RGD: LOT A-** One-time grass cleaning at 220/132/33kV Grid S/S, Therubali & **LOT B-** One-time grass cleaning at 132/33kV Grid S/S, Rayagada under EHT (O&M) Division, Rayagada.

**16)Tender Call Notice No. 17/KHU/2025-26:** Provision of PCC (1:3:6) in the S/Y (132kV & 33kV) periphery area surrounding the fencing at 132/33kV Grid S/S Chandpur under EHT (O&M) Division, Khurda.

**17)Tender Call Notice No. 18/KHU/2025-26:** Provision of earthing for towers in 220kV Nayagarh-Mendhasal DC & 132kV Atri-Chandpur-Balugaon DC LILO Line under EHT (O&M) Division, Khurda.

**18)Tender Call Notice No. 19/KHU/2025-26:** Modification of S/Y (220kV & 132kV) lighting system at Grid S/S Atri under EHT (O&M) Division, Khurda.

**19)Tender Call Notice No. 20/KHU/2025-26:** Construction of one no. of Transformer oil sump pit at Grid S/S Nayagarh under EHT (O&M) Division, Khurda.

**20)Tender Call Notice No. 21/KHU/2025-26:** Provision of hydrant points to individual earth pits inside the S/Y of 220/33kV Grid S/S Nayagarh under EHT (O&M) Division, Khurda

For more details please visit OPTCL's website: **www.optcl.co.in.**

FIPR-49/2025-26

/optcl.odisha   /optcl_odisha

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

## ଲ୍ୟାଣ୍ଡ୍‌ଫଲ୍ କାଉଣ୍ଟଡାଉନ୍ ...

ଲ୍ୟାଣ୍ଡଫଲ୍‌ବେଳେ ଭୀଷଣ ବାତ୍ୟା ଓଡ଼ିଶା ଆଡ଼କୁ ମୁହାଁଇବ । କିନ୍ତୁ ଓଡ଼ିଶାରେ ପହଞ୍ଚିଲାବେଳକୁ ଦୁର୍ବଳ ହୋଇସାରିଥିବ । ଦକ୍ଷିଣ ଓଡ଼ିଶା ଦେଇ ଏହା ଛତିଶଗଡ଼ ମୁହାଁ ହେବ । ଫଳରେ ମାଲକାନଗିରି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁରରେ ୨୮ ତାରିଖ ରାତିରୁ ୨୯ ତାରିଖ ସକାଳ ପର୍ଯ୍ୟନ୍ତ ପ୍ରଭାବ ପଡ଼ିବ । ସେତେବେଳେ ୭୦ରୁ ୮୦ କିମି ପର୍ଯ୍ୟନ୍ତ ପବନ ବହିବ । ବର୍ତ୍ତମାନର ଆକଳନ କହୁଛି ସାମ୍ଭାବ୍ୟ ବାତ୍ୟା ମାଲକାନଗିରି ଦେଇ କରି ଛତିଶଗଡ଼ ଆଡ଼କୁ ଯିବ । ମାଲକାନଗିରିକୁ ଅତିକ୍ରମ କରିବା ସହ ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ଗଜପତି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲା ପ୍ରଭାବିତ ହେବ । ଏହା ପ୍ରଭାବରେ ଛତିଶଗଡ଼ରେ ମଧ୍ୟ ବର୍ଷା ହୋଇପାରେ । ଛତିଶଗଡ଼ରେ ବର୍ଷା ହେଲେ ହୀରାକୁଦକୁ ଉପର ମୁଣ୍ଡରୁ ପାଣି ପ୍ରବେଶ କରିବ । ଜଳ ସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ରାଜ୍ୟର ବିଭିନ୍ନ ଜଳ ଭଣ୍ଡାରରେ ପ୍ରାୟ ୮୮ ପ୍ରତିଶତ ଜଳ ସଂରକ୍ଷଣ ହୋଇରହିଥିଲା । ସାମ୍ଭାବ୍ୟ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଜଳ ନିଷ୍କାସନ ଆରମ୍ଭ ହୋଇଛି । ଜଳଭଣ୍ଡାରର ଜଳସ୍ତର କମ ଥିଲେ, ଉପର ମୁଣ୍ଡରୁ ଆସିବାକୁ ଥିବା ଜଳକୁ ସଂରକ୍ଷଣ କରି ରଖିବୁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏଣେ ବାତ୍ୟା 'ମୋନ୍ଥା' ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସହ ୩୦ ତାରିଖ ଯାଏଁ ଉପକୂଳକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୱାର୍ଣ୍ଣିଂ ଜାରି କରାଯାଇଛି । ତା'ସହ ଆସନ୍ତାକାଲି ପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଦିଆଯାଇଛି । ୨୯ ତାରିଖରେ ମଧ୍ୟ ୫ ଜିଲ୍ଲା ଯଥା-ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁରକୁ ରେଡ୍ ଜୋନରେ ରଖାଯିବା ସହ ପଶ୍ଚିମ ଓଡ଼ିଶା ଓ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳ ବର୍ଷାର ଚେତାବନୀ ଦିଆଯାଇଛି । ଆନ୍ଧ୍ରଭଳି ଓଡ଼ିଶାରେ ମଧ୍ୟ ବାତ୍ୟା 'ମୋନ୍ଥା' ଆଭାସ ଦେଖାଇଲାଣି । ଭୁବନେଶ୍ୱରରୁ ବ୍ରହ୍ମପୁର, ଗଜପତିରୁ ପାରଳାଖେମୁଣ୍ଡି କେଉଁଠି ଆକାଶରେ କଳାହାଣ୍ଡି ମେଘ ଘୋଟି ଆସୁଛି ତ ଆଉ କେଉଁଠି ଆରମ୍ଭ ହୋଇଗଲାଣି ଝିପି ଝିପି ବର୍ଷା ସାଙ୍ଗକୁ ପବନ । ଅନ୍ୟପକ୍ଷରେ ବାତ୍ୟା ମୋନ୍ଥା ଆସିବା ଆଗରୁ ଏହାର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ । ବିଶେଷ କରି ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ମହାପ୍ରସ୍ତୁତି ଶେଷ ହୋଇଛି । ଏହିସବୁ ଜିଲ୍ଲାରେ ୨୦୦ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଲୋକଙ୍କୁ ଆଗୁଆ ସ୍ଥାନାନ୍ତର କରାଯାଇଛି । ସେପଟେ ୫ଟି ଜିଲ୍ଲାରେ ୫ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ ହୋଇଛନ୍ତି । କଟକ, ବ୍ରହ୍ମପୁର ଆରଡିସି ସର୍କଲରେ ୨୬୭ଟି ଅଗ୍ନିଶମ ଟିମ୍‌କୁ ସଜାଗ ରଖାଯାଇଛି । ବାତ୍ୟା 'ମୋନ୍ଥା' ଆସିବା ପୂର୍ବରୁ ଆଜି ଦିନ ତମାମ ରାଜ୍ୟର ବିଭିନ୍ନ ଉପକୂଳ ଜିଲ୍ଲାରେ ମେଘୁଆ ପାଗ ଦେଖିବାକୁ ମିଳିଛି । ଏପଟେ 'ମୋନ୍ଥା'ର ମୁକାବିଲା ପାଇଁ ଉପକୂଳବର୍ତ୍ତୀ ଜିଲ୍ଲା ପ୍ରଶଶସନ ପୂରା ପ୍ରସ୍ତୁତ । ବାତ୍ୟାରେ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଥିବା ୫ ଜିଲ୍ଲା ଯଥା-କୋରାପୁଟ, ମାଲକାନଗିରି, ଗଜପତି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାକୁ ୫ଟି ଏନ୍‌ଡିଆରଏଫ୍ ଟିମ୍ ଯାଇଛନ୍ତି । ସେହିପରି ବ୍ରହ୍ମପୁର ଆରଡ଼ିସି ସର୍କଲରେ ୧୨୩ଟି ଅଗ୍ନିଶମ ଟିମ୍‌କୁ ସଜାଗ ରଖାଯାଇଛି । କଟକ ଆରଡିସି ସର୍କଲରେ ବି ୧୪୪ଅଗ୍ନିଶମ ଟିମ୍‌କୁ ସଜାଗ ରଖାଯାଇଛି । ପୁରୀରେ ୧୦୦ ଲାଇଫ୍ ଗାର୍ଡ ସହ ଗୋପାଳପୁରରେ ମଧ୍ୟ ଲାଇଫ୍ ଗାର୍ଡ ମୁତୟନ ରହିଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୮ଟି ଜିଲ୍ଲାରେ ୨୦୦ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ଆଶ୍ରୟ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଗଞ୍ଜାମ ଓ ଗଜପତି ଭଳି କିଛି ଜିଲ୍ଲାରେ ଗର୍ଭବତୀ ମହିଳା, ରୋଗୀ ଓ ବୟସ୍କଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଗଜପତି ଜିଲ୍ଲାରେ ୯୧ଜଣ ଗର୍ଭବତୀଙ୍କ ସହ ୯୪୬ ଜଣ ଆଗୁଆ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହୋଇଛନ୍ତି । ଏଣେ 'ମନ୍ଥା' ପ୍ରଭାବରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି । ଆସନ୍ତାକାଲି ଠାରୁ ୩୦ ତାରିଖ ଯାଏଁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସ୍କୁଲ ବନ୍ଦ ରହିବ ।

## ଜିରୋ କାଜୁଆଲିଟି ...

ଅବଗତ କରାଇଥିଲେ । ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ବାତ୍ୟା ପ୍ରସ୍ତୁତି ନେଇ ତଟରକ୍ଷୀ ବାହିନୀ ସହିତ ମଧ୍ୟ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସଂସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥି ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି । ଏଥି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି । ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ କୋରାପୁଟ ଓ ଗଜପତିରେ ସାଧାରଣ ଭାବେ ବର୍ଷା ହେଉଥିବା ବେଳେ ଅନ୍ୟ ୬ଟି ଜିଲ୍ଲାରେ ପାଗ ମେଘୁଆ ରହିଛି । ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିପାରେ । ୨୯ ଓ ୩୦ ତାରିଖ ବେଳକୁ ବର୍ଷାର ପରିମାଣ ବୃଦ୍ଧି ପାଇପାରେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଥିଲେ ଯେ ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

## ୧୨ ପ୍ରଦେଶରେ ଲାଗୁ ହେବ ...

ଯେହେତୁ ଆସାମ ପାଇଁ ନାଗରିକତା ନିୟମ' ଦେଶର ଅନ୍ୟ ଅଂଶ ଠାରୁ ଭିନ୍ନ', ତେଣୁ ଉତ୍ତର-ପୂର୍ବ ରାଜ୍ୟ ପାଇଁ ଭୋଟର ତାଲିକା ସଂଶୋଧନ ପରବର୍ତ୍ତୀ ସମୟରେ ହିଁ କରାଯିବ ।

ଜ୍ଞାନେଶ କୁମାରଙ୍କ କହିବାନୁସାରେ ପର୍ଯ୍ୟାୟକ୍ରମେ ଦେଶବ୍ୟାପୀ ଏସ୍‌ଆଇଆର୍ ଲାଗୁ କରାଯିବ । ଜାଲ୍ ଭୋଟର୍‌ଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ଏସ୍‌ଆଇଆର୍‌ର ମୂଳ ଉଦ୍ଦେଶ୍ୟ । ବିହାରରେ ସଫଳତାର ସହିତ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଛି । ଏହି ପ୍ରକ୍ରିୟାରେ ବିହାରରେ ପ୍ରାୟ ୭.୫ କୋଟି ଭୋଟର ଭାଗ ନେବା ସ୍ୱାଗତଯୋଗ୍ୟ । ବିହାରରେ ଏହାର ସଫଳତା ପରେ ସାରା ଦେଶରେ ଏସ୍‌ଆଇଆର୍‌କୁ କାର୍ଯ୍ୟକାରୀ କରିବାକୁ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛି । ଏସ୍‌ଆଇଆର୍ ପ୍ରକ୍ରିୟା ଦ୍ୱାରା ଅଯୋଗ୍ୟ ଭୋଟରମାନଙ୍କର ନାମ କଟିବ ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି ପାଇବ । ସୂଚନାଯୋଗ୍ୟ, ଉପରୋକ୍ତ ୧୨ଟି ପ୍ରଦେଶରେ ପ୍ରତ୍ୟେକରେ ଗଣନା ପର୍ଯ୍ୟାୟ ନଭେମ୍ବର ୪ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ପ୍ରକାଶିତ ହେବ ଏବଂ ଏହି ତାଲିକାରୁ ବାଦ୍ ପଡ଼ିଥିବା ଭୋଟରମାନେ ଡ୍ରାଫ୍ଟ ତାଲିକା ପ୍ରକାଶନ ତାରିଖରୁ ଜାନୁଆରୀ ୮ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା ଫେବ୍ରୁଆରୀ ୭ରେ ପ୍ରକାଶିତ ହେବ ।

## ହେବନି ପଦୋନ୍ନତି ...

ବିବରଣୀ ଦାଖଲ କରି ନାହାନ୍ତି । ସମୟସୀମା ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା । ତେବେ ସମ୍ପତ୍ତି ବିବରଣୀ ଦାଖଲ ପାଇଁ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଅନଲାଇନ୍ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍ ପୁଣି ଖୋଲାଯିବ ନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗ କହିଛି । ପଦୋନ୍ନତି ପାଇଁ ବାର୍ଷିକ ସମ୍ପତ୍ତି ବିବରଣୀ ସମୟସୀମାରେ ଦାଖଲ କରିବାବାଧ୍ୟତାମୂଳକ । ତେଣୁ ଯେଉଁ କର୍ମଚାରୀମାନେ ସେମାନଙ୍କର ବିବରଣୀ ଦାଖଲ କରିବାରେ ବିଫଳ ହୋଇଛନ୍ତି, ସେମାନେ ପରବର୍ତ୍ତୀ ବର୍ଷରେ ଅନୁପାଳନ ହାସଲ ନ କରିବା ପର୍ଯ୍ୟନ୍ତ, ଯେକୌଣସି ବିଭାଗୀୟ ପଦୋନ୍ନତି କମିଟି ବୈଠକରେ ପଦୋନ୍ନତି ପାଇଁ ବିଚାର ପାଇଁ ଯୋଗ୍ୟ ହେବେ ନାହିଁ । ନିୟମ ପାଳନ ନ କରୁଥିବା କର୍ମଚାରୀଙ୍କ ମାମଲାଗୁଡ଼ିକୁ ପଦୋନ୍ନତି ପାଇଁ କୌଣସି ଡିପିସି ସମ୍ମୁଖରେ ଯେପରି ରଖା ନ ଯିବ ନିର୍ଦ୍ଦେଶ ଜାରି ହୋଇଛି । ସରକାର ସ୍ପଷ୍ଟ କରିଛନ୍ତି, କର୍ମଚାରୀମାନେ ୨୦୨୬ ଜାନୁଆରୀ ୧ ରୁ ୩୧ ମଧ୍ୟରେ ୨୦୨୫ ବର୍ଷ ପାଇଁ ସେମାନଙ୍କର ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ବାଧ୍ୟ । ବିଭାଗୀୟ ମୁଖ୍ୟଙ୍କ ଦାୟିତ୍ୱରେ ୧୦୦% ଅନୁପାଳନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଧାରଣା

**ପିପିଲି,୨୭।୧୦/ଏନ୍‌ଏନ୍‌ଏସ୍:** ପିପିଲିରେ ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଏକତ୍ରିତ ହେଲେ କାର୍ଯ୍ୟରତ ସାମ୍ବାଦିକ । ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ପିପିଲି ପୁଲିସ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନି ଦଫା ଦାବି ନେଇ ଆଜି ଧାରଣା ଦେଇଥିଲେ ସମୂହ ସାମ୍ବାଦିକ । ଆଜି ସକାଳୁ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବା ବେଳେ ଗେଟ୍ ବାହାରେ ଖରା ବର୍ଷା ଏହି ଧାରଣା ପ୍ରତିବାଦ ଚାଲିଥିଲା । ସାମ୍ବାଦିକ ନ୍ୟାୟର ଲଢ଼େଇରେ ପିପିଲି ପୁଲିସ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ କରି ପ୍ରବଳ ଖରା ଓ ବର୍ଷାକୁ ଖାତିର ନକରି ନିଜ ଜିଦ୍‌ରେ ଅଟଳ ରହିଥିଲେ ସାମ୍ବାଦିକମାନେ । ପ୍ରାୟ ୧ଘଣ୍ଟା ପରେ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ତଦନ୍ତକାରୀ ଅଫିସର ପହଞ୍ଚି



ଧାରଣା ପ୍ରତ୍ୟାହୃତ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସାମ୍ବାଦିକ ମାନେ ଆନ୍ଦୋଳନରୁ ଓହରିନଥିଲେ । ପରେ ଖବର ପାଇ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଧାରଣାସ୍ଥଳରେ ପହଞ୍ଚି ସାମ୍ବାଦିକମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । ନ୍ୟାୟିକ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷ ତଦନ୍ତ ସହ ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଓ ସାମ୍ବାଦିକଙ୍କ ନାମରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଅବସରରେ ମିଡ଼ିଆ ୟୁନିଅନ୍ ପକ୍ଷରୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ୪ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଏସ୍‌ପି ସଚିନ୍ ପଟେଲଙ୍କୁ ପ୍ରଦାନ କରାଯାଇଥିଲା ।

## ବିଶିଷ୍ଟ ସାହିତ୍ୟିକ, ସଂଗୀତଗୁରୁ ପ୍ରାଣକୃଷ୍ଣ ମହାପାତ୍ରଙ୍କ ପରଲୋକ

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ସଂଗଠକ, ସାହିତ୍ୟିକ, ସଂଗୀତଗୁରୁ ତଥା ଶିକ୍ଷାବିତ ପ୍ରାଣକୃଷ୍ଣ ମହାପାତ୍ରଙ୍କ ପରଲୋକ ଘଟିଯାଇଛି । ସେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଗବତୀ ବିଦ୍ୟା ନିକେତନର ସଭାପତି, ଭକ୍ତ ସାଲବେଗ ପୀଠ ଉନ୍ନୟନ କମିଟିର କୋଷାଧକ୍ଷ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ କାଲି ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସ୍ୱର୍ଗତ



ମହାପାତ୍ରଙ୍କ ପାର୍ଥିବ ଶରୀର ପୁରୀରେ ପହଞ୍ଚିବା ପରେ ଅଠରନଳା ଠାରେ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏବଂ ଅଞ୍ଚଳବାସୀ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ମରଶରୀରକୁ ତାଙ୍କ ବାସେଳିସାହି ପାଣିଖାତଲେନ ସ୍ଥିତ ବାସଭବନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା । ସେଠାରୁ ଶୋଭାଯାତ୍ରାରେ ନିଆଯାଇ ଏକ ଶୋକାକୁଳ ପରିବେଶରେ ସ୍ୱର୍ଗଦ୍ୱାର ଠାରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ମନୋଜ ମହାପାତ୍ର ମୁଖାଗ୍ନି ଦେଇଥିଲେ । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ କୈଳାସ ଚନ୍ଦ୍ର ଟିକାୟତ ରାୟ, ଅଧିବକ୍ତା ଦେବାଶିଷ ଦାସ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ରମେଶ ଚନ୍ଦ୍ର ଦାଶ, ମହେନ୍ଦ୍ର ବିଶୋଇ, ଲକ୍ଷ୍ମୀଧର ମାଝୀ, ପ୍ରଭାତ ଚନ୍ଦ୍ର ରଥ, ରାଷ୍ଟ୍ରପତି ପୁରସ୍କାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ରାଇକିଶୋର ମହାନ୍ତି ଡ଼ ହେମନ୍ତ କୁମାର ଛୋଟରାୟ, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକ ଗୋଲୋକ ଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ରାଉତ ଅଶ୍ୱିନୀ କୁମାର ପଟ୍ଟନାୟକ, ମମତା ଦାସ, ଜଳନ୍ଧର ବିଶୋଇଙ୍କ ସମେତ ବହୁ ବ୍ୟକ୍ତି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ମହାପାତ୍ର ବିଭିନ୍ନ ସାମାଜିକ, ସାଂସ୍କୃତିକ, ଶିକ୍ଷାନୁଷ୍ଠାନ ସହିତ ଜଡିତ ରହି କାର୍ଯ୍ୟ କରିବା ସହିତ ଜଣେ ଭଲ ତବଲା ବାଦକ ଥିଲେ । ତାଙ୍କ ଦେହାବସାନରେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଗବତୀ ବିଦ୍ୟା ନିକେତନ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ, ଶିକ୍ଷାଶ୍ରୀ ଶିଶୁ ପାଠାଗାର, ବାମଦେବ ପାତ୍ର ସ୍ମୃତି ସାହିତ୍ୟ ସଂସଦ, ଅଭିନନ୍ଦନିକା, ଟିକିତାରା, ମାରୁତି ନଗର ଉନ୍ନୟନ ପରିଷଦ, ଶ୍ରୀପର୍ଣ୍ଣା, ପୁରୀ ଜିଲ୍ଲା ଲେଖକ ସହଯୋଗ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

## 'ଦୁର୍ନୀତି ବିରୋଧରେ ସମବନ୍ଧ ଉଦ୍ୟମ ଆବଶ୍ୟକ'

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ଦୁର୍ନୀତି ଏକ ସାମାଜିକ ବ୍ୟାଧି । ଏହାର ମୂଳୋତ୍ପାଟନ ପାଇଁ ସମବନ୍ଧ ଉଦ୍ୟମ ଆବଶ୍ୟକ ବୋଲି କହିଛନ୍ତି ପୁରୀ ଦୁର୍ନୀତି ନିବାରଣ ୟୁନିଟ୍‌ର ଡିଏସପି ସୋମନାଥ ବାରିକ । ଚଳିତ ବର୍ଷ ଆଜି ଅର୍ଥାତ ୨୭ ଅକ୍ଟୋବର ଠାରୁ ୨ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ପ୍ରଥମ ଦିନରେ ଆଜି ପ୍ରତ୍ୟେକ କାର୍ଯ୍ୟାଳୟ ମାନଙ୍କ ରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ ହୋଇଥିଲା । ସର୍କିଟ ହାଉସ ଠାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମ ରେ ଦୁର୍ନୀତି ନିବାରଣ ୟୁନିଟ୍‌ର ଡିଏସପି ଶ୍ରୀ ବାରିକ ଯୋଗଦେଇ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଦୁର୍ନୀତିର କାରଣ,



ନିରାକରଣ ଓ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶପଥ ପାଠରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଲ୍ୟବତୀ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା, ସିଡିପିଓ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗ ଦେଇ ଶପଥ ପାଠ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ



**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶ ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଆଜି ଦିବା ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦୁର୍ନୀତି ବିକାଶର ପଥରୋଧ କରିଥାଏ ଓ ଏହାର ପ୍ରତିହତ ପାଇଁ ପ୍ରତ୍ୟେକ ପ୍ରତିଶ୍ରୁତିବଦ୍ଧ ହେବାକୁ ଅନୁରୋଧ କରି ଶପଥ ପାଠ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ସହଦେବ ସାହୁ, ବିବେକାନନ୍ଦ ସାହୁ, ଅନୁସ୍ରାବ ଗନ୍ତାୟତ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ । ସେହିପରି ଜିଲ୍ଲାପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନ୍ୟାନ୍ୟ ବିଭାଗ, ଲାଇନ ଡିପାର୍ଟମେଣ୍ଟରେ, ସମସ୍ତ ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଶପଥ ପାଠ କରାଯାଇଥିଲା ।

## ନଭେମ୍ବର ୩ରେ ଅମୃତ ମଣୋଇ ଭୋଗ

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ପରି ଚଳିତ ବର୍ଷ ଷୋଳ ଶାସନର ଅମୃତମଣୋଇ ଭୋଗ କାର୍ତ୍ତିକମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥି ୨୯ତାରିଖ ବୁଧବାର ଦିନ ହେବ ବୋଲି ସ୍ଥିର ହୋଇ ପଞ୍ଜିକା ମାଧ୍ୟମରେ ଜଣାଇ ଦିଆଯାଇଛି ।



କିନ୍ତୁ ବାତ୍ୟା ମୋନ୍ଥା ଯୋଗୁଁ ୨୭ ତାରିଖଠାରୁ ୨୯ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହାକୁ ଆଖିଆଗରେ ରଖି ୨୫ତାରିଖ ଶନିବାର ହୋଇଥିବା ମୁକ୍ତିମଣ୍ଡପ ପଣ୍ଡିତସଭା କାର୍ଯ୍ୟକାରୀ ବୈଠକରେ ଏହି ଷୋଳ ଶାସନର ଅମୃତମଣୋହି ଭୋଗକୁ ୨୯ତାରିଖ ପରିବେର୍ତ୍ତେ ନଭେମ୍ବର ୩ ମଙ୍ଗଳବାର ଦିନ ହେବ ବୋଲି ସ୍ଥିର କରାଯାଇଛି । ଏହି ଅମୃତମଣୋହି ଭୋଗ ପ୍ରସାଦ ସୋମବାର ସନ୍ଧ୍ୟା ୭ ଘଟିକା ଠାରୁ ଶ୍ରୀମନ୍ଦିରର ନିର୍ମାଲ୍ୟଖଳାରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରାଯିବ ବୋଲି ସୂଚନା ମିଳିଛି ।

## କନ୍ଧପଡ଼ିଆରୁ ଗଳିତ ଶବ ଉଦ୍ଧାର

**ଦଶପଲ୍ଲା,୨୭।୧୦/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଥାନା ନେଳିଗୋଡା ତୋଟାସାହି ନିକଟସ୍ଥ କନ୍ଧପଡିଆରେ ଥିବା ଖାଲ ମଧ୍ୟରୁ ପୁଲିସ ଜଣେ ଯୁବକଙ୍କ ଗଳିତ ଶବ ଉଦ୍ଧାର କରିଛି । ଯୁବକଙ୍କ ପରିଚୟ ମିଳି ନଥିବା ବେଳେ କେହି ତାଙ୍କୁ ହତ୍ୟାକରୀ ଏଠାରେ ପକାଇଥିବା ଆଲୋଚନା ହେଉଛି । ଶବଟି ୬ରୁ ୭ ଦିନ ତଳର ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଦଶପଲ୍ଲା ଅଗ୍ନିଶମ ଅଧିକାରୀ ଦିଲୀପ କୁମାର ଦାଶଙ୍କ ନେତୃତ୍ୱରେ ଅଗ୍ନିକମାନେ ପହଞ୍ଚି ଶବକୁ ଖାଲରୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ଓ ଦଶପଲ୍ଲା ଥାନା ଆଇଆଇସି ବିନୟ ରଞ୍ଜନ ପରିଡା ପହଞ୍ଚି ତଦନ୍ତ କରିଛନ୍ତି ।

## ଆଇନ ସଚେତନତା ଶିବିର

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଲିସ ଉଚ୍ଚ ବିଦ୍ୟାଳୟ, ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ଷ୍ଟୁଡେଣ୍ଟ ଲିଗାଲ ଲିଟରାସି କ୍ଲବ ମାନଙ୍କ ପାଇଁ ରହିଥିବା ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସେଠାକାର ଉପସ୍ଥିତ ଛାତ୍ର ଓ ଛାତ୍ରୀ ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ । କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

## ସାମୁଦ୍ରିକ ଝଡ଼କୁ ନେଇ ଚିନ୍ତାରେ ଧାନ ଚାଷୀ

**ଡେଲାଙ୍ଗ,୨୭।୧୦/ଏନ୍‌ଏନ୍‌ଏସ୍:** ସମ୍ଭାବ୍ୟ ସାମୁଦ୍ରିକ ଝଡ଼ 'ମୋନ୍ଥା'କୁ ନେଇ ଡେଲାଙ୍ଗ ବ୍ଲକର ଧାନଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ଡେଲାଙ୍ଗ ବ୍ଲକର ଶହଶହ ହେକ୍ଟର ଧାନ ଚାଷ କରାଯାଇଛି । କେତେକ ଚାଷୀଙ୍କ ଧାନ ଥୋଡୁଅ ଧରୁଥିବା ବେଳେ ଆଗରୁଆ ଧାନ ଗୁଡିକ ପାଚିବାକୁ ବସିଲେଣି । ଏବେ ବାତ୍ୟା ଆଶିବା ଖବର ପାଇ ଚାଷୀମାନେ କିପରି ତାଙ୍କ ଧାନ କ୍ଷେତକୁ ସୁରକ୍ଷିତ ରଖିବେ ତାହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ସ୍ଥାନୀୟ ଅଞ୍ଚଳର ଚାଷୀମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବର୍ଷକର ଧାନ ଫସଲ ଉତ୍ପାଦନ କରିବା ଲକ୍ଷ ନେଇ ଧାନ ଚାଷ କରିଥିଲେ । ସାମୁଦ୍ରିକ ଝଡ ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ପ୍ରବଳ ବର୍ଷା ଓ ପବନ ହେବାକୁ ଥିବା ବେଳେ ଏବେ ଠାରୁ ଚାଷୀମାନଙ୍କ ଫସଲ ସୁରକ୍ଷା ଚିନ୍ତା ବଢାଇଛି । ପବନ ହେବା ଦ୍ୱାରା ଧାନଗଛ ଗୁଡିକ ନଇଁ ଜାଇ ମାଟିରେ ଲାଗିଯିବ ଓ ଥୋଡୁଅ ଧରୁଥିବା ଧାନ ଅଗାଡି ହୋଇ ନଷ୍ଟ ହୋଇଯିବ । ଯାହା ଫଳରେ ଧାରକରଜ କରି ଚାଷ କରୁଥିବା କୃଷକ ଫସଲ ନଷ୍ଟର ଶିକାର ହେବ ।

## ୫୦ ହଜାର କୋଟି ଟଙ୍କାର ...

ବନ୍ଦର ସଂଘ (ଆଇପିଏ) ଦ୍ୱାରା ଆୟୋଜିତ ଉକ୍ତ ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ବିଶ୍ୱ ସାମୁଦ୍ରିକ କ୍ଷେତ୍ରର ଭବିଷ୍ୟତ ଏବଂ ଏଥିରେ ଭାରତର କ୍ରମବର୍ଦ୍ଧିଷ୍ଣୁ ନେତୃତ୍ୱ ଉପରେ ବିଚାର ବିମର୍ଶ କରାଯାଇଥିଲା । ଏଥିରେ ୧୦୦ରୁ ଅଧିକ ଦେଶର ପ୍ରତିନିଧି ସହ ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ, ବିଶେଷଜ୍ଞ ଓ ନିବେଶକମାନେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବନ୍ଦର ଓ ନୀଳ ଅର୍ଥନୀତି କ୍ଷେତ୍ରର ଅଧିକ ଗୁରୁତ୍ୱ ଦେବାର ବେଳ ଆସିଛି । ସେଥିପାଇଁ ଭିତ୍ତିଭୂମି ବିକାଶ କରାଯାଉଛି । ଆସିଥିବା ପ୍ରମୁଖ ଶିଳ୍ପ ପ୍ରତିନିଧିଙ୍କ ସହ ଏନେଇ ବିସ୍ତୃତ ଆଲୋଚନା ବି କରାଯାଇଛି । ଫଳରେ ଆଗାମୀ ଦିନରେ ଓଡ଼ିଶା ଦ୍ରୁତ ବିକାଶଶୀଳ ସାମୁଦ୍ରିକ ଏବଂ ଉପକୂଳୀୟ ଇକୋସିଷ୍ଟମର ସୁଫଳ ପାଇବାକୁ ଯାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୂର୍ବ ଭାରତର ଏକ ଉଦୀୟମାନ ସାମୁଦ୍ରିକ କେନ୍ଦ୍ର ଭାବରେ ଉଭା ହୋଇଛି । ଓଡ଼ିଶାର ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ଯୁଗକୁ ଆଗେଇ ନେଉଛି । ରାଜ୍ୟର ସାମୁଦ୍ରିକ ରୋଡମ୍ୟାପ୍ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଠାରୁ ଅଧିକ । ବିଶେଷକରି ପର୍ଯ୍ୟଟନ, କ୍ରୁଜ୍ ବିକାଶ ଓ ବଙ୍ଗୋପସାଗର ଉପକୂଳରେ ନୀଳ ଅର୍ଥନୀତିର ବ୍ୟାପକ ସୁଯୋଗ ରହିଛି । ସେଥିପାଇଁ ପାରାଦୀପ, ଧାମରା, ଗୋପାଳପୁର ଏବଂ ସହ ଅସ୍ତରଙ୍ଗ, ଜଟାଧାରୀ ମୁହାଣ, ସୁବର୍ଣ୍ଣରେଖା ଓ ବାହୁଡ଼ା ଭଳି ନିର୍ମାଣଧୀନ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ । ୨୦୪୭ରେ ଏହି ଟାର୍ଗେଟ୍ ପୂରଣ ହେବ । ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶ ହେବାକୁ ନିବେଶକମାନଙ୍କୁ ରାଜ୍ୟ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।ଏହି ଅବସରରେ ମୁମ୍ବାଇରେ ଭାରତ ମାରିଟାଇମ ସପ୍ତାହ ୨୦୨୫ କାର୍ଯ୍ୟକ୍ରମରେ ଓଡ଼ିଶା ମଣ୍ଡପ ପରିଦର୍ଶନ କରି ଅସାଧାରଣ ସାମୁଦ୍ରିକ ଯାତ୍ରାର ପ୍ରଭାବଶାଳୀ ପ୍ରଦର୍ଶନ ଦେଖିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏଠାରେ ସମୁଦ୍ରରେ ବାଣିଜ୍ୟ ଓ ସାଂସ୍କୃତିକ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଦେଶରେ ବିଶ୍ୱସ୍ତରୀୟ ବନ୍ଦର, ଦୃଢ଼ ଭିତ୍ତିଭୂମି ଏବଂ ବ୍ଲୁ ଇକୋନୋମିରେ ନିବେଶର ଚିତ୍ର ପ୍ରଦର୍ଶନ କରାଯାଇଛି ।

## ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପର୍ଯ୍ୟଟକଙ୍କ ଛଟ୍ ପୂଜା

**କୋଣାର୍କ,୨୭।୧୦/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଚନ୍ଦ୍ରଭାଗା ତ୍ରୀର୍ଥପୁଷ୍କରିଣୀ ଠାରେ ଆଜି ସୋମବାର ସୂର୍ଯ୍ୟ ଅସ୍ତ ଓ ସୂର୍ଯ୍ୟ ଉଦୟ ସମୟରେ ଛତିଶଗଡ଼, ବିହାର ଓ ଉତ୍ତର ପ୍ରଦେଶରୁ ଆସିଥିବା ଅନେକ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ସୂର୍ଯ୍ୟ ପୂଜା ତଥା 'ଛଟପୂଜା' ରୀତିନୀତି ଅନୁଯାୟୀ କରୁଥିବା ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟର ବିହାର, ଛତିଶଗଡ଼ର ଥିବା କେତେକ କର୍ମଚାରୀଙ୍କ ପରିବାର ପକ୍ଷରୁ ମଧ୍ୟ ତୀର୍ଥ ପୁଷ୍କରିଣୀରେ ଛଟ ପୂଜା କରିଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଛଟ ପୂଜା ବ୍ରତ କାର୍ତ୍ତିକମାସ ଶୁକ୍ଳପକ୍ଷ ଷଷ୍ଠୀଦିନ ଠାରୁ ବିହାର ସମେତ ପୂର୍ବଭାରତରେ ଏକ ପ୍ରମୁଖ ପୂଜାଭାବେ ପାଳନ କରାଯାଇଥାଏ । ଶନିବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ସକାଳେ ଶେଷ ହେବ । ଏହି ପୂଜା ନିମନ୍ତେ ପ୍ରଥମେ ବିଭିନ୍ନ ପ୍ରକାର ଫଳ ଓ ଖିରି ସେବନ କରି ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନା କରିବା ପରେ ୩୬ଘଣ୍ଟା ନିର୍ଜଳ ଉପବାସ ରହି ସୋମବାର ସନ୍ଧ୍ୟା ବେଳେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜା କରାଯାଇ ଅର୍ଘ୍ୟ ଅର୍ପଣ କରିଥାନ୍ତି । ମଙ୍ଗଳବାର ସକାଳେ ସୂର୍ଯ୍ୟ ଭଗବାନଙ୍କୁ ପୂଜା ପରେ ଛଟ ବ୍ରତ ଶେଷ ହୋଇଥାଏ । କୋଣାର୍କ ଚନ୍ଦ୍ରଭାଗା ତ୍ରୀର୍ଥ ପୁଷ୍କରିଣୀରେ ଛଟ ବ୍ରତକୁ ନେଇ



ଏପରି ସୂର୍ଯ୍ୟ ପୂଜା କରି ବହୁତ ଖୁସି ଅନୁଭବ କରୁଥିବା କୁହନ୍ତି ବ୍ରତଧାରୀ । ବିଶ୍ୱାସ ରହିଛି ଥରେ କୋଣାର୍କ ଚନ୍ଦ୍ରଭାଗା ତ୍ରୀର୍ଥପୁଷ୍କରିଣୀ ସ୍ନାନକରି ସୂର୍ଯ୍ୟ ପୂଜା କଲେ ଅନେକ ପୁଣ୍ୟ ଅର୍ଜନ ହୋଇଥାଏ ।

## ଆଜିର ଇତିହାସ

- ୧୬୨୭-ଆକବରଙ୍କ ପୁତ୍ର ଜାହାଙ୍ଗିରଙ୍କ ନିଧନ।
- ୧୮୫୧- ବଙ୍ଗରେ ବ୍ରିଟିଶ ଇଣ୍ଡିଆନ୍ ଆସୋସିଏସନ୍‌ର ସ୍ଥାପନା ହୋଇଥିଲା।
- ୧୯୫୮-ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ୍‌ର ନେତା ଅଶୋକ ଚୌହାନଙ୍କ ଜନ୍ମଦିନ।
- ୧୯୬୩-ରିଜର୍ଭ ବ୍ୟାଙ୍କର ୨୪ତମ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଜନ୍ମଗ୍ରହଣ କରିଥିଲେ।
- ୧୯୧୩-ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭାର ସ୍ଥାପନା ହୋଇଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ** - ଦିନସାରା ତାଜା ଅନୁଭବ କରିବେ। ଆଖପାଖ ସକାରାତ୍ମକ ଊର୍ଜା ରହିବ। ଆଶାଠାରୁ ଅଧିକ ଧନ ଲାଭ ହେବ। ସୃଜନଶୀଳତାର ପ୍ରଶଂସା ହେବ। ଦାମ୍ପତ୍ୟ ଜୀବନେ ସୁଖ ବୃଦ୍ଧି ହେବ।

**ବୃଷ** - ଦିନଟି ଖୁବ୍ ଭଲ। ବ୍ୟାପାରରେ ଲାଭ ପାଇବେ। ନବ ବିବାହିତ ଦମ୍ପତିଙ୍କ ମଧ୍ୟରେ ମିଠାସ୍ ବଢ଼ିବ। ଅର୍ଥ ନେଣଦେଣରେ ସାବଧାନ ରୁହନ୍ତୁ। ଚାକିରି କରୁଥିବା ଲୋକମାନେ ପରିଶ୍ରମ ଅଧିକ କରିବେ।

**ମିଥୁନ** - ଆଜି ଉତ୍ସାହୀ ରହିବେ। ମନ ଦେଇ କାମ କରିବେ। ନୂଆ ଅନୁଭବ ମିଳିବ। ମାନସିକ ସମସ୍ୟା ଦୂର ହେବ। ମନ ପ୍ରସନ୍ନ ରହିବ। ସାମାଜିକ ସମ୍ମାନ ବଢ଼ିବ। ମିତ୍ରଙ୍କ ସହଯୋଗ ପାଇବେ।

**କର୍କଟ** - ଦିନଟି ଖୁବ୍ ଭଲ ପରିଣାମ ଦେବ। ବିଦ୍ୟାର୍ଥୀମାନେ ସଫଳ ହେବେ। ପରିଶ୍ରମ କରିବେ। ସହଯୋଗୀଙ୍କ ସାଥ୍ ମିଳିବ। ପରିବାର ସହିତ ପରିବେଶ ଆନନ୍ଦମୟ ରହିବ। ସହଯୋଗୀଙ୍କ ସାଥ୍ ପାଇବେ।

**ସିଂହ** - ଦିନଟି ଉତ୍ତମ ରହିବ। ସବୁ କାର୍ଯ୍ୟ ସଫଳ ହେବ। ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ବ୍ୟବସାୟ ବିସ୍ତାର ପାଇଁ କେହି ଜଣେ ପରାମର୍ଶ ଦେବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ବାହନ ଚଲେଇବା ସମୟରେ ସାବଧାନ ରହିବେ।

**କନ୍ୟା** - ମିଶ୍ରିତ ଫଳ ପାଇବେ। ପରିବାର ମଧ୍ୟରେ ସନ୍ତୁଳନ ରହିବ। ବ୍ୟବସାୟ ବିସ୍ତାରର ସମ୍ଭାବନା ରହିଛି। ଆର୍ଥିକ ସ୍ଥିତି ମଜଭୁତ ରହିବ। ନୂଆ ବାହନ ମିଳିପାରେ। ଜୀବନସାଥିଙ୍କ ସହଯୋଗ ପାଇବେ।

**ତୁଳା** - ଦିନଟି ଅନୁକୂଳ ରହିବ। ବ୍ୟାପାରରେ ଅଟକିଥିବା ଯୋଜନା ଆରମ୍ଭ ହେବ। ସମୟ ଅନୁସାରେ କାର୍ଯ୍ୟ ପୂରା କରିବାକୁ ହେବ। ପ୍ରେମୀଙ୍କ ସହିତ ଡ୍ରାଇଭ୍‌ରେ ଯିବେ। ଘରୋଇ ମାମଲାର ସମାଧାନ କରିବେ।

**ବିଛା** - ଦିନଟି ଠିକ୍‌ଠାକ୍ ରହିବ। ଅକାରଣ ସମସ୍ୟାଗୁଡ଼ିକରୁ ଦୂରରେ ରହିବେ। ଧାର୍ମିକ ସ୍ଥଳରେ ସମୟ ବିତେଇବେ। ଯାତ୍ରା ଶୁଭ ହେବ। ଆତ୍ମମନ୍ଥନର ସମୟ। ପୁରୁଣା ସ୍ମୃତି ତାଜା ହେବ।

**ଧନୁ** - ଖୁସିରେ ଦିନଟି ଭରିଯିବ। ପରିବାର ସହିତ ଭ୍ରମଣର ଆନନ୍ଦ ନେବେ। ରାଜନେତାଙ୍କ ସହିତ ସମ୍ପର୍କ ଲାଭଦାୟକ ରହିବ। ଆତ୍ମବିଶ୍ୱାସ ଦ୍ୱାରା ଅଟକିଥିବା କାମ ପୂରା କରିବେ। ଭକ୍ତିଭାବରେ ମନ ଲାଗିବ।

**ମକର** - ଦିନଟି ଖୁବ୍ ଭଲ ରହିବ। ମନ ପ୍ରସନ୍ନ ରହିବ। ଅଟୋମୋବାଇଲ୍ ବ୍ୟବସାୟରୁ ଲାଭ ପାଇବେ। ଯାତ୍ରାରେ ଯାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରୁ ଲାଭ ମିଳିବ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**କୁମ୍ଭ** - ଦିନଟି ଖୁବ୍ ଭଲରେ ବିତିବ। କୌଣସି ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ସମ୍ପର୍କ ଯୋଡ଼ି ପାରିବେ। ଅଫିସ୍‌ରୁ ସାହାଯ୍ୟ ପାଇବେ। ସନ୍ତାନର କ୍ୟାରିୟରକୁ ନେଇ କଥାବାର୍ତ୍ତା କରିବେ। ପ୍ରେମୀଙ୍କ ପାଇଁ ଦିନଟି ଉତ୍ତମ।

**ମୀନ** - ମା'ଙ୍କୁ ଉପହାର ଦେଲେ ପ୍ରସନ୍ନତା ବଢ଼ିବ। ଅଟକିଥିବା କାମ ପୂରା କରିବେ। କହିବା ପରିବର୍ତ୍ତେ ଶୁଣନ୍ତୁ। ଲୋକମାନେ ଆପଣଙ୍କ କଥାରେ ପ୍ରଭାବିତ ହେବେ। କବି ଓ ଲେଖକମାନଙ୍କର ପ୍ରଶଂସା ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ।
ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେତୀବ ମେ ପ୍ରିୟାଃ। (୧୨/୨୦)

ଯେଉଁମାନେ ଶ୍ରଦ୍ଧାବାନ ଓ ମତ୍‌ପରାୟଣ ହୋଇ ପୂର୍ବୋକ୍ତ ଅମୂଲ୍ୟତୁଲ୍ୟ ଧର୍ମର ଅନୁଷ୍ଠାନ କରନ୍ତି, ସେହି ଭକ୍ତିମାନ ଲୋକମାନେ ମୋର ଅତ୍ୟନ୍ତ ପ୍ରିୟ ଅଟନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଦୁଇ ପ୍ରକାର ଭକ୍ତି ଅଛି। ବୈଦିକ ଭକ୍ତି ଓ ପ୍ରେମ ଭକ୍ତି। ଶାସ୍ତ୍ର ଅନୁଯାୟୀ କର୍ମ ଅନୁଷ୍ଠାନ ଓ ପୂଜାର୍ଚ୍ଚନା କରିବା, ଈଶ୍ୱରଙ୍କ ନାମ ଶାସ୍ତ୍ରରେ ଯେତିକି କୁହାଯାଇଛି ସେତିକି ଥର ଉଚ୍ଚାରଣ କରିବା, ଉପବାସ ଓ ପ୍ରାର୍ଥନା କରିବା, ତୀର୍ଥ ଯାତ୍ରା ଗମନ କରିବା, ବିଭିନ୍ନ ବସ୍ତୁ ସାହାଯ୍ୟରେ ପୂଜାର୍ଚ୍ଚନା ଅନୁଷ୍ଠାନ କରିବା ଇତ୍ୟାଦି ହେଉଛି ବୈଦିକ ଭକ୍ତି ପର୍ଯ୍ୟାୟଭୁକ୍ତ। ଏଗୁଡିକ ଆନ୍ତରିକ ଭାବରେ ନିର୍ବାହ କରୁ କରୁ ଭକ୍ତ ପ୍ରେମ, ଭକ୍ତି ନିକଟରେ ପହଞ୍ଚିଯାଏ, ଯେଉଁଠାରେ କୌଣସି ପ୍ରକାର ସାଂସାରିକ ଆସକ୍ତିର ସ୍ଥାନ ନାହିଁ। ଭକ୍ତ ପ୍ରେମରେ ଗଦ୍‌ଗଦ୍ ହେଇ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦିଏ। ହୃଦୟଭରା ସମର୍ପଣକୁ ଈଶ୍ୱର ଗ୍ରହଣ କରନ୍ତି ଏବଂ ଭକ୍ତ ଈଶ୍ୱରଙ୍କ ସହିତ ଏକାକାର ହେଇଯାଏ।

# ଭଗିନୀ ନିବେଦିତା



୧୮୬୭ର ଆଜିର ଦିନରେ ଏକ କ୍ରାନ୍ତିକାରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ମାର୍ଗାରେଟ୍ ଏଲିଜାବେଥ୍ ନୋବ୍‌ଲ। ତାଙ୍କ ପରିବାର ଆୟରିସ୍ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ପିତା ଥିଲେ ଚର୍ଚ୍ଚରେ ଜଣେ ପାଦ୍ରୀ। ପିଲାଦିନରୁ ଶିକ୍ଷା କ୍ଷେତ୍ର ଓ ଲୋକମାନଙ୍କର ସେବାରେ ମାର୍ଗରେଟ୍‌ଙ୍କର ରୁଚି ରହିଥିଲା। ଏଥିପାଇଁ ଶିକ୍ଷା ସମାପ୍ତ କରିବା ପରେ ସେ ଏକ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ ଦେଶ ଦୁନିଆରେ ତାଙ୍କ ପାଇଁ ରଖାଯାଇଥିଲା ବଡ଼ ବଡ଼ ଯୋଜନା। ୧୮୯୫ରେ ଲଣ୍ଡନ ଠାରେ ମାର୍ଗରେଟ୍‌ଙ୍କ ସାକ୍ଷାତ ହୋଇଥିଲା ସ୍ୱାମୀ ବିବେକାନନ୍ଦଙ୍କ ସହିତ। ତାଙ୍କ କଥାବାର୍ତ୍ତା ଓ ଦର୍ଶନ ଦ୍ୱାରା ସେ ଏତେ ପ୍ରଭାବିତ ହୋଇଗଲେ ଯେ ତାଙ୍କର ଶିଷ୍ୟା ହୋଇ କୋଲ୍‌କାତାକୁ ଆସିଥିଲେ। ସେହିଠାରେ ସ୍ୱାମୀ ବିବେକାନନ୍ଦ ତାଙ୍କୁ ନାମ ଦେଇଥିଲେ 'ନିବେଦିତା'। ଏହାପରେ ସେ ସ୍ୱାମିଜୀଙ୍କ ସହିତ ଅଲ୍‌ମୋଡ଼ା ଓ କାଶ୍ମୀର କ୍ଷେତ୍ରକୁ ବୁଲିବାକୁ ଗଲେ ଯେଉଁଠାରେ ସେ ଅନୁଭବ କରିଥିଲେ ଯେ ବ୍ରିଟିଶ ଶାସନର ଅନ୍ତ ହେଲେ ଭାରତର ମୁକ୍ତି ସମ୍ଭବ ହୋଇପାରିବ। ମାନବତା ପ୍ରତି ପ୍ରେମ ଓ ସ୍ୱତନ୍ତ୍ର ଭାରତର ବିଚାର ତାଙ୍କର ପ୍ରତି ଶବ୍ଦ ଓ କାର୍ଯ୍ୟରେ ପ୍ରତିବନ୍ଧିତ ହେଉଥିଲା। ୧୮୯୯ରେ କୋଲ୍‌କାତାରେ ପ୍ଲେଗ୍ ସମୟରେ ସେ ସେବା କାର୍ଯ୍ୟ ଚାଲୁ ରଖିଥିଲେ ଓ ପରେ ଏକ ବ୍ୟାପକ ଉଦ୍ଦେଶ୍ୟ ପାଇଁ ଇଂଲଣ୍ଡ ଚାଲିଗଲେ। ଏହାପରେ ସ୍କୁଲ୍ ପାଇଁ ଆବଶ୍ୟକ ଧନ ଏକତ୍ରିତ କରିବାକୁ ଏକ ବ୍ୟାଖ୍ୟାନ ଯାତ୍ରାରେ ସେ ଯାଇଥିଲେ ଆମେରିକାକୁ। ସେହିଠାରେ ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ୍‌ଙ୍କ ସହିତ ସାକ୍ଷାତ ହୋଇଥିଲା। ଏହାପରେ ସେ ପୁଣି ଭାରତକୁ ଆସି ସ୍କୁଲ୍‌ଗୁଡ଼ିକରେ ସ୍ୱଦେଶୀ ଓ ଚରଖା ଆରମ୍ଭ କରିବା ସହିତ ସମାଚାର ପତ୍ର 'ବନ୍ଦେ ମାତରମ୍'କୁ ସାମିଲ କଲେ ଯାହା ସମୟ ସହିତ ଅପରାଧ ହୋଇଯାଇଥିଲା। ସ୍କୁଲ୍ ଶିକ୍ଷା ସହିତ ପ୍ରବୃଦ୍ଧ ଭାରତ ପରି ପ୍ରକାଶନଗୁଡ଼ିକ ପାଇଁ ସମ୍ପାଦକୀୟ ଲେଖନ ଓ ଅନ୍ୟ ପତ୍ରକାରିତା କାର୍ଯ୍ୟଗୁଡ଼ିକରେ ସେ ବ୍ୟସ୍ତ ରହିଲେ। ଏହା ସହିତ ଭାରତରେ କିଛି କ୍ରାନ୍ତିକାରୀ ପତ୍ରିକାର ଗୁପ୍ତ ବିତରଣ ଓ କ୍ରାନ୍ତିକାରୀଙ୍କୁ ଏକଜୁଟ କରିଥିଲେ ଯାହା ତାଙ୍କ ଜୀବନର ସଚ୍ଚା ସମର୍ପଣର ଏକ ଉଦାହରଣ ଥିଲା। ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇଥିବା ଏହି ମହାନ କ୍ରାନ୍ତିକାରୀ ୧୩ ଅକ୍ଟୋବର, ୧୯୧୧ରେ ଅନ୍ତିମ ନିଃଶ୍ୱାସ ନେଇଥିଲେ।

# ମଶା ନଥିବା ଦେଶ

ଦୁନିଆରେ ଆଇସ୍‌ଲ୍ୟାଣ୍ଡ୍ ହେଉଛି ଏପରି ଏକ ଦେଶ ଯେଉଁଠାରେ ମଶା ଦେଖିବାକୁ ମିଳନ୍ତି ନାହିଁ। କିନ୍ତୁ ବିଶ୍ୱ ତାପାୟନ କାରଣରୁ ଏହି ଦେଶ କୀଟଙ୍କ ପାଇଁ ପୂର୍ବାପେକ୍ଷା ଅନୁକୂଳ ହୋଇଚାଲିଛି। ଏ ପର୍ଯ୍ୟନ୍ତ ଆଇସ୍‌ଲ୍ୟାଣ୍ଡ୍ ଦୁନିଆର ସେହି କିଛି ଦେଶମାନଙ୍କ ମଧ୍ୟରେ ସାମିଲ ଥିଲା ଯେଉଁଠାରେ ମଶା ଦେଖିବାକୁ ମିଳନ୍ତି ନାହିଁ। ଦ୍ୱିତୀୟ ସ୍ଥାନରେ ରହିଛି ଆଣ୍ଟାର୍କଟିକା। ତେବେ ବୈଜ୍ଞାନିକମାନେ ପୂର୍ବରୁ ଅନୁମାନ ଲଗାଇଥିଲେ ଯେ ଆଇସ୍‌ଲ୍ୟାଣ୍ଡ୍‌ରେ ମଧ ମଶା ଜନ୍ମ ନେଇପାରନ୍ତି। କାରଣ ସେଠିକାର ସନ୍ତସନ୍ତିଆ ଭୂମି ଓ ପୋଖରୀ ଯେପରି ସ୍ଥାନଗୁଡ଼ିକ ପ୍ରଜନନ ପାଇଁ ଉପଯୁକ୍ତ ହୋଇପାରେ। କିନ୍ତୁ କେତେକ ପ୍ରଜାତି ସେଠିକାର ଶୀତ ଜଳବାୟୁରେ ଜୀବିତ ରହିପାରନ୍ତି ନାହିଁ। ଏବେ ଆଇସ୍‌ଲ୍ୟାଣ୍ଡ୍‌ର ତାପମାନ ଉତ୍ତରୀ ଗୋଲାର୍ଦ୍ଧ ଅନୁପାତରେ ଚାରି ଗୁଣ ଦ୍ରୁତଗତିରେ ବୃଦ୍ଧିପାଇ ଚାଲିଛି। ସେଠାରେ ବରଫ ତରଳୁଛି ଓ ଦକ୍ଷିଣର ଗରମ କ୍ଷେତ୍ରର ମାଛଗୁଡ଼ିକ ଏବେ ସେଠିକାର ହ୍ରଦ ଓ ନଦୀରେ ଦେଖିବାକୁ ମିଳୁଛନ୍ତି। ପୃଥିବୀ ଗରମ ହେବା ସହିତ ମାଛଗୁଡ଼ିକର ପ୍ରଜାତି ଦୁନିଆର ଅଲଗା ଅଲଗା ଭାଗରେ ଦ୍ରୁତଗତିରେ ବୃଦ୍ଧି ପାଉଛନ୍ତି। ବ୍ରିଟେନ୍‌ରେ ଏ ବର୍ଷ ମିସ୍ରର ଏକ ମଶାର ଅଣ୍ଡା ମିଳିଥିବା ବେଳେ ଏସିଆନ୍ ଟାଇଗର ମଶାର ନମୁନା କେଣ୍ଟ୍ ଠାରେ ମିଳିଛି। ଏହି ବିପଦଜନକ ପ୍ରଜାତିଗୁଡ଼ିକ ଡେଙ୍ଗୁ, ଚିକନଗୁନିଆ ଓ ଜୀକା ଭାଇରସ୍ ପରି ବେମାରୀକୁ ବ୍ୟାପିବାରେ ସାହାଯ୍ୟ କରନ୍ତି। ତେବେ ଆଇସ୍‌ଲ୍ୟାଣ୍ଡ୍‌ର କୀଟ ବୈଜ୍ଞାନିକ ମାଥିୟସ୍ ଅଲ୍ ଫ୍ରେସନ୍ ସେଠାରେ ମଶାଗୁଡ଼ିକର ଅନ୍ୱେଷଣ କରିଥିବା ବିଷୟର ପୁଷ୍ଟି କରିଥିଲେ। ତାଙ୍କ ଅନୁସାରେ କ୍ୟୁଲିସେଟା ଆନୁଲଟା ପ୍ରଜାତିର ତିନୋଟି ମଶା ଦେଖିବାକୁ ମିଳିଛନ୍ତି ଯେଉଁଥିରୁ ଦୁଇଟି ମାଦା ଓ ଗୋଟିଏ ନର ଥିଲେ। ଏହି ମଶାମାନେ ଥଣ୍ଡା ସ୍ଥାନରେ ବି ଜୀବିତ ରହିପାରନ୍ତି। ଏମାନେ ଶୀତଦିନେ ଅଣ୍ଡରଗ୍ରାଉଣ୍ଡ୍ ଓ ଗୋଦାମଗୁଡ଼ିକର ଶରଣ ନେଇ ଦିନ କଟାଇ ଦିଅନ୍ତି।



# ଶାଗ, ଚିନି ଓ ଏହାର ରଙ୍ଗ

ଜାଣିଛନ୍ତି କି ଶାଗକୁ ସିଝେଇବା ବା ରାନ୍ଧିବା ସମୟରେ ଚିନି କାହିଁକି ମିଶାଯାଏ ? ଏହି ଟ୍ରିକ୍‌କୁ ରେଷ୍ଟୁରାଣ୍ଟଗୁଡ଼ିକରେ ମଧ ଫଲୋ କରାଯାଏ। ଶୀତଦିନ ଆରମ୍ଭ ହୋଇଯିବ। ଏହି ଦିନଗୁଡ଼ିକରେ ବଜାରରେ ପାଳଙ୍ଗ, ବଥୁଆ, ସୋରିଷ ଓ କେତେ ପ୍ରକାରର ଶାଗ ଦେଖିବାକୁ ମିଳେ। ଘରମାନଙ୍କରେ ଶାଗରେ ତରକାରି, ପୁରି ଓ ଅନେକ ପ୍ରକାରର ଡିସେସ୍ ତିଆରି କରାଯାଏ। ଏହି ଶାଗଗୁଡ଼ିକୁ ସିଝେଇବା ଓ ତରକାରି କରିବା ସମୟରେ ଏଥିରେ ଏକ ଚୁଟ୍‌କି ଚିନି ମିଶାଯାଏ। କାରଣ ଶାଗ ରାନ୍ଧିବା ସମୟରେ ସବୁଜ ରଙ୍ଗ ଫିକା ପଡ଼ିଯାଏ। ତେଣୁ ଏଥିରେ ଏକ ଚୁଟ୍‌କି ଚିନି ପକାଇଲେ ଏହାର ରଙ୍ଗ ସେହିପରି ରହିବ। ରେଷ୍ଟୁରାଣ୍ଟରେ ତିଆରି କରାଯାଉଥିବା ଚଟଣି ବା ସୁପ୍‌ର ରଙ୍ଗ ସମ୍ପୂର୍ଣ୍ଣ ଭାବରେ ବ୍ରାଇଟ୍ ଗ୍ରୀନ୍ ହୋଇଥାଏ। ଅଳ୍ପ ଚିନି ପକେଇବା ଯୋଗୁ ଏହି ରଙ୍ଗ ଆସିଥାଏ। ଶାଗର ପିତାପଣ ସହିତ ଚିନି ସନ୍ତୁଳନ ରକ୍ଷା କରେ। ପାଳଙ୍ଗ ଓ ବଥୁଆ, ସୋରିଷ ଶାଗ ସ୍ୱାଦରେ ଅଳ୍ପ ପିତା ହୋଇଥିବାରୁ ଏଥିରେ ଅଳ୍ପ ଚିନି ମିଶେଇଲେ ଏଥିରେ ମିଠାପଣ ଆସିଯାଏ। ବିଶେଷ କରି ପାଳଙ୍ଗ ଶାଗକୁ ରାନ୍ଧିବା ପୂର୍ବରୁ ଦୁଇ ମିନିଟ୍ ଫୁଟେଇଦେଇ ପରେ ତୁରନ୍ତ ଥଣ୍ଡା ପାଣିରେ ଧୋଇ ଦିଆଯାଏ ଯାହାକୁ କୁହାଯାଏ କ୍ୱିକ୍ ବ୍ଲଂଚିଙ୍ଗ୍। ଏପରି କରିବା ଦ୍ୱାରା ଶାଗର ବ୍ରାଇଟ୍ ଗ୍ରୀନ୍ ରଙ୍ଗ ସେହିପରି ରହିଯାଏ।






**ଲାଭ-** ଶାଗରେ ଆୟରନ୍, ଭିଟାମିନ୍ ଓ କ୍ୟାଲସିୟମ୍ ଭରପୂର ମାତ୍ରାରେ ଥାଏ ଯେଉଁଗୁଡ଼ିକ ଆମ ଶରୀର ପାଇଁ ବହୁତ ଜରୁରୀ ହୋଇଥାନ୍ତି। ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସର ମାତ୍ରା କମ୍ ଥାଏ ଓ ମ୍ୟାଗ୍ନେସିୟମ୍‌ର ମାତ୍ରା ବହୁତ ଅଧିକ ଥାଏ ଯେଉଁ କାରଣରୁ ଏହା ସୁଗାର୍ ରୋଗୀମାନଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ। ଭିଟାମିନ୍-କେ ସବୁ ପ୍ରକାରର ଶାଗରେ ଥାଏ ଯାହା ହାଡ଼ଜନିତ ରୋଗରୁ ମୁକ୍ତି ଦେଇଥାଏ। ମହିଳାମାନଙ୍କୁ ହିପ୍ କ୍ୟାନ୍ସର୍‌ରୁ ମଧ ଏହି ଭିଟାମିନ୍ ରକ୍ଷା କରେ।

# ଓଟିଟିରେ ଦେଖନ୍ତୁ ପଲିଟିକାଲ୍ ଥ୍ରୀଲର୍

ଓଟିଟି ପ୍ଲାଟ୍‌ଫର୍ମ ଜିଓହଟ୍‌ଷ୍ଟାରରେ ଏ ସମୟରେ ଏପରି ଏକ ଫିଲ୍ମ ଟ୍ରେଣ୍ଡ୍ କରୁଛି ଯେଉଁଗୁଡ଼ିକର ଆଇଏମ୍‌ଡିବି ରେଟିଂ ରହିଛି ଆଠ। ଏହା ଏକ ପଲିଟିକାଲ୍ ଥ୍ରୀଲର୍ ଫିଲ୍ମ ଯାହାର ପ୍ରଚାର ଅଧିକ ହୋଇଛି ହିନ୍ଦୀ ଭାଷାରେ। ତେବେ ଏହାର ସକାରାତ୍ମକ ରିଭ୍ୟୁଜରୁ ଏହି ଫିଲ୍ମଟିକୁ ହିନ୍ଦୀ ଭାଷାରେ ଲୋକମାନେ ଅଧିକ ପସନ୍ଦ କରିଛନ୍ତି ବୋଲି ଜଣାପଡ଼ିଛି। ଫିଲ୍ମଟିର ନାମ 'ଭଦ୍ରକାଳୀ'। ପ୍ରଥମେ ଫିଲ୍ମଟି ରିଲିଜ ହୋଇଥିଲା ସିନେମା ଘରଗୁଡ଼ିକରେ। ଏବେ ଏହା ଷ୍ଟ୍ରିମ୍ କରୁଛି ଓଟିଟି ପ୍ଲାଟ୍‌ଫର୍ମରେ। ଏହି ଫିଲ୍ମଟିର କାହାଣୀ ଏକ ସତ୍ୟ ଘଟଣା ଉପରେ ଆଧାରିତ ଯେଉଁଥିରେ ରହିଛି ଅନେକଗୁଡ଼ିଏ ଟ୍ୱିଷ୍ଟ୍।

**କାହାଣୀ-** କିଟ୍ଟୁ (ବିଜୟ ଆଣ୍ଟୋନୀ) ଏପରି ଜଣେ ବ୍ୟକ୍ତି ଯିଏ ସତ୍ତା ମଧ୍ୟରେ ଲୁଚି ରହିଥିବା ତାକତର ଅସଲ ମାଲିକ। ସେ ହେଉଛନ୍ତି ଜଣେ ମିଡିଏଟର୍ ଯିଏ ସେକ୍ରେଟେରିଏଟ୍‌ରେ ମିଳିଥିବା ନିଷ୍ପତ୍ତିର ଡ଼ୋର ସମ୍ଭାଳିଛନ୍ତି। ତାଙ୍କର ଏକ ନଜରରେ ଭିକାରି ବି କୋଟିପତି ହୋଇଯାଆନ୍ତି ଓ ଏହି କ୍ରମରେ ଜଣେ ଏସ୍‌ଆଇ କନଷ୍ଟେବଲ୍ ମଧ ହୋଇଯାଇଛନ୍ତି। ଜଣେ ରାଜନୈତିକ ରଣନୀତିକାର ଅଭୟଙ୍କର ଶଙ୍କର (ସୁନିଲ୍ କ୍ରିପାଲାନୀ)ଙ୍କ ସହିତ କିଟ୍ଟୁର ସାକ୍ଷାତ ହୁଏ। ଅଭୟଙ୍କର ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବା ଦୌଡ଼ରେ ରହିଛନ୍ତି। ଏହି ଟକ୍କର କିଟ୍ଟୁ ଉପରେ ନା ଅଭୟଙ୍କରଙ୍କ ଉପରେ ଭାରି ପଡ଼ିବ ? ଏହା ମଧ୍ୟରେ ୬୨୩୬ କୋଟି ଟଙ୍କାର ଘୋଟାଲା ପୂରା ଦେଶକୁ ଦୋହଲେଇ ଦେଇଛି। ଏହି ରାଜନୈତିକ ଭ୍ରଷ୍ଟାଚାର, ସାମାଜିକ ଅନ୍ୟାୟ ଓ ସତ୍ତାର ସଂଘର୍ଷ ଉପରେ କାହାଣୀଟି ଆଧାରିତ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅରୁଣ ପ୍ରଭୁ। ଫିଲ୍ମଟି ଏକ ତାମିଲ୍ ଫିଲ୍ମ ଯେଉଁଥିରେ ବିଜୟ ଆଣ୍ଟୋନୀଙ୍କ ବ୍ୟତୀତ ଭାଗଇ ଚନ୍ଦ୍ରଶେଖର ଓ ତୃପ୍ତି ରବୀନ୍ଦ୍ରଙ୍କ ପରି କଳାକାରମାନେ ଅଛନ୍ତି।



# ଆନିମେସନ୍ ଓ ଏହାର ଇତିହାସ

କାହାଣୀ କହିବା ସହିତ ଚଳନ୍ତା ଛବିର ପ୍ରୟୋଗ ପ୍ରାଗୈତିହାସିକ କାଳରୁ ହୋଇଆସୁଛି। କିନ୍ତୁ ଆନିମେସନ୍ ବୋଲି ଯାହା ଆମେ କହୁଛନ୍ତି ତାହାର ଆରମ୍ଭ ହୋଇଥିଲା ଊନବିଂଶ ଶତାବ୍ଦୀରେ। ଏହାର ଆରମ୍ଭ ହୋଇଥିଲା ଯାଦୁର ଲଣ୍ଠନ ଓ ଜୋଇଟ୍ରୋପ୍ ପରି ଉପକରଣଗୁଡ଼ିକର ଆବିଷ୍କାର ଜରିଆରେ। ଆନିମେସନ୍ ଏପରି ଏକ କଳା ଯାହା ବ୍ୟାପାର ଜଗତରେ ବହୁତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ସାଧାରଣ ଜନତାଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଡିଜିଟାଲ୍ ରଣନୀତି ଓ ମାର୍କେଟିଂର ଏହି ଯୁଗରେ ଦର୍ଶକମାନଙ୍କ ମଧ୍ୟରେ ପ୍ରଚାର ପାଇଁ ଇଣ୍ଟରନେଟ୍‌ରେ ବହୁତଗୁଡ଼ିଏ ଆନିମେସନ୍‌ର ଉପଯୋଗ କରାଯାଇଥାଏ। ଏହାର ଆବଶ୍ୟକତା ଏକ ଅସାଧାରଣ ସଂଚାର ମାଧ୍ୟମ ଭାବରେ ପ୍ରକଟ ହୋଇଛି ଯାହା ସନ୍ଦେଶକୁ ସଂପ୍ରେଷିତ କରିବା ଓ ଦର୍ଶକମାନଙ୍କ ସହିତ ସମ୍ବାଦ କରିବାରେ ସାହାଯ୍ୟ କରିଥାଏ। ତେବେ ଆନିମେସନ୍‌ର ଜନ୍ମକୁ ସମ୍ମାନ ଜଣାଇ ଏଏସ୍‌ଆଇଏଫ୍‌ଏ ୨୦୦୨ରେ ଅନ୍ତଃରାଷ୍ଟ୍ରୀୟ ଆନିମେସନ୍ ଦିବସର ସ୍ଥାପନା କରିଥିଲା। ଏଥିରେ ପ୍ରକ୍ଷେପିତ ଚଳନ୍ତା ଛବିଗୁଡ଼ିକୁ ପ୍ରଥମେ ସାର୍ବଜନିକ ପ୍ରଦର୍ଶନ ଭାବରେ ୨୮ ଅକ୍ଟୋବର, ୧୮୯୨ରେ ପ୍ୟାରିସ୍ ଠାରେ ଏମିଲ୍ ରେନୌଡ୍‌ଙ୍କ 'ଦ ଥିଏଟର ଅପ୍ଟିକ୍'ରେ ମାନ୍ୟତା ଦିଆଯାଇଥିଲା। ବ୍ୟବସାୟ ଭାବରେ ଆନିମେସନ୍‌କୁ ସହଜ ଓ ତ୍ୱରିତ ସଂଚାର ଭାବରେ ଉପଯୋଗ କରାଯାଏ। ରଙ୍ଗିନ୍ ଓ ରଚନାତ୍ମକ ଆନିମେଟେଡ୍ ଭିଡିଓର ଉପଯୋଗ ଦର୍ଶକମାନଙ୍କ ସହିତ ପ୍ରଭାବୀ ଢ଼ଙ୍ଗରେ ସମ୍ବାଦ କରିବା ପାଇଁ ନିର୍ମାତାମାନେ ବ୍ୟବହାର କରିଥାନ୍ତି। ଆନିମେସନ୍ ମନୋରଞ୍ଜନ ମାଧ୍ୟମରେ ଦର୍ଶକମାନଙ୍କୁ ଶିକ୍ଷା ଦେଇଥାଏ।



# ଘରେ ପକ୍ଷୀବସା ଶୁଭ ସଂକେତ କି ?

ଘର ଅଗଣାରେ ଯେତେବେଳେ କୌଣସି ଚଢ଼େଇ ଆସି ବସା ତିଆରି କରେ ଏହି ଦୃଶ୍ୟ ମନକୁ ଖୁବ୍ ଶାନ୍ତି ଦିଏ। ଚଢ଼େଇଙ୍କର କିଚିରିମିଚିରି ଶବ୍ଦ ନା କେବଳ ବାତାବରଣକୁ ଆନନ୍ଦମୟ କରିଥାଏ ଆମ ଜୀବନରେ ପ୍ରକୃତିର ଉପସ୍ଥିତିକୁ ମଧ ଅନୁଭବ କରାଇଥାଏ। କିନ୍ତୁ କିଛି ଲୋକ ଘରେ ଚଢ଼େଇ ବସା ଦେଖିଲେ ଚିନ୍ତିତ ହୋଇଯାଆନ୍ତି। ଏହାର କାରଣ ଘର ଅପରିଷ୍କାର ହୋଇଯାଏ। କିନ୍ତୁ ଶାସ୍ତ୍ର ଓ ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ପକ୍ଷୀମାନେ ବସା ବାନ୍ଧିଲେ ଶୁଭ ନା ଅଶୁଭର ସଂକେତ ସେ ବିଷୟରେ ଜାଣିବା। ଘରେ ପକ୍ଷୀମାନେ ବସା ବାନ୍ଧିବାର ଅର୍ଥ ଘରର ବାତାବରଣ ଶାନ୍ତ, ସୁରକ୍ଷିତ ଓ ସକାରାତ୍ମକ ଊର୍ଜାରେ ଭରି ରହିଛି। କାରଣ ଯେଉଁଠାରେ ପକ୍ଷୀମାନଙ୍କୁ ଶାନ୍ତି, ସୁରକ୍ଷିତ ଅନୁଭବ ମିଳେ ଏପରି ସ୍ଥାନରେ ସେମାନେ ବସା ବାନ୍ଧନ୍ତି। ସେଥିପାଇଁ ଘରେ ପକ୍ଷୀଙ୍କର ବସା ବାନ୍ଧିବା କେବଳ ଏକ ସଂଯୋଗ ନୁହେଁ ଏକ ଶୁଭ ସଂକେତ ବୋଲି କୁହାଯାଏ।







ଶୁଭ ପକ୍ଷୀ-ଘରଚଟିଆ ବସା କଲେ ବହୁତ ଶୁଭ ହୋଇଥାଏ। ଶାସ୍ତ୍ର ଅନୁସାରେ ମା'ଲକ୍ଷ୍ମୀ ସୁଖ, ଶାନ୍ତି ଓ ସମୃଦ୍ଧିର ସ୍ୱରୂପ। ଏମାନେ ଘରେ ରହିଲେ ସୁଖ, ଶାନ୍ତି ଓ ସମୃଦ୍ଧି ଆସେ। ଏମାନଙ୍କର କିଚିରିମିଚିରି ଶବ୍ଦ ଘରେ ସକାରାତ୍ମକ ଏନର୍ଜି ଭରିଦିଏ ଓ ନକାରାତ୍ମକତାକୁ ଦୂର କରେ। ଘରର ଅଗଣାରେ ଶୁଆ ରହିଲେ ଶୁଭ ସଂକେତ ବୋଲି କୁହାଯାଏ। ଶୁଆ ପ୍ରେମ, ସୌହାର୍ଦ୍ଦ୍ୟ ଓ ସୌଭାଗ୍ୟର ପ୍ରତୀକ। ଏହା ସହିତ ଶୁଆ ଜ୍ଞାନ ଓ ସକାରାତ୍ମକତା ବିଚାରଗୁଡ଼ିକର ଦ୍ୟୋତକ ବୋଲି କୁହାଯାଏ। ଏମାନେ ପ୍ରକୃତିର ଆଶୀର୍ବାଦ ବୋଲି ସଧାରଣରେ ମାନ୍ୟତା ରହିଛି।

ଅଶୁଭ ପକ୍ଷୀ-ପାରାମାନେ ଘରେ ବସା ବାନ୍ଧିଲେ ବାସ୍ତୁ ଦୋଷର କାରଣ ହୋଇଥାନ୍ତି। ଏମାନେ ହେଉଛନ୍ତି ନକାରାତ୍ମକ ଊର୍ଜା, ରୋଗ ଓ ଆର୍ଥିକ ପ୍ରତିବନ୍ଧର ସଂକେତ। ତେଣୁ ଘରୁ ପାରାମାନଙ୍କୁ ହଟାଇଦେବା ଉଚିତ। ସେହିପରି ବାଦୁଡ଼ିମାନେ ଘରେ ରହିଲେ ବହୁତ ଅଶୁଭ ଫଳ ମିଳେ। ଏମାନେ ଅନ୍ଧକାର, ଅଶୁଦ୍ଧତା ଓ ନକାରାତ୍ମକତାର ପ୍ରତୀକ। ଶାସ୍ତ୍ର ଅନୁସାରେ ଏମାନେ ଘରେ ରହିଲେ ଦୁର୍ଭାଗ୍ୟ ଓ କଳହ ବୃଦ୍ଧିପାଏ। ଘରେ ମହୁମାଛି ବସା ବାନ୍ଧିଲେ ମଧ ଶୁଭ ନୁହେଁ। ଏମାନେ ବିବାଦ, କଳହ ଓ ଆର୍ଥିକ ହାନି ସହିତ ଜଡ଼ିତ ଥାଆନ୍ତି। ବାସ୍ତୁ ଅନୁସାରେ ଏମାନଙ୍କୁ ଘରୁ ଦୂରେଇଦେବା ଉଚିତ।



# ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ




**ବୈଶିଙ୍ଗା,୨୭।୧୦/ଏନ୍ଏନ୍ଏସ୍:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ମୟୂରଭଞ୍ଜ ଶାଖାର ଜଣେ ଅଗ୍ରଣୀ ସଦସ୍ୟ ବ୍ରହ୍ମାକୁମାର ଭଗବାନ ଭାଇଙ୍କ ଦ୍ୱିତୀୟ ପୁଣ୍ୟ ସ୍ମୃତି ଦିବସ ଉପଲକ୍ଷେ ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ରାଜଯୋଗିନୀ ତଥା ଡିଭାଇନ୍ ରିଟ୍ରେଟ୍ ସେଣ୍ଟର୍‌ର ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ଲୀନା ଭଉଣୀ ମୁଖ୍ୟ ଆକର୍ଷଣ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପତଡ଼ାସ୍ଥିତ ଯୁଗପୁରା ଗୀତା ପାଠଶାଳାରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ବିଭିନ୍ନ ସେବାକେନ୍ଦ୍ରରୁ ଶତାଧିକ ବ୍ରହ୍ମାବତ୍ସଳ ସେବାକେନ୍ଦ୍ରରେ ପହଞ୍ଚି ବିଶ୍ୱଶାନ୍ତି ନିମନ୍ତେ ଧ୍ୟାନଯୋଗ କରିଥିଲେ। ରବିବାର 'ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ' ବିଷୟବସ୍ତୁକୁ ଆଧାର କରି ଏକ ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ଭଉଣୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଡିଆର୍‌ଡିଓର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମ ଚରଣ ମାଝୀ, ପୁରୀସ୍ଥିତ ନିମାପଡ଼ା ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ସୁବାସିନୀ ଭଉଣୀଙ୍କ ସହିତ ଅନ୍ୟ ବରିଷ୍ଠ ଭାଇଭଉଣୀ ଉପସ୍ଥିତ ରହି ଭଗବାନ ଭାଇଙ୍କ ସ୍ମୃତିଚାରଣ କରିଥିଲେ। ବ୍ରହ୍ମାକୁମାରୀ ବନିତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାର ମନୋଜ ଭାଇ ଧନ୍ୟବାଦ ଦେଇଥିଲେ।

# ସୋର-କୁପାରୀ ରାସ୍ତା ମରାମତି ନାଁରେ ଦୁର୍ନୀତି

## ଯାତ୍ରୀ ଓ ରାଜନୈତିକ ସଂଗଠନ ପକ୍ଷରୁ ଭିଜିଲାନ୍ସ ତଦନ୍ତ ଦାବି




**ଖଇରା,୨୭।୧୦/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲାକୁ କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜ ସହ ସଂଯୋଗ କରୁଥିବା ସୋର-କୁପାରୀ ରାଜ୍ୟ ରାଜପଥରେ ମରାମତି ନାମରେ ଦେଢ଼ କୋଟି ଟଙ୍କା ହଡ଼ପ୍ ପାଇଁ ଉଦ୍ୟମ କରାଯାଉଥିବା ନେଇ ଅଭିଯୋଗ ହେଇଛି। ଏଥିରେ ସଂପୃକ୍ତ ଥିବା କନିଷ୍ଠ ଯନ୍ତ୍ରୀ ବଦଳି ହୋଇଥିବାବେଳେ ସହକାରୀ ଯନ୍ତ୍ରୀ ଛୁଟିରେ ରହିବା ଏପରି ଅଭିଯୋଗକୁ ସତ୍ୟ ପ୍ରମାଣିତ କରିଛି। ନୂତନ ଭାବେ ଯୋଗ ଦେଇଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀ କିଛି ଜାଣିନଥିବା କହି ଦୁର୍ନୀତିକୁ ଏଡ଼ାଇ ଯିବାକୁ ଚେଷ୍ଟା କରିଛନ୍ତି। ତେଣୁ ଭିଜିଲାନ୍ସ ତଦନ୍ତ ଲାଗି ବିଭିନ୍ନ ରାଜନୈତିକ, ସ୍ୱେଚ୍ଛାସେବୀ ସଂଗଠନ ଓ ଏହି ରାସ୍ତାରେ ଯାଉଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।

ସୋର-କୁପାରୀ ରାସ୍ତାର ଉନ୍ନତିକରଣ ପାଇଁ ପାଖାପାଖି ୧୫ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯିବା ସହ ଟେଣ୍ଡର୍ ପରେ ଠିକାଦାର୍‌ଙ୍କ ସହ ଚୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମୟରେ ମରାମତି ନାମରେ ୩୦ରୁ ଅଧିକ ଛୋଟ କଣ୍ଟ୍ରାକ୍ଟର୍‌ଙ୍କୁ ୫ ଲକ୍ଷ ଟଙ୍କା କରି ମରାମତି ଦାୟିତ୍ୱ ଦିଆଯାଇଛି। ନିୟମ ଅନୁଯାୟୀ ୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥର କାର୍ଯ୍ୟ ପାଇଁ ଟେଣ୍ଡର୍ ପ୍ରକ୍ରିୟାର ଆବଶ୍ୟକତା ରହିଛି। ଏଣୁ ଅର୍ଥ ହେରଫେର୍ ପାଇଁ ୨୯ କିମି ରାସ୍ତା ଲାଗି ୩୦ ଜଣଙ୍କୁ ମରାମତି କାମ ଦିଆଯାଇଥିବା ଆଲୋଚନା ହେଉଛି। ଏହି କାମ ମଧ୍ୟ ନାମକୁ ମାତ୍ର ଚାଲିଛି। କାରଣ ମରାମତି ନସରୁଣୁ ରାସ୍ତାରୁ ପିଚୁ ଉଠିବା ନେଇ ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ତେବେ ଆଉ ଅଳ୍ପ ଦିନ ବ୍ୟବଧାନରେ ଟେଣ୍ଡର୍ କାମ ଆରମ୍ଭ ହେବାକୁ ଥିବାରୁ ଏଭଳି ମରାମତି କାମ ଉପରେ ପୁଣିଥରେ ନୂଆକାମ ହେବ ଏବଂ ଠିକାଦାର ପୁଣିଥରେ ଏହା ଉପରେ ଦ୍ୱିତୀୟଥର ବିଲ୍ ଉଠାଇବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏଣୁ ପୂର୍ତ୍ତ ବିଭାଗ, ଟେଣ୍ଡର୍ ନେଇଥିବା ଓ ମରାମତି କରୁଥିବା ଠିକାଦାର ଏବଂ ସର୍ବୋପରି କିଛି ରାଜନେତାଙ୍କ ମିଳିତ ପ୍ରୟାସରେ ଏଭଳି ଦୁର୍ନୀତିର ନକ୍ସା ପ୍ରସ୍ତୁତ ହୋଇଛି। ଏପରି ଢଙ୍ଗରେ ସବୁକିଛି ଯୋଜନା ପ୍ରସ୍ତୁତ କରାଯାଇଛି ଯେଭଳି କାହାରି ଦୃଷ୍ଟିଗୋଚର ହେବନାହିଁ। ବିଲ୍ ପାଇଁ ପଛୁଆ ତାରିଖକୁ ଅଧିକାରୀମାନେ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି। ତେବେ ମରାମତି ପୂର୍ବରୁ ଉଚ୍ଚସ୍ତରୀୟ କିମ୍ବା ଭିଜିଲାନ୍ସ ତଦନ୍ତ କରାଗଲେ ମହାଦୁର୍ନୀତିକୁ ରୋକାଯାଇ ପାରନ୍ତା ବୋଲି ସିମୁଳିଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା କହିଛନ୍ତି। ଏପରି ମରାମତି ନାମରେ ଆର୍ଥିକ ଅନିମିତତା ବାଟ ପରିଷ୍କାର ହୋଇଯାଇଛି।

ଖୁବ୍‌ଶୀଘ୍ର ଏହା ବିରୋଧରେ ବିଜେଡି କର୍ମୀଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଏଭଳି ଦୁର୍ନୀତି ଅଭିଯୋଗ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଥିବାରୁ ବିଧାୟକଙ୍କ ଅନୁରୋଧ ଓ ସ୍ୱତନ୍ତ୍ର ଭାବେ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନକ୍ରମେ ଏହି ମରାମତି କାମ ହେଉଥିବା କଥା ମୁଁ ଜାଣିଛି। ସେ ନୂତନ ଭାବେ ଯୋଗଦେଇଥିବାରୁ ଏହାଠାରୁ ଅଧିକ କିଛି ଜାଣିନଥିବା ଶ୍ରୀ ଜେନା କହିଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




**ସୋର,୨୭।୧୦/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବୃନ୍ଦାବନ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀମାନେ ସାଧୁତା ଓ ଆଗାମୀ ଦିନରେ ଦୁର୍ନୀତିକୁ ପ୍ରଶୟ ନଦେବାକୁ ଶପଥପାଠ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକଙ୍କ ମଧ୍ୟରେ ସତ୍ୟାନନ୍ଦ ପାତ୍ର, ଅକ୍ଷୟ କୁମାର ବାରିକ, ପରମେଶ୍ୱର ପାଣିଗ୍ରାହୀ, ସସ୍ମିତା ଜେନା ଓ ମୁସ୍ତାକ ମହମ୍ମଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ତୃତୀୟ ବର୍ଷ ଛାତ୍ରୀ ଭାଗ୍ୟଶ୍ରୀ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ବାରିପଦା,୨୭।୧୦/ଏନ୍ଏନ୍ଏସ୍:** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧ନଂ ୱାର୍ଡସ୍ଥିତ ବେଲଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ଓ ଭଞ୍ଜଭୂମି ଉଚ୍ଚବିଦ୍ୟାଳୟରେ ଠାକୁରାଣୀସାହି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ମୋଟ୍ ୧୫ଟି ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ମୋଟ୍ ୨୬ ଜଣ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ୍‌ସ୍ତରରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହାସହ ଭଞ୍ଜପୁର ବାଳିକା ଉଚ୍ଚବିଦ୍ୟାଳୟର ସାଂସ୍କୃତିକ ଦଳ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବ୍ଲକ୍‌ସ୍ତରକୁ ମନୋନୀତ ହୋଇଛନ୍ତି। ସିଆର୍‌ସିସି ପୂଜାରିଣୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ କାଉନସିଲର୍ ସୁକେଶିନୀ ସେଠୀ, ସମଗ୍ର ଶିକ୍ଷାର ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଭଞ୍ଜଭୂମି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିତା କୁଅଁର ଓ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧରିତ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। କୃଷ୍ଣଚନ୍ଦ୍ର ବେହେରା, ଶୁଭେନ୍ଦୁ ଦଳବେହେରା, ମନୋଜ କୁମାର ଦାଶ, ଅଟଳ କୁମାର ମହାନ୍ତ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଇପ୍ସିତା ମଲ୍ଲିକ, ସୁଜାତା ସାହୁ, ମୀରା ଦାସମହାପାତ୍ର, ସରୋଜ କୁମାର ରାମ, ଶିକ୍ଷକ ନେତା ପ୍ରଦୀପ କୁମାର ନାଥ, ସିଦ୍ଧେଶ୍ୱର ମିଶ୍ର, ଗୋପାଳ ଲେଙ୍କା, ସୁଶୀଲ ପଣ୍ଡା, ରାଜକିଶୋର ସେଠୀ, ପ୍ରଦୀପ କୁମାର ଦେ ଓ ସୁନିତା ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାଉନସିଲର୍ ଶ୍ରୀମତୀ ସେଠୀ ସମସ୍ତ ଗାଇଡ୍ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୩ ହାଇୱା ଜବତ

**ସୋର,୨୭।୧୦/ଏନ୍ଏନ୍ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ବାଲେଶ୍ୱର ଖଣି ବିଭାଗ ଓ ସୋର ତହସିଲ୍ ପକ୍ଷରୁ ମିଳିତଭାବେ ଚଢ଼ଉ କରାଯାଇ ୩ଟି ବାଲି ବୋଝେଇ ଗାଡ଼ି ଜବତ କରାଯାଇଛି। ସୋମବାର ସକାଳେ ସୋର ତହସିଲଦାର୍ ଦୈତାରି ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ୍ ସହ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଆଇନ୍ ବାଲି ବୋଝେଇ ଗାଡ଼ିର କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ୩ଟି ହାଇୱା ବେଆଇନ ବାଲି ପରିବହନ କରୁଥିବା ଜାଣିପାରି ଗାଡ଼ି ଗୁଡ଼ିକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଛି। କିନ୍ତୁ ଚଢ଼ଉ ହେଉଥିବା ଜାଣିପାରି ୨୫ରୁ ଉର୍ଦ୍ଧ୍ୱ ଗାଡ଼ି ରାସ୍ତା ବଦଳାଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

## ଚତୁର୍ଥ ଦିନରେ କରଗୋଳା ବାଲି ସତ୍ୟାଗ୍ରହ

# ହବିଷ ଖାଇଲେ, ବୈତରଣୀ ସୁରକ୍ଷା ମାଗିଲେ



**କେନ୍ଦୁଝର,୨୭।୧୦/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ହାଟଡ଼ିହି ତହସିଲ୍ ଅନ୍ତର୍ଗତ କରଗୋଳାରେ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଚତୁର୍ଥ ଦିନରେ ପହଞ୍ଚିଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହରେ ପ୍ରଶାସନର ଅସହଯୋଗକୁ ତୀବ୍ର ନିନ୍ଦା କରାଯାଇଛି। ସୋମବାର ଏହି ବାଲି ସତ୍ୟାଗ୍ରହରେ ଲୋକେ ସେଠାରେ ହବିଷ ଗ୍ରହଣ କରି ବ୍ରତ ରକ୍ଷା କରିଥିଲେ। ଏହାକୁ ସମର୍ଥନ ଜଣାଇ ସୁବର୍ଣ୍ଣରେଖା ନଦୀ ସୁରକ୍ଷା ସମିତି ଆସନ୍ତାକାଲି ଏଥିରେ ସାମିଲ ହେବା ସମ୍ପର୍କରେ ଯଜ୍ଞ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସତ୍ୟବ୍ରତ ଜେନା, ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ଜୟନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନଟବର ମହାରଣା, ବେଣୁ ଜେନା, ରାମଚନ୍ଦ୍ର ସାହୁ, ସୁଦର୍ଶନ ସାହୁ, ଶ୍ରୀଧର ଜେନା ଓ ଗଣେଶ ଜେନାଙ୍କ ସମେତ ୩ ଶହରୁ ଅଧିକ ସତ୍ୟାଗ୍ରହୀ ସାମିଲ୍ ହୋଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିଛି। ରାତିରେ ବାଲି ମାଫିଆ ସତ୍ୟାଗ୍ରହୀଙ୍କ ଉପରେ ଆକ୍ରମଣ କରି ବାଲି ଲୁଟ୍ ପାଇଁ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



**ବାଲେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ବାଲେଶ୍ୱରସ୍ଥିତ ଟିପିଏନ୍‌ଓଡିଏଲ୍‌ର କର୍ପୋରେଟ୍ କାର୍ଯ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କର୍ମଚାରୀମାନେ କାର୍ଯ୍ୟ କ୍ଷେତ୍ରରେ ନୈତିକତାକୁ ଆପଣାଇବା ସହ ଲାଞ୍ଚକୁ ପ୍ରତ୍ୟାଖ୍ୟାନ ସହ ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରତିଜ୍ଞା ନେଇଛନ୍ତି। କର୍ମଚାରୀମାନେ ଦୁର୍ନୀତିମୁକ୍ତ ଭବିଷ୍ୟତ ଗଠନ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ଦେଖାଇଛନ୍ତି। ସେହିପରି ଟିପିଏନ୍‌ଓଡିଏଲ୍‌ର ବିଭିନ୍ନ ସର୍କଲ୍‌ରେ ଏହି ଦୁର୍ନୀତି ନିବାରଣ ସପ୍ତାହକୁ ପାଳନ କରାଯାଇଥିବାବେଳେ ଦୁର୍ନୀତିର ମୂଳୋତ୍ପାଟନ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଦୁର୍ନୀତି ନିବାରଣ ବାର୍ତ୍ତାକୁ ପ୍ଲା-କାର୍ଡ, ବ୍ୟାନର୍ ଓ ଡିଜିଟାଲ୍ ବାର୍ତ୍ତା ମାଧ୍ୟମରେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯିବାର ଯୋଜନା ମଧ୍ୟ ରହିଛି। ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ତୃଣମୂଳସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେବାସହ ଉପଭୋକ୍ତାଙ୍କୁ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍‌ର ସମସ୍ତ ଅଧିକାରୀ ଯୋଗଦେଇ ନୀତି ଓ ନୈତିକତାର ଶପଥ ନେଇଥିଲେ।

# ଜାତୀୟସ୍ତରରେ ଚମକିଲେ କେନ୍ଦୁଝର ଝିଅ ବୈଷ୍ଣବୀ



**କେନ୍ଦୁଝର,୨୭।୧୦/ଏନ୍ଏନ୍ଏସ୍:** କେନ୍ଦୁଝର ଝିଅ ବୈଷ୍ଣବୀ ଗୁପ୍ତା ଗୁଜରାଟର ସୁରଟ୍‌ରେ ଅନୁଷ୍ଠିତ ୧୬ତମ ଜାତୀୟ ଜୁଡୋ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ତଥା ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। କେନ୍ଦୁଝର ପୂର୍ବତଟ ରେଳବାଇରେ ଟ୍ରେନ୍ ମ୍ୟାନେଜର୍ ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ କୁମାରଙ୍କ ଝିଅ ବୈଷ୍ଣବୀଙ୍କ ବିଜୟ ତାଙ୍କ ସମର୍ପଣ, ଶୃଙ୍ଖଳା ଓ କ୍ରୀଡ଼ା ମନୋଭାବର ପ୍ରମାଣ ଭାବେ ବିଦିତ ହୋଇଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ବୈଷ୍ଣବୀ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା କେନ୍ଦୁଝର ଏବଂ ଓଡ଼ିଶାର ଅନେକ ଯୁବ ଖେଳାଳିଙ୍କୁ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# 'ସାମୂହିକ ପ୍ରଚେଷ୍ଟା ବଳରେ ଦୁର୍ନୀତିର ମୁଳୋତ୍ପାଟନ ସମ୍ଭବ'



**ବାରିପଦା,୨୭।୧୦/ଏନ୍ଏନ୍ଏସ୍:** ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ- ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଆଧାରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ବିଭିନ୍ନ ଅଧିକାରୀ, ଜିଲ୍ଲାପାଳଙ୍କ ପ୍ରତିନିଧି, ସହକାରୀ ଜିଲ୍ଲାପାଳ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ପ୍ରଥମ ଦିନରେ 'ସାଧୁତାର ଶପଥପାଠ' କରାଇଥିଲେ। ଏହି ଅବସରରେ ଶ୍ରୀ ନାୟକ ସମସ୍ତ ସରକାରୀ କର୍ମଚାରୀଙ୍କୁ ନିଜ ନିଜ କର୍ମ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ସମୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିଷ୍ଠିତଭାବେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ଏବଂ ସାମୂହିକ ପ୍ରଚେଷ୍ଟା ଦ୍ୱାରା ହିଁ ଦୁର୍ନୀତିର ମୁଳୋତ୍ପାଟନ ସମ୍ଭବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଦୁର୍ନୀତି ଏମିତି ଏକ ବ୍ୟାଧି ଯାହାକି ଜଣକର ବ୍ୟକ୍ତିଗତ ଜୀବନ ସହିତ ସାମାଜିକ ଜୀବନକୁ ଏମିତି କ୍ଷତାକ୍ତ କରିଥାଏ ଯାହାକି ଅତ୍ୟନ୍ତ ଯନ୍ତ୍ରଣାଦାୟକ। ତେଣୁ ସେବା ପ୍ରଦାନ ସମୟରେ କୌଣସି ପ୍ରକାର ଲୋଭର ବଶବର୍ତ୍ତୀ ହୋଇ ଲାଞ୍ଚ ନେବା ଓ ଦେବା ଭଳି ବିକୃତ ମାନସିକତାଠାରୁ ସର୍ବଦା ଦୂରେଇ ରହିବା ଉଚିତ୍ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡ ଅଧିକାରୀ, ବାରିପଦା ତହସିଲଦାର୍, ପୌରପାଳିକା ନିର୍ବାହୀ ଅଧିକାରୀ, ଜରୁରିକାଳୀନ ଅଧିକାରିଣୀ, ଡିଇଜି ଏମ୍ ଓସ୍ୱାନ୍, ଡେପୁଟି କଲେକ୍ଟର୍ ଜେନେରାଲ୍ ମିସ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରିଣୀ, ଡେପୁଟି କଲେକ୍ଟର୍ (ରାଜସ୍ୱ), ଡେପୁଟି କଲେକ୍ଟର୍ (ନିର୍ବାଚନ), ଡେପୁଟି କଲେକ୍ଟର୍ ଏଷ୍ଟାବ୍ଲିସମେଣ୍ଟ, ସହକାରୀ ଜିଲ୍ଲାପାଳ ନିଜାରତ, ଆର୍‌ଟିଓ ବାରିପଦା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥପାଠରେ ଅଂଶଗ୍ରହଣ କରିଥିଲେ।

# ମିଳିତ ଜନଶୁଣାଣି ଶିବିର



**ବାଲେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ଔପଦା ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଔପଦା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରୁ ୫୪ ଜଣ ଅଭିଯୋଗକାରୀ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ, ୫ଟି ସାମୁହିକ ଓ ୪ଟି ମୁଖ୍ୟମନ୍ତ୍ରୀ ସହାୟତା ରାଶି ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୮ଟି ଦରଖାସ୍ତର ଆଶୁ ସମାଧାନ କରାଯାଇଥିଲା।

ନିତିଦିନ NITIDIN

# ରଣଜୀ ଟ୍ରଫିରେ ୩ୟ ଦ୍ରୁତ ଦ୍ୱିଶତକ

## ଇତିହାସ ରଚିଲେ ପୃଥ୍ୱୀ ଶ’



**ଚଣ୍ଡୀଗଡ଼,୨୭।୧୦/ଏଜେନ୍ସି:** ପୂର୍ବତନ ଭାରତୀୟ ଅଣ୍ଡର-୧୯ କ୍ୟାପ୍ଟେନ୍ ପୃଥ୍ୱୀ ଶ’ ଚଳିତ ରଣଜୀ ଟ୍ରଫିରେ ଇତିହାସ ରଚିଛନ୍ତି। ମହାରାଷ୍ଟ୍ର ପକ୍ଷରୁ ଚଳିତ ସିଜନ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପୃଥ୍ୱୀ ଚଣ୍ଡୀଗଡ଼ ବିପକ୍ଷରେ ଦ୍ୱିଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସ୍‌ରେ ମାତ୍ର ୮ ରନ୍‌ରେ ଆଉଟ୍ ହୋଇଥିବା ପୃଥ୍ୱୀ ଦ୍ୱିତୀୟ ଇନିଂସ୍‌ରେ ୧୫୬ ବଲ୍‌ର ସାମ୍ନାକରି ସେ ୨୯ ଚୌକା ଓ ୫ ଛକା ସହାୟତାରେ ଅପରାଜିତ ୨୨୨ ରନ୍ କରିଛନ୍ତି। ଏହା ରଣଜୀ ଇତିହାସରେ ତୃତୀୟ ଦ୍ରୁତ ଦ୍ୱିଶତକ। ଏହି ମ୍ୟାଚ୍‌ରେ ୭୨ ବଲ୍‌ରେ ଶତକ ପୂରଣ କରିଥିବା ପୃଥ୍ୱୀ ୧୪୧ ବଲ୍‌ରେ ଦ୍ୱିଶତକ ହାସଲ କରିଥିଲେ। ରଣଜୀ ଟ୍ରଫିରେ ସବୁଠୁ ଦ୍ରୁତ ଶତକ ହାଇଦ୍ରାବାଦର ତନ୍ମୟ ଅଗ୍ରୱାଲ୍‌ଙ୍କ ନାମରେ ରହିଛି। ସେ ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲ୍‌ରେ ଦ୍ୱିଶତକ ହାସଲ କରିଥିଲେ। ଏହି ଲିଷ୍ଟ୍‌ର ଦ୍ୱିତୀୟ ସ୍ଥାନରେ ଭାରତର ପୂର୍ବତନ କ୍ୟାପ୍ଟେନ୍ ତଥା ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ନାମ ରହିଛି। ୧୯୮୫ରେ ଶାସ୍ତ୍ରୀ ବରୋଦା ବିପକ୍ଷରେ ୧୨୩ ବଲ୍‌ରେ ଏହି କାରନାମା କରିଥିଲେ। ୨୨୨ ରନ୍‌ର ଏହି ଇନିଂସ୍‌ରେ ପୃଥ୍ୱୀ ୧୪୨.୩୧ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରିଥିଲେ।

ପୃଥ୍ୱୀଙ୍କ ଏହି ଅପରାଜିତ ଦ୍ୱିଶତକ ସହାୟତାରେ ମହାରାଷ୍ଟ୍ର ଦ୍ୱିତୀୟ ଇନିଂସ୍‌ରେ ୩ ୱିକେଟ୍ ବିନିମୟରେ ୩୫୯ ରନ୍ କରିଛି। ଏହା ପୂର୍ବରୁ ମହାରାଷ୍ଟ୍ର ପ୍ରଥମ ଇନିଂସ୍‌ରେ ଋତୁରାଜ ଗାଏକୱାଡ୍‌ଙ୍କ ୧୧୬ ରନ୍ ବଳରେ ୩୧୩ ରନ୍ କରିଥିଲା। ଜବାବରେ ଚଣ୍ଡୀଗଡ଼ ୨୦୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।

## ରଣଜୀ ଟ୍ରଫି: କରନ୍ ଓ ଆରାଧଙ୍କ ଶତକ

# ଓଡ଼ିଶା ବିପକ୍ଷରେ ଉତ୍ତର ପ୍ରଦେଶ ସ୍ଥିତି ଦୃଢ଼

**କଟକ,୨୭।୧୦/ଏଜେନ୍ସି:** କାନପୁରର ଗ୍ରାନ୍ ପାର୍କ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ରଣଜୀ ଟ୍ରଫି ଓଡ଼ିଶା ବିପକ୍ଷ ଏଲିଟ୍ ଗ୍ରୁପ୍-ଏ’ ମ୍ୟାଚ୍‌ରେ ଘରୋଇ ଉତ୍ତର ପ୍ରଦେଶ ନିଜ ସ୍ଥିତି ସୁଦୃଢ଼ କରିଛି। ଓଡ଼ିଶାର ପ୍ରଥମ ଇନିଂସ୍ ସ୍କୋର୍ ୨୪୩ ରନ୍ ଜବାବରେ ଟିମ୍ ସୋମବାର ତୃତୀୟ ଦିନ ଖେଳ ଶେଷ ବେଳକୁ ୬ ୱିକେଟ୍ ବିନିମୟରେ ୩୮୦ ରନ୍ କରି ୧୩୭ ରନ୍‌ରେ ଅଗ୍ରଣୀ ଲାଭ କରିଛି। ଲଞ୍ଚ ପରେ ବର୍ଷା ହେବାରୁ ଖେଳକୁ ଶୀଘ୍ର ବନ୍ଦ ରଖାଯାଇଥିଲା। ଖେଳ ବନ୍ଦ ରହିବାକୁ ବେଳକୁ ବିପରାଜ ନିଗମ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ।



ତୃତୀୟ ଦିନ ୨୬୨/୩ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ଆଉ ୭୯ ରନ୍ ଯୋଡ଼ିବା ପରେ ପ୍ରଥମ ୱିକେଟ୍ ହରାଇଥିଲା। ପୂର୍ବଦିନ ୮୩ ରନ୍‌ରେ ଅପରାଜିତ ଥିବା କ୍ୟାପ୍ଟେନ୍ କରନ୍ ଶର୍ମା ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ୱିକେଟ୍ ପଛରେ ଆଶୀର୍ବାଦ ସ୍ୱାଇଁଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। କରନ୍‌ଙ୍କ ୨୭୬ ବଲ୍‌ର ଇନିଂସ୍‌ରେ ୧୨ ଚୌକା ସାମିଲ ଥିଲା। ଆଉଟ୍ ପୂର୍ବରୁ ସେ ଆରାଧ ଯାଦବଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୨୨୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଆରାଧ ୧୯୮ ବଲ୍‌ରେ ୧୨ ଚୌକା ଓ ଦୁଇ ଛକା ସହାୟତାରେ ୧୦୧ ରନ୍ କରିଥିବା ବେଳେ ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ପ୍ରିୟମ୍ ଗର୍ଗ ୩୧ ରନ୍ କରି ସୁମିତ୍ ଶର୍ମାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ପ୍ରଶାନ୍ତ ବୀର ୬ ରନ୍‌ରେ ରନ୍‌ଆଉଟ୍ ହୋଇ ଫେରିଥିଲେ। ଓଡ଼ିଶା ପକ୍ଷରୁ ଆଜି ବାଦଲ ବିଶ୍ୱାଳ ଏବଂ ସୁମିତ୍ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ପୂର୍ବଦିନ ପଦାର୍ପଣକାରୀ ସମ୍ବିତ ବରାଳ ତିନିଟି ୱିକେଟ୍ ଅକ୍ତିଆର କରିଥିଲେ।

# ମହିଳା ଟି-୨୦: ଓଡ଼ିଶାର ଦ୍ୱିତୀୟ ପରାଜୟ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି। ସୋମବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଉତ୍ତର ପ୍ରଦେଶଠାରୁ ୯ ୱିକେଟ୍‌ରେ ପରାଜିତ ହୋଇଛି। ଭିଲାଇର ସେକ୍ଟର-୧୦ ବିଏସ୍‌ପି କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପ୍ରଥମେ ୧୮.୨ ଓଭର୍‌ରେ ୫୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଅନୁଷ୍କା ମହାନ୍ତି ୧୫ ରନ୍ କରିଥିବା ବେଳେ ଉତ୍ତର ପ୍ରଦେଶର ଚାନ୍ଦିନୀ ଶର୍ମା ଓ ଖୁସି ତ୍ୟାଗୀ ୩-୩ ୱିକେଟ୍ ନେଇଥିଲେ। ଜବାବରେ ଉତ୍ତର ପ୍ରଦେଶ ୧୨.୫ ଓଭର୍‌ରେ ଏକ ୱିକେଟ୍ ବିନିମୟରେ ୫୮ ରନ୍ କରି ବିଜୟୀ ହୋଇଛି। ଟିମ୍ ପକ୍ଷରୁ ରିୟା ଭାଟି ଅପରାଜିତ ୨୯ ଏବଂ ଶଶୀ ବାଲାନ୍ ଅପରାଜିତ ୧୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଦର୍ଶିନୀ ପ୍ରମାଣିକ ଏକମାତ୍ର ୱିକେଟ୍‌ଟି ନେଇଥିଲେ।

## ସିକେ ନାୟୁଡୁ ଟ୍ରଫି: ଓମ୍ ମୁଣ୍ଡେଙ୍କ ୮୪ ରନ୍

# ଦ୍ୱିତୀୟ ଦିନ ଓଡ଼ିଶା ୧୬୯/୩

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ୨୩ ବର୍ଷରୁ କମ୍ ପୁରୁଷ ସିକେ ନାୟୁଡୁ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୩ ୱିକେଟ୍ ହରାଇ ୧୬୯ ରନ୍ କରିଛି। ଓପ୍ନର୍ ଓମ୍ ଟି ମୁଣ୍ଡେ ୮୪ ଏବଂ ପାନକଳା ଶଶାଙ୍କ ୪୮ ରନ୍ କରି ଆଉଟ୍ ହୋଇଛନ୍ତି। ପ୍ରଥମ ଦିନ ୯ ୱିକେଟ୍‌ରେ ୨୦୦ ରନ୍ କରିଥିବା ଆସାମର ପ୍ରଥମ ଇନିଂସ୍ ୨୧୬ ରନ୍‌ରେ ଶେଷ ହୋଇଥିଲା। ଟିମ୍ ପକ୍ଷରୁ ରାଜବୀର ସିଂହ ସର୍ବାଧିକ ୧୦୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ରୀତେଶ ପ୍ରିୟରଞ୍ଜନ ୪ ଏବଂ ଆୟୁଷ ବାରିକ ୩ ୱିକେଟ୍ ଅକ୍ତିଆର କରିଛନ୍ତି।



## ପ୍ରତୀକା ରାୱଲ୍ ମହିଳା ବିଶ୍ୱକପ୍‌ରୁ ବାଦ୍

# ଭାରତୀୟ ଟିମ୍‌ରେ ଶେଫାଳୀ ବର୍ମା



**ମୁମ୍ବାଇ,୨୭।୧୦/ଏଜେନ୍ସି:** ଭାରତୀୟ ଓପ୍ନର୍ ପ୍ରତୀକା ରାୱଲ୍ ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ରବିବାର ବାଂଲାଦେଶ ବିପକ୍ଷ ମ୍ୟାଚ୍ ଅବସରରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ନଭି ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ଏହି ମ୍ୟାଚ୍ ଲଗାତାର ବର୍ଷା କାରଣରୁ ରଦ୍ଦ ହୋଇଥିଲା। ବାଂଲାଦେଶର ୨୧ତମ ଓଭର୍‌ରେ ପ୍ରତୀକା ବଲ୍ ଧରିବା ପାଇଁ ଦୌଡୁଥିବା ବେଳେ ଓଦା ପଡ଼ିଆରେ ଖସି ପଡ଼ିଥିଲେ। ସାଥୀ ଖେଳାଳିଙ୍କ ସହାୟତାରେ ସେ ଛୋଟେଇ ଛୋଟେଇ ପଡ଼ିଆ ବାହାରକୁ ଯାଇଥିଲେ। ବିସିସିଆଇ ଏକ ବୟାନ ଜାରିକରି ତାଙ୍କ ଆଘାତ ସମ୍ପର୍କରେ ସୂଚନା ଦେବା ସହିତ ମେଡିକାଲ୍ ଟିମ୍ ତାଙ୍କ ସ୍ଥିତି ଉପରେ ନଜର ରଖିଛନ୍ତି ବୋଲି କହିଛନ୍ତି। ୨୫ ବର୍ଷୀୟା ପ୍ରତୀକା ଟୁର୍ଣ୍ଣାମେଣ୍ଟରେ ଭାରତ ପକ୍ଷରୁ ୬ ମ୍ୟାଚ୍ ଖେଳି ୩୦୮ ରନ୍ କରିଛନ୍ତି ଏବଂ ସ୍ମୃତି ମନ୍ଧାନାଙ୍କ ପରେ ଟିମ୍‌ର ସବୁଠୁ ସଫଳ ବ୍ୟାଟର୍ ହୋଇଛନ୍ତି। ସେ ଅକ୍ଟୋବର ୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୩୪ ବଲ୍‌ରେ ୧୨୨ ରନ୍‌ର ଶତକୀୟ ଇନିଂସ୍ ଖେଳି ସେମିଫାଇନାଲ୍‌ରେ ଭାରତର ସ୍ଥାନ ସୁନିଶ୍ଚିତ କରିଥିଲେ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷରେ ସେ ଅର୍ଦ୍ଧଶତକୀୟ ଇନିଂସ୍ ମଧ୍ୟ ଖେଳିଥିଲେ। ପ୍ରତୀକା ଆହତ ହେବାପରେ ବାଂଲାଦେଶ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ସ୍ମୃତି ମନ୍ଧାନାଙ୍କ ସହିତ ଅମନଜୋତ୍ କୌର୍ ଭାରତୀୟ ଇନିଂସ୍ ଓପନ୍ କରିଥିଲେ।

ପ୍ରତୀକାଙ୍କ ପୂର୍ବରୁ ୱିକେଟ୍‌କିପର୍ ବ୍ୟାଟର୍ ରିଚା ଘୋଷ ମଧ୍ୟ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କ ସ୍ଥାନରେ ଉମା ଛେତ୍ରୀଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ସୁଯୋଗ ମିଳିଥିଲା। ଏହା ଉମା ଛେତ୍ରୀଙ୍କ ଦିନିକିଆ ଡେବ୍ୟୁ ଥିଲା। ସେହିପରି ଭାରତ ପକ୍ଷରୁ ମହିଳା ବିଶ୍ୱକପ୍ ଖେଳିବାରେ ଉମା ଆସାମ ଏବଂ ଉତ୍ତର-ପୂର୍ବାଞ୍ଚଳର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି।

ମହିଳା ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଆହତ ପ୍ରତୀକା ରାୱଲ୍‌ଙ୍କ ସ୍ଥାନରେ ଶେଫାଳୀ ବର୍ମାଙ୍କୁ ଭାରତୀୟ ଟିମ୍‌ରେ ସୁଯୋଗ ମିଳିଛି। ବିଶ୍ୱକପ୍ ଟେକ୍ନିକାଲ୍ କମିଟି ପ୍ରତୀକାଙ୍କ ସ୍ଥାନରେ ଟିମ୍‌ରେ ଶେଫାଳୀଙ୍କ ସାମିଲକୁ ମଞ୍ଜୁରୀ ପ୍ରଦାନ କରିଛି। ଭାରତ ସେମିଫାଇନାଲ୍‌ରେ ଅକ୍ଟୋବର ୩୦ରେ ଅଷ୍ଟ୍ରେଲିଆକୁ ଭେଟିବ। ଟୁର୍ଣ୍ଣାମେଣ୍ଟରେ ପ୍ରତୀକା ଜୋରଦାର ଫର୍ମରେ ଥିଲେ ଏବଂ ତାଙ୍କ ସ୍ଥାନ ପୂରଣ କରିବା ଶେଫାଳୀଙ୍କ ପାଇଁ ସହଜ ହେବନାହିଁ। ଖରାପ ଫର୍ମ କାରଣରୁ ତାଙ୍କୁ ବିଶ୍ୱକପ୍ ସ୍କ୍ୱାଡ୍‌ରେ ସ୍ଥାନ ମିଳିନଥିଲା। ମାତ୍ର ବିଶ୍ୱକପ୍ ପୂର୍ବରୁ ଇଣ୍ଡିଆ-ଏ’ ପକ୍ଷରୁ ଶେଫାଳୀ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୯ ବଲ୍‌ରେ ୭୦ ରନ୍‌ର ଇନିଂସ୍ ଖେଳିଥିଲେ। ଏବେ ଚାଲିଥିବା ସିନିୟର ମହିଳା ଟି-୨୦ ଟ୍ରଫିରେ ସେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ସେ ୫୬.୮୩ ହାରାହାରି ଏବଂ ୧୮୨ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୩୪୧ ରନ୍ କରିଛନ୍ତି। ଏବେ ବିଶ୍ୱକପ୍ ଟିମ୍‌ରେ ସାମିଲ ଶେଫାଳୀଙ୍କ ପାଇଁ ସେମିଫାଇନାଲ୍‌ରେ ବଡ଼ ଇନିଂସ୍ ଖେଳି ଦାବି ଉପସ୍ଥାପନର ସୁଯୋଗ ରହିବ।




# ବର୍ଷର ବାକି ଟୁର୍ଣ୍ଣାମେଣ୍ଟ୍ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:** ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଚଳିତ ବର୍ଷର ବାକି ସମସ୍ତ ବ୍ୟାଡ୍‌ମିଣ୍ଟନ୍ ୱାର୍ଲ୍ଡ ଫେଡେରେସନ୍ (ବିଡବ୍ଲ୍ୟୁଏଫ୍) ଟୁର୍ଣ୍ଣାମେଣ୍ଟ୍‌ରୁ ନାମ ପ୍ରତ୍ୟାହାର କରିନେଇଛନ୍ତି। ଗୋଡ଼ରେ ଲାଗିଥିବା ଆଘାତ କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷୀୟା ହାଇଦ୍ରାବାଦୀ ଶଟ୍‌ଲର୍ କହିଛନ୍ତି, ଚିକିତ୍ସା ବିଶେଷଜ୍ଞ ଏବଂ ତାଙ୍କ ସହଯୋଗୀ ଷ୍ଟାଫ୍‌ଙ୍କ ପରାମର୍ଶକ୍ରମେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଚିକିତ୍ସା ବିଶେଷଜ୍ଞଙ୍କ ମଧ୍ୟରେ ପ୍ରସିଦ୍ଧ ହାଡ଼ରୋଗ ବିଶେଷଜ୍ଞ ଡା. ଦିନ୍‌ଶାଁ ପାରଦୀୱାଲ ମଧ୍ୟ ସାମିଲ। ସେ କହିଛନ୍ତି, ଡା. ପାରଦୀୱାଲାଙ୍କ ପରାମର୍ଶ ନେବା ପରେ ଅନୁଭବ କଲି ଯେ ବର୍ଷର ବାକି ଟୁର୍ଣ୍ଣାମେଣ୍ଟ୍‌ରୁ ଓହରିବା ମୋ ପାଇଁ ସବୁଠୁ ଠିକ୍ ନିଷ୍ପତ୍ତି ହେବ। ୟୁରୋପୀୟ ଚରଣ ପୂର୍ବରୁ ମୋ ପାଦରେ ଲାଗିଥିବା ଆଘାତ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ଆଘାତ ଯେକୌଣସି ଖେଳାଳିଙ୍କ କ୍ୟାରିୟର୍‌ର ପ୍ରମୁଖ ଅଂଶ ହୋଇଥାଏ। ତେବେ ଏହାକୁ ସ୍ୱୀକାର କରିବା ସହଜ ହୋଇନଥାଏ। ଏପରି ପରିସ୍ଥିତି ଆପଣଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଥାଏ ଏବଂ ଆପଣଙ୍କୁ ମଜଭୁତ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରେରିତ କରିଥାଏ। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍‌ର ପ୍ରାରମ୍ଭିକ ରାଉଣ୍ଡ୍‌ରୁ ବାଦ୍ ପଡ଼ିବା ପରେ ଚଳିତ ବର୍ଷ ମଧ୍ୟ ସିନ୍ଧୁଙ୍କ ପାଇଁ ଭଲ ନଥିଲା। କେତେକ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡ୍‌ରୁ ସେ ବାଦ୍ ପଡ଼ିଥିବା ବେଳେ ଏହି ଅବସରରେ ସେ ଗୋଟିଏ ବି ଟାଇଟଲ୍ ଜିତିପାରି ନାହାନ୍ତି।



# ପ୍ରଥମ ଟି-୨୦ରେ ଜାମ୍ପାଙ୍କ ସ୍ଥାନରେ ସଂଘା

**କାନବେରା,୨୭।୧୦/ଏଜେନ୍ସି:** ଅକ୍ଟୋବର ୨୯ରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ୫ ମ୍ୟାଚ୍‌ର ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରୁ ଆଦାମ୍ ଜାମ୍ପା ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଲେଗ୍ ସ୍ପିନର୍ ତନବୀର ସଂଘାଙ୍କୁ ଅଷ୍ଟ୍ରେଲିଆ ଟିମ୍‌ରେ ସାମିଲ କରାଯାଇଛି। ଜାମ୍ପା ବ୍ୟକ୍ତିଗତ କାରଣରୁ ପ୍ରଥମ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ ସୋମବାର କହିଛି, ସଂଘା କାନ୍‌ବେରାରେ ଟିମ୍‌ରେ ଯୋଗଦେବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍ ବୁଧବାର (ଅକ୍ଟୋବର ୨୯) କାନ୍‌ବେରାର ମାନୁକା ଓଭାଲ୍‌ରେ ଖେଳାଯିବ। ୨୩ ବର୍ଷୀୟ ତନବୀର ସଂଘା ଶେଷଥର ପାଇଁ ୨୦୨୩ରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏହି ଅବସରରେ ସେ ୭ ମ୍ୟାଚ୍‌ରେ ୨୦ ୱିକେଟ୍ ନେଇଥିଲେ। ଏଥିରେ ୪/୩୧ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହି ମ୍ୟାଚ୍ ସାଉଥ୍ ଆଫ୍ରିକା ବିପକ୍ଷରେ ଡର୍ବାନ୍‌ରେ ଖେଳାଯାଇଥିଲା।

## ଭାରତ ଟେଷ୍ଟ ସିରିଜ୍ ପାଇଁ ସାଉଥ୍ ଆଫ୍ରିକା ଟିମ୍ ଘୋଷିତ

# ଫେରିଲେ କ୍ୟାପ୍ଟେନ୍ ଟେମ୍ବା ବାଭୁମା

**ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:** ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ସୋମବାର ସାଉଥ୍ ଆଫ୍ରିକା ଟିମ୍ ଘୋଷଣା ହୋଇଛି। ଆଘାତରୁ ସୁସ୍ଥ ହେବାପରେ କ୍ୟାପ୍ଟେନ୍ ଟେମ୍ବା ବାଭୁମାଙ୍କର ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଛି। ପାକିସ୍ତାନରେ ଟେଷ୍ଟ ସିରିଜ୍ ଖେଳିଥିବା ସାଉଥ୍ ଆଫ୍ରିକା ଟିମ୍‌ର ଅଧିକାଂଶ ଖେଳାଳିଙ୍କୁ ଟିମ୍‌ରେ ବଜାୟ ରଖାଯାଇଥିବା ବେଳେ ଡେଭିଡ୍ ବେଡିଂଗମ୍‌ଙ୍କ ସ୍ଥାନରେ ବାଭୁମାଙ୍କୁ ସାମିଲ କରାଯାଇଛି। ଭାରତ ଓ ସାଉଥ୍ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ନଭେମ୍ବର ୧୪ରୁ କୋଲ୍‌କାତାରେ ଏବଂ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଗୁଆହାଟୀରେ ଖେଳାଯିବ। ଗତ ସେପ୍ଟେମ୍ବରରେ ବାଭୁମାଙ୍କୁ ଇଂଲଣ୍ଡରେ ଆଘାତ ଲାଗିଥିଲା। ଏହାପରେ ସେ ନୂଆ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ସାଇକ୍ଲରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ଖେଳିପାରି ନଥିଲେ। ଏହି ସିରିଜ୍ ୧-୧ରେ ଡ୍ର’ ହୋଇଥିଲା। ସେହିପରି ଏହି ସପ୍ତାହରେ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା କୌଣସି ହ୍ୱାଇଟ୍ ବଲ୍ ମ୍ୟାଚ୍‌ରେ ମଧ୍ୟ ବାଭୁମା ଖେଳିବେ ନାହିଁ।




**ସାଉଥ୍ ଆଫ୍ରିକା ସ୍କ୍ୱାଡ୍:** ଟେମ୍ବା ବାଭୁମା (କ୍ୟାପ୍ଟେନ୍), ଏଡେନ୍ ମାର୍କରମ୍, ରିଆନ୍ ରିକେଲ୍‌ଟନ୍, ଟ୍ରିଷ୍ଟନ୍ ଷ୍ଟବ୍ସ, କାଇଲ୍ ଭେରିନ୍, ଡେୱାଲ୍ଡ ବ୍ରେଭିସ୍, ଜୁବୈର ହମ୍‌ଜା, ଟୋନୀ ଡି ଜର୍ଜି, କର୍ବିନ୍ ବଶ୍, ୱିଆନ୍ ମୁଲ୍ଡର୍, ମାର୍କୋ ଜାନ୍‌ସେନ୍, କେଶବ ମହାରାଜ, ସେନୁରନ୍ ମୁଥୁସ୍ୱାମୀ, କାଗିସୋ ରବାଡା, ସାଇମନ୍ ହାର୍ମର୍।

# ପ୍ରଥମ ଟି-୨୦: ୱେଷ୍ଟଇଣ୍ଡିଜ୍ ୧୬ ରନ୍‌ରେ ବିଜୟୀ




**ଚଟ୍ଟୋଗ୍ରାମ,୨୭।୧୦/ଏଜେନ୍ସି:** ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ ମଧ୍ୟରେ ତିନି ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ନିଜ ନାମରେ କରିଛି। ଏହା ସହିତ କ୍ୟାରିବିୟାନ୍ ଟିମ୍ ୧-୦ରେ ସିରିଜ୍ ଆଗୁଆ ହୋଇଛି। ଚଟ୍ଟୋଗ୍ରାମର ମତିଉର୍ ରହମାନ୍ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଣ୍ଡିଜ୍ କ୍ୟାପ୍ଟେନ୍ ଶାଇ ହୋପ୍ ଟସ୍ ଜିତି ବ୍ୟାଟିଂ ନେଇଥିଲେ। ଟିମ୍ ନିର୍ଦ୍ଧାରିତ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୧୬୫ ରନ୍ କରିଥିଲା। ଅଲିକ୍ ଅଥାନେଜ୍ ୩୪, ବ୍ରେଣ୍ଡନ୍ କିଙ୍ଗ୍ ୩୩ ଏବଂ ଶେରଫେନ୍ ରଦରଫୋର୍ଡ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ୮୨ ରନ୍‌ରେ ୩ ୱିକେଟ୍‌ର ପତନ ପରେ କ୍ୟାପ୍ଟେନ୍ ଶାଇ ହୋପ୍‌ଙ୍କ ସହ ରୋଭମାନ୍ ପୱେଲ୍ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୪୬ ବଲ୍‌ରେ ୮୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ହୋପ୍ ୨୮ ବଲ୍‌ରେ ଗୋଟିଏ ଚୌକା ଓ ଚାରି ଛକା ସହାୟତାରେ ସର୍ବାଧିକ ୪୬ ରନ୍ ଏବଂ ପୱେଲ୍ ୨୮ ବଲ୍‌ରେ ଗୋଟିଏ ଚୌକା ଓ ଚାରି ଛକା ସହାୟତାରେ ୪୪ ରନ୍ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ତସ୍କିନ୍ ଅହମଦ ୨ଟି ଏବଂ ରିଶାଦ୍ ହୁସେନ ଗୋଟିଏ ୱିକେଟ୍ ନେଇଥିଲେ।

୧୬୬ ରନ୍‌ର ପିଛା କରୁଥିବା ବାଂଲାଦେଶ ୫୭ ରନ୍ ମଧ୍ୟରେ ୫ ୱିକେଟ୍ ହରାଇଥିଲା। ଏହାପରେ ପୂରା ଟିମ୍ ୧୯.୪ ଓଭର୍‌ରେ ୧୪୯ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା। ଟିମ୍ ପକ୍ଷରୁ ସଞ୍ଜିମ୍ ହସନ୍ ଶାକିବ୍ ସର୍ବାଧିକ ୩୩ ରନ୍‌ର ଇନିଂସ୍ ଖେଳିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜାୟଡେନ୍ ସିଲ୍ସ ଓ ଜେସନ୍ ହୋଲ୍ଡର ୩-୩ ୱିକେଟ୍ ନେଇଥିବା ବେଳେ ଅକିଲ୍ ହୁସେନ୍‌ଙ୍କୁ ୨ଟି ସଫଳତା ମିଳିଥିଲା। ଖାରୀ ପିୟରେ ଓ ରୋମାରିଓ ଶେଫର୍ଡଙ୍କୁ ୧-୧ ୱିକେଟ୍ ମିଳିଥିଲା। ଦୁଇ ଟିମ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୨୯ ତାରିଖରେ ଖେଳାଯିବ।

# ସିଡ୍‌ନୀ ହସ୍ପିଟାଲ୍‌ର ଆଇସିୟୁରେ ଶ୍ରେୟସ୍ ଆୟର୍

**ମୁମ୍ବାଇ,୨୭।୧୦/ଏଜେନ୍ସି:** ଭାରତୀୟ ଦିନିକିଆ ଟିମ୍‌ର ଭାଇସ୍ କ୍ୟାପ୍ଟେନ୍ ଶ୍ରେୟସ୍ ଆୟର୍‌ଙ୍କୁ ସିଡ୍‌ନୀର ଏକ ହସ୍ପିଟାଲ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍ ଅବସରରେ ତାଙ୍କ କଙ୍କାଳରେ ଆଘାତ ଲାଗିବା କାରଣରୁ ଇଣ୍ଟରନାଲ୍ ବ୍ଲିଡିଂ ହେଉଛି। ଆୟର୍ ଶନିବାର ତୃତୀୟ ମ୍ୟାଚ୍‌ରେ ଆୟର୍ ବ୍ୟାକ୍‌ୱାର୍ଡ ପଏଣ୍ଟ୍‌ରେ ପଛକୁ ଦୌଡ଼ି ଆଲେକ୍ସ କେରୀଙ୍କ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ଏହି ଅବସରରେ ତାଙ୍କ ବାମ କଙ୍କାଳରେ ଆଘାତ ଲାଗିଥିଲା। ଏହାପରେ ସେ ଡ୍ରେସିଂ ରୁମ୍‌କୁ ଫେରିଥିଲେ ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିଲା। ସ୍କାନ୍ ପରେ ତାଙ୍କ ପ୍ଲୀହା (ସ୍ପିନ୍)ରେ ଆଘାତ ଲାଗିଥିବା ଏବଂ ଇଣ୍ଟରନାଲ୍ ବ୍ଲିଡିଂ ହେଉଥିବା ଜଣାପଡ଼ିଥିଲା। ପରେ ତାଙ୍କୁ




ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ଅବସ୍ଥା ସ୍ଥିର ରହିଛି। ତାଙ୍କୁ ଅତିକମ୍‌ରେ ସାତଦିନ ପର୍ଯ୍ୟନ୍ତ ଅବ୍‌ଜର୍ଭେସନ୍‌ରେ ରଖାଯିବ। ଇଣ୍ଟରନାଲ୍ ବ୍ଲିଡିଂ କାରଣରୁ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଅଧିକ ସମୟ ଲାଗିପାରେ। ଫଳରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ତାଙ୍କ ପ୍ରତ୍ୟାବର୍ତ୍ତନ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସମ୍ପର୍କରେ କହିବା କଷ୍ଟକର। ବିସିସିଆଇ ପକ୍ଷରୁ ସୋମବାର କୁହାଯାଇଛି, ସିଡ୍‌ନୀ ଓ ଭାରତର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ବିସିସିଆଇ ମେଡିକାଲ୍ ଟିମ୍ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ଭାରତୀୟ ଟିମ୍ ଡାକ୍ତର ଆଗାମୀ କିଛିଦିନ ଶ୍ରେୟସ୍‌ଙ୍କ ସହ ସିଡ୍‌ନୀରେ ରହିବେ। ଫଳରେ ତାଙ୍କର ଦୈନନ୍ଦିନ ଉନ୍ନତି ସମ୍ପର୍କରେ ଜଣାପଡ଼ିବ। ରିପୋର୍ଟ ଅନୁସାରେ ତାଙ୍କ ପିତା-ମାତାଙ୍କ ଭିସା କରାଯାଇଛି, ଯାହା ଫଳରେ ସେ ସିଡ୍‌ନୀ ଯାଇ ତାଙ୍କୁ ଭେଟିପାରିବେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra